ଶ୍ରୀ ନବାନୁରାଗ-ରାସୋତ୍ସବ ।

ଶ୍ରୀ ରାଧାମୋହନ ଦେବୌ ଜୟତଃ

ମୁଖବନ୍ଧ ।

ପରମାରାଧ୍ୟ ପୂଜ୍ୟପାଦ ପିତୃଦେବ ଶ୍ୟାମବନ୍ଧୁ ପଟ୍ଟନାୟକ ସାଂସାରିକ ଅବସ୍ଥା ମଧ୍ୟରେ ଥାଇ ଶ୍ରୀକୃଷ୍ଣଙ୍କ ଚରଣାରବିନ୍ଦରେ ମନୋନିବେଶ ଓ ଅଚଳା ଭକ୍ତି ଥିବାରୁ ଭଗବାନ୍ଙ୍କ କୃପାବଳରେ ଶ୍ରୀବିଦଗ୍ଧ ମାଧବ ଭକ୍ତି ଗ୍ରନ୍ଥ ଅବଲମ୍ବନରେ ନବାନୁରାଗ ରାସବ ରଚନା କରି ଅନେକ ଅଧାଧିକ ବର୍ଷ ପୂର୍ବେ ପ୍ରଥମବାର ତାହାର ଅଭିନୟ କରାଇ ସୁଖ୍ୟାତି ଅର୍ଜନ କରିଥିଲେ । ତତ୍ପରେ ବର୍ଷେ ପୂର୍ବେ ଦ୍ୱିତୀୟବାର ଅଭିନୟ ହୋଇଥିଲା । ସୌଭାଗ୍ୟକ୍ରମେ ଛାତ୍ରାବସ୍ଥାରେ ଉକ୍ତ ଅଭିନୟ ମୋହର ଦୃଷ୍ଟି ଗୋଚର ହୁଏ । ସେହି ସମୟରୁ ଗ୍ରନ୍ଥ ମୁଦ୍ରାଙ୍କନ କରିବାର ବାସନା ଜାତ ହୋଇଥିଲା କିନ୍ତୁ ଭଗବାନ୍ଙ୍କ କୃପା ଅଭାବରୁ ତାହା କାର୍ଯ୍ୟରେ ପରିଣତ ହେବାକୁ ବିଳମ୍ବ ହେଲା । ପିତୃଦେବଙ୍କ ରଚିତ ଗ୍ରନ୍ଥ ପ୍ରାଞ୍ଜଳ ଉତ୍କଳ ଭାଷାରେ ନ ହୋଇ ତାହାରେ ଆମ୍ଭମାନଙ୍କର ଦେଶ ପ୍ରଚଳିତ ସଂକୀର୍ତ୍ତନ ଗୀତର ନ୍ୟାୟ ତଦାନୀନ୍ତନ ରୁଚି ଅନୁସାରେ ବଙ୍ଗଭାଷାରେ କେତେକ ଶବ୍ଦ ଯୋଜନା ହୋଇଥିଲା କିନ୍ତୁ ଏହା ବର୍ତ୍ତମାନ ରୁଚିରେ ପ୍ରତିକୂଳ ମନେ କରି ପ୍ରାଞ୍ଜଳ ଉତ୍କଳ ଭାଷା ହେଲେ ଲୋକରଞ୍ଜନ ହେବା ଆଶାରେ ମୈଥିଳି ବଙ୍ଗୀୟ ଶବ୍ଦ ପରିବର୍ତ୍ତେ ବିଶୁଦ୍ଧ ଓଡ଼ିଆ ଶବ୍ଦ ପ୍ରୟୋଗ କରିଅଛି, ଗ୍ରନ୍ଥମଧ୍ୟରେ ଶ୍ରୀବିଦଗ୍ଧମାଧବରୁ ଅଧିକାଂଶ ଶ୍ଳୋକ ଓ ଗୋବିନ୍ଦଲୀଳାମୃତ ଲଳିତମାଧବ, ଗୀତଗୋବିନ୍ଦ; ରସକଳ୍ପଦ୍ରୁମାଦି ଭକ୍ତିଗ୍ରନ୍ଥମାନଙ୍କରୁ ଭିନ୍ନ ଭିନ୍ନ ସ୍ଥାନରେ ଶ୍ଳୋକାବଳୀ ସନ୍ନିବେଷ୍ଟ ହୋଇଅଛି । ପ୍ରତ୍ୟେକ ଶ୍ଳୋକ ତଳେ ତାହାର ନିଦର୍ଶନ ଦେବାରେ ତ୍ରୁଟି କରିନାହିଁ । କେତେକ ଶ୍ଳୋକର ନିଦର୍ଶନ ଠିକ କରି ପାରିନାହିଁ । ଶ୍ରୀରାଧାକୃଷ୍ଣଙ୍କ ଲୀଳା ପାଞ୍ଚଗୋଟି ଅଙ୍କରେ ବର୍ଣ୍ଣିତ ହୋଇଅଛି ପ୍ରଥମ ତିନି ଅଙ୍କରେ ଶ୍ରୀକୃଷ୍ଣଙ୍କର ନାମ ଓ ବଂଶୀଧ୍ୱନି ଶ୍ରବଣ ଓ ଚିତ୍ରପଟ ଦର୍ଶନ କରି ଶ୍ରୀରାଧାଙ୍କ ପ୍ରଗାଢ଼ ପ୍ରେମ ଜାତହେବା ପରେ ଶ୍ରୀ ପୌର୍ଣ୍ଣମାସୀଙ୍କ ଓ ବୃନ୍ଦାଦେବୀ ଓ ସଖୀଗଣଙ୍କ ସାହାଯ୍ୟରେ ସୁମଧୁର ମିଳନ ହୋଇଅଛି ଏହି ତିନିଅଙ୍କର ମୁଦ୍ରାଙ୍କନ ଶେଷ କରି ସହୃଦୟ ଭକ୍ତବୃନ୍ଦଙ୍କ ସମ୍ମୁଖରେ ଅର୍ପଣ କଲି, ସେମାନେ ଏହି ଗ୍ରନ୍ଥ ପାଠକରି ଶ୍ରୀ ରାଧାକୃଷ୍ଣଙ୍କ ଚରଣାରବିନ୍ଦ ଭକ୍ତି ପ୍ରସୂତ ଆନନ୍ଦ ଅନୁଭବ କଲେ ମୁଁ କୃତାର୍ଥ ହେବି । ଏଥିରେ ଯେତେ କିଛି ତ୍ରୁଟି ଲକ୍ଷିତ ହେବ ଭକ୍ତବୃନ୍ଦ ସେମାନଙ୍କ ଉଦାରତା ଗୁଣରେ ମାର୍ଜନା କରିବେ । ଇତି ।

ଶ୍ରୀ ମଦନମୋହନ ପଟ୍ଟନାୟକ ।
୨୨।୮।୨୫ ଗ୍ରା । ରାଧାମୋହନପୁର । ଜି । କୁହୁଡ଼ି । ଜି । ଖୋର୍ଦ୍ଧା ।
ଡିଷ୍ଟ୍ରିକ୍ଟ ପୁରୀ । ହାଲ ମାଣିକଘୋଷ ବଜାର, ସହର କଟକ

ଶ୍ରୀ ନବାନୁରାଗ-ରାସୋତ୍ସବ ।

ଶ୍ରୀ ରାଧାମୋହନ ଦେବୌ ଜୟତଃ

ମଙ୍ଗଳାଚରଣ ।

ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ । ୧ । (ଗୁରୁଗୀତା)

ଜୟ ଜୟ ଗୁରୁଦେବ ସର୍ବଦେବମୟ । ପ୍ରେମ ଦ୍ୱୈଧ-ଭକ୍ତି-ମୁକ୍ତି ଦାୟକ ସଦୟ ହେ ।
ଅଖଣ୍ଡ ବ୍ରହ୍ମାଣ୍ଡ-ପିଣ୍ଡମୟ ଯାର ତନୁ । ଚରାଚର ବ୍ୟାପିଅଛୁ ଯାର ତେଜ ଭାନୁ ହେ ।
ସେ ପ୍ରଭୁଙ୍କ ପାଦପଦ୍ମ କରାଇ ଦର୍ଶନ । ଯେ ତାରିଲେ ମହା-ମହାପାପୀ ଅଜ୍ଞଜନ ହେ ।
ଦୀକ୍ଷା ଶିକ୍ଷା ଦୁଇରୂପେ ହୋଇ ଅବତୀର୍ଣ୍ଣ । ବିସ୍ତାରିଛ ଅନ୍ତର୍ଯ୍ୟାମୀ ଭକ୍ତଶ୍ରେଷ୍ଠ ଗୁଣ ହେ ।୪।
ଶତ ଶତ ପ୍ରଣିପାତ କରେ ତବ ପଦେ । ଆହେ ନାଥ ଆତ୍ମଗତ ହୁଅ ମୋର ହୃଦେ ହେ ।

ଶ୍ଳୋକ—ନିଜପ୍ରଣୟିତାଂ ସୁଧାମୁଦୟମାପ୍ନୁବନ୍ ଯଃ କ୍ଷିତୌ
କିରତ୍ୟଳମୁରୀକୃତ-ଦ୍ୱିଜକୁଳାଧିରାଜସ୍ଥିତିଃ ।
ସ ଲୁଞ୍ଚିତତମସ୍ତତିର୍ମମ ଶଚୀସୁତାଖ୍ୟଃ ଶଶୀ
ବଶୀକୃତ ଜଗନ୍ମନାଃ କିମପି ଶର୍ମ ବିନ୍ୟସ୍ୟତୁ । ୨ ।
(ଲଳିତମାଧବ । ୧ମଅଙ୍କ । ୪ ଶ୍ଳୋକ)

ଜୟ ଜୟ ଗୌରଚନ୍ଦ୍ର ଅକଳଙ୍କ ଶଶୀ । ନିଜ ପ୍ରେମସୁଧା-ଜଳ ବସୁଧାରେ ବର୍ଷି ହେ । ୬
ସ୍ୱଜନ ଚକୋର ହୃଦ କୁମୁଦ ଫୁଟାଇ । ଦେଲ ଦେହ ଗେହ ମୋହ ଅନ୍ଧାର ଛୁଟାଇ ହେ ।।
ଦ୍ୱିଜକୁଳ ଅଧିରାଜପଦକୁ ବିସ୍ତାରି । ତାରିଲ ଚଣ୍ଡାଳଠାରୁ ସିଦ୍ଧ ବ୍ରହ୍ମତ୍ୱ ହେ ।୮।
ବର୍ଣ୍ଣବର୍ତ୍ତୀ କରି ଚକ୍ରବର୍ତ୍ତୀ ଆଦି ନର । ନରକବହ୍ନିରୁ ଦୂର କରିଲ ଅନ୍ତର ହେ । ୯ ।
ନାମ ସଂକୀର୍ତ୍ତନେ ତନମନ ସଦାକାଳ । ବନେ ଡାକ ଅବିଳମ୍ବେ ଦୟାଳୁ ବହିଲ ହେ ।
ସେହି ପ୍ରଭୁ ଅନୁକମ୍ପା କରିବେ ମୋଠାରେ । ଏହି ଭିକ୍ଷା ମାଗେ ପଡ଼ି ତାହାଙ୍କ ପୟରେ ହେ ।।

ଶ୍ଳୋକ—ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।
ପତିତାନାଂ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋ ନମଃ । ୩ ।
(ବୈଷ୍ଣବମହାତ୍ମ୍ୟ).

ଆହେ ବୈଷ୍ଣବଗୋସ୍ୱାମି କର ଅନୁଗ୍ରହ । ମିଥ୍ୟାପଦ୍ଧତି ଏ ଦାରା ସୁତ ବିତ୍ତ ଗୃହ ହେ ।୧୨
ମାୟାଜାଲବନ୍ଧୁଁ ମୋତେ କର ପରିତ୍ରାଣ । ସଦା ସ୍ଫୁରୁ ମମ ହୃଦେ ରାଧାକୃଷ୍ଣ ପ୍ରେମ ହେ ।

ତୁମ୍ଭେ ବାଞ୍ଛାକଳ୍ପତରୁ ଇଚ୍ଛାମୟ-ଦାତା । ତୁମ୍ଭ ମହିମାକୁ ଅନ୍ତ ନୋହେ ବେଦବେତ୍ତା ହେ
ପତିତପାବନବାନା ବହିଛ ଆପଣ । କୃପାସିନ୍ଧୁ ଦୀନବନ୍ଧୁ ଗୁଣେ ସଦା ପୂର୍ଣ୍ଣ ହେ ॥
ଅଧମ ଶ୍ୟାମ ବନ୍ଦନ କରୁଛରେ ଯେଣ । ଅପରାଧ କ୍ଷମାକର ସକଳ ଗୋସ୍ୱାମି ହେ ।୧୨।

ଶ୍ଳୋକ— ଶ୍ରୀରାଧାପ୍ରାଣବନ୍ଧୋଶ୍ଚରଣକମଲୟୋଃ କେଶଶେଷାଦ୍ୟଗମ୍ୟା
ଯା ସାଧ୍ୟା ପ୍ରେମସେବା ବ୍ରଜଚରିତପରୈର୍ଗାଢ଼ଲୌଲ୍ୟୈକଲଭ୍ୟା ।
ସା ସ୍ୟାତ୍ପ୍ରାପ୍ତା ଯୟା ତାଂ ପ୍ରଥୟିତୁମଧୁନା ମାନସୀମସ୍ୟ ସେବାଂ
ଭାବ୍ୟାଂ ରାଗାଧ୍ୱପାନ୍ଥୈର୍ବ୍ରଜମନୁଚରିତଂ ନୈତ୍ୟିକଂ ତସ୍ୟ ନୌମି ।୪।
(ଗୋବିନ୍ଦଲୀଳାମୃତ ୧ମ ସର୍ଗ ୩ୟ ଶ୍ଳୋକ)

ବନ୍ଦଇଁ ଶ୍ରୀରାଧା ପ୍ରାଣବନ୍ଧୁ ପଦଦ୍ୱନ୍ଦ୍ୱ । ବ୍ରହ୍ମା ଶେଷ ଶେଷେ ଅଗୋଚର ଯାର ପାଦ ହେ
ପ୍ରେମସେବାସାଧ୍ୟ ଯେହୁ ଗାଢ଼ଲୋଭେ ମିଳେ । ବ୍ରଜାନୁଗାଶ୍ରିତ ଜନା କେ ନଜାଏ ଚଳେ ହେ
ରାଗମାର୍ଗେ ଭକ୍ତ ମାନସରେ ସଦା ସେବା । ବ୍ରଜ ଅନୁଚରିତରେ ଯେହୁ ଚିତ୍ତ ଦ୍ରବ ହେ ।୩।
ସଙ୍ଗୀର ସେବକପଦେ ସେବ ପଦ ପଦେ । ଅଛି ଯେହି ତେହି ଏହି ପ୍ରେମ ପାଏ ମୋ ଦେହେ
ସେହି ରସାଶ୍ରୟେ ଭକ୍ତେ ମାଗେ ହୋଇ ଦୀନ । ଅନାୟାସେ କର ମୋର କାମନା ପୂରଣ ହେ
ଶ୍ରୀ ଭାବାନୁରାଗ ରସ କରିବ ରଚନ । ତବ ପଦ ଅନୁକମ୍ପା ଯେବେ ହେବ ଦାନ ହେ ॥
ଅତ୍ୟନ୍ତ ପାମର ମୁହିଁ ମୂଢ଼ ଭକ୍ତିହୀନ । କ୍ଷମାକର ଦୋଷ ମୋର ସର୍ବ ସାଧୁଜନ ହେ ।୪।
ସାଷ୍ଟାଙ୍ଗ ଜଡ଼ ଜନପଦେ କରୁଛି ବନ୍ଦନ । କହେ ଶ୍ୟାମ ଦୋଷ କ୍ଷମାକର ସର୍ବଜନ ହେ ।

ସୁଧାନାଂ ଚାନ୍ଦ୍ରୀଣାମପି ମଧୁରିମୋନ୍ମାଦଦମନୀ,
ଦଧାନା ରାଧାଦିପ୍ରଣୟଘନସାରୈଃ ସୁରଭିତାଂ ।
ସମନ୍ତାତ୍ସନ୍ତାପୋଦ୍ଗମବିଷମସଂସାରସରଣୀ—
ପ୍ରଣୀତାଂ ତେ ତୃଷ୍ଣାଂ ହରତୁ ହରିଲୀଳା ଶିଖରିଣୀ ।୫। ବଃ ମାଃ ଅ ।୧୫।

ଶୁଣ ହେ ସାଧ୍ୟ ସାଧନ ତତ୍ତ୍ୱ ବର୍ଣ୍ଣନୀ । ଅନର୍ଥନିବୃତ୍ତି ପ୍ରେମ ଭକ୍ତି ଗ୍ରନ୍ଥ ଏହ ହେ ।୧।
ଇନ୍ଦୁ ବିନ୍ଦୁ କ୍ଷୀରସିନ୍ଧୁ ସ୍ଥିତ ସୁଧା ସ୍ୱାଦୁ । ଗର୍ବ ଖର୍ବ କରିବାରେ ହୋଇଅଛି ସାଧୁ ହେ ॥
ଯେ ଗୁଣଗଣତ ଉନ୍ମାଦର ଦୂରକାରୀ । ରାଧାଦି ପ୍ରଣୟବର୍ଦ୍ଧୁ ଗନ୍ଧ ଅଛି ଧରି ହେ ।୨।
ସଂସାରସରଣି ଭ୍ରମଣରେ ପରିଶ୍ରମୀ । ହୋଇଣ ତୃଷାର୍ତ୍ତ ହୋଇଅଛି ଯେଉଁ ପ୍ରାଣୀ ହେ ॥
ସେହି ସମସ୍ତଙ୍କ ତୃଷ୍ଣାହରଣେ ସକ୍ଷମ । ହୋଇବ ଏ ହରିଲୀଳା ଶିଖରିଣୀ ସମ ହେ ।
ଯାହିଁ ଏହି ଗୋପୀ-ଗୋପୀନାଥଙ୍କ ବିଳାସ । ଅଛି ରାଧା ମଦନମୋହନ ପ୍ରେମରସ ହେ ॥
ଜୟ ଜୟ ଗୌରଚନ୍ଦ୍ର, କରୁଣାବତାର । ରାଧାକୃଷ୍ଣ ଲୀଳା ମକରନ୍ଦ ମଧୁକର ହେ ।୩।
ତୁହିଙ୍କ ପ୍ରେମରେ ଲୋଭାହୋଇ ଗୌରହରି । ପ୍ରବେଶ ହୋଇଲେ ଯାହିଁ ବୃନ୍ଦାବନପୁରୀ ହେ

ସେହି ପ୍ରେମମତ୍ତ ନାନାଦେଶୁଁ ଭକ୍ତଗଣ । ପ୍ରବେଶ ହୋଇଲେ ଅକସ୍ମାତ୍ରେ ବୃନ୍ଦାବନ ହେ
ବୃନ୍ଦାବନ ଦେଖି ବହୁ ଉଲ୍ଲସିତ ହେଲେ । ଭ୍ରମି ଭ୍ରମି କେଶୀତୀର୍ଥେ ଯାଇ ପ୍ରବେଶିଲେ ହେ;
ମଙ୍ଗଳାରୋପଣ କରି ଅଧିବାସ କଲେ । ଶ୍ୟାମବନ୍ଧୁ ତାହା ନେତ୍ରେ ମନେ ଧ୍ୟାନ କଲେ ହେ ।

ଶ୍ଲୋକ — ମାଙ୍ଗଲ୍ୟଂ ଦଧି ରୋଚନଂ ମୁକୁରଂ ଦୀପଞ୍ଚ ରମ୍ଭାତରୁଂ
କୁମ୍ଭଂ ପୂର୍ଣ୍ଣଜଳଂ ସୁପୀତବସନଂ-ଦୁର୍ବାଦଳଂ ତଣ୍ଡୁଳଂ ।
ଚୂତପଲ୍ଲବନାରିକେଳସହିତଂ ପଦ୍ମଂ ଚ ଶାଳିସ୍ଥିତଂ
ଚୈତନ୍ୟୋଽପ୍ୟଧିବାସମେବ କୁରୁତେ ନାନାଦି ବାଦ୍ୟୋତ୍ସବ । (ଶ୍ରୁତସାର)

ଦଧି ଅକ୍ଷତ ଧୂପ ଦୀପ ବିଧାନ ମଙ୍ଗଳ । ଘଟ ପୂର୍ଣ୍ଣଜଳ ଚୂତପତ୍ର ନାରିକେଳ ହେ ।୧।
ରମ୍ଭାତରୁ ଚଉପାଶ ଶୋଭା ପୁଷ୍ପମାଳ । ଦର୍ପଣ ରୋଚନା ପଦ୍ମ ଶାଳି ଦୂର୍ବାଦଳ ହେ ।୨।
ନାନା ଗୀତ ଗାନ ନାନା ବାଦ୍ୟ ସୁମଙ୍ଗଳ । ଜୟଶବ୍ଦେ ହୁଳହୁଳି ଦିଅନ୍ତି ନାରୀକୁଳ ହେ ।୩।
ଘଣ୍ଟା ବାଜେ ଶଙ୍ଖ ବାଜେ ବାଜେ ତାଳ ଖୋଳ । ସର୍ବଭକ୍ତେ ଅଧିବାସ କରି ହୋନ୍ତି ବିହ୍ୱଳ ହେ ॥
ଏପରି ସମୟେ ଏକ ସାଧୁ ମହାଶୟ । ମିଳିଲେ ସେସ୍ଥାନେ ମାନ୍ୟ ଶ୍ରୀରଦଙ୍କ ପ୍ରାୟେ ହେ ।
ତାଦୃଶ ବ୍ରଜର ପ୍ରେମରସରେ ପ୍ରବୀଣ । ଗାନ୍ଧର୍ବ ବ୍ରହ୍ମବିଦ୍ୟାରେ ମଧ୍ୟ ତାଙ୍କ ସମ ହେ ।
ଶ୍ରୀ ରୂପଗୋସ୍ୱାମୀ-ମହାଶୟଙ୍କ ଏ ଶିଷ୍ୟ । ପ୍ରେମେ କହୁଛନ୍ତି ରାଧାକୃଷ୍ଣଙ୍କୁ ସ୍ମରଣ ହେ ।୭।
ବ୍ରଜେ ଯେତେ ରସ ଉପାସକ ଭକ୍ତଗଣ । ସମସ୍ତଙ୍କ ଗୁରୁ ତେଣୁ ସୂତ୍ରଧାର ନାମ ହେ ।୮।
ବ୍ରଜଲୀଳା ଅଭିନୟହେତୁ ଶୁଦ୍ଧ ଘଟ । ଅନୁରୂପ ହୋଇ ଧରି ଅପ୍ରାକୃତ ଅଙ୍ଗ ହେ ।୯।
ସଖୀର ସେବକ ହୋଇ ନିତ୍ୟ ନିକୁଞ୍ଜେ । ସେବା କରି ନିତ୍ୟ ରାଧାକୃଷ୍ଣ ମଦନରଙ୍ଗେ ହେ ॥
ସେ କହନ୍ତି ଆହେ ରସାଶ୍ରୟୀ ଭକ୍ତମାନେ । ଏ ଦୀନ ହୀନ ବଚନ ଶୁଣ ସାବଧାନେ ହେ ।୧୧।
ଚତୁର୍ଦ୍ଦଶ-ଲୋକଗୁରୁ ବ୍ରଜ ଆଦିଦେବ । ରାଧାକୃଷ୍ଣଲୀଳା ଚନ୍ଦ୍ରିକାନାଟର ପାଠକ ହେ ।
ସେହି ଗୋପୀଶ୍ୱର ପ୍ରଭୁ କୃପାବେଶ ମୋତେ । ଯାହା ଆଜ୍ଞା ଦେଲେ ତାହା ଶୁଣ ଶ୍ରଦ୍ଧାମତେ ହେ ।
ଆହେ ନର୍ତ୍ତକସାମନ୍ତ ଭକ୍ତଶିରୋମଣି । ଏହି ଆଜ୍ଞା ପାଳନ କରନ୍ତୁ ହୃଷ୍ଟ ଶ୍ରମୀ ହେ ।
ନାନାଦି ଦେଶ ରସିକ ସନ୍ତ ଭକ୍ତମାନେ । କେଶୀତୀର୍ଥେ ଉପସ୍ଥିତ ହୋଇ ମହାପ୍ରେମେ ହେ ॥
ମୂର୍ଚ୍ଛିତ ପ୍ରେମ-ଉତ୍କଣ୍ଠାହେତୁ ହୋଇ ଶୂନ୍ୟ । ଲୀଳାସ୍ଥଳମାନ ଦେଖି ବିରହେ ଅଜ୍ଞାନ ହେ ।
ଧନ୍ୟ ଧନ୍ୟ ସେହି ଭକ୍ତଗଣ ମୋର ପ୍ରାଣ । ସର୍ବଦା ସ୍ନେହେ ଘେନେ ଉତ୍କଣ୍ଠା ବଚନ ହେ ।

ଶ୍ଲୋକ—କୃତଂ ଗୋପୀବୃନ୍ଦୈରିହ ଭଗବତୋ ମାର୍ଗଣମଭୂ—
ଦିହାସୀତ୍ କାଳିନ୍ଦୀପୁଳିନବନମଧ୍ୟେ ରାସରଭସଃ ।
ଇତ ଶ୍ରାବଂ ଶ୍ରାବଂ ଚରିତମସକୃଦ୍ଗୋକୁଳପତେ—
ର୍ନ ଚିନ୍ତାବ୍ଧେଃ ପାରଂ କଥମପି ଦିନାନି ଗମୟତି । ବୃଃ ମଃ ।୬।

ମହାରାସେ ସର୍ବଗୋପୀ କୃଷ୍ଣଙ୍କ ବିଚ୍ଛେଦେ । ଏହିରୂପେ ଅନ୍ୱେଷଣ କଲେ ପଦେ ପଦେ ହେ ॥
ଏହି କାଳିନ୍ଦୀର ତୀରେ ରାସମହୋତ୍ସବ । ଉପକ୍ରମ କରିଥିଲେ ଶ୍ରୀରାଧାମାଧବ ହେ ॥
ଏହି କାଳିନ୍ଦୀର ତଟେ ଅପହୃତ ବସ୍ତ୍ର । ଉଚ୍ଚକେବର ଥିଲେ ଲୁଚିବାକୁ ଗୋପୀଚନ୍ଦ୍ର ହେ ॥
ଏରୂପ ଚରିତମାନ ସ୍ମରି ସର୍ବଭକ୍ତ । ଅବନୀ ଲୋଟନ୍ତି ପ୍ରେମେ ହୋଇ ବାଷ୍ପଯୁକ୍ତ ହେ ।
ସର୍ବେ ଏଥି କହନ୍ତି କେତେ କେତେ ଦିନମାନ । ନ ଦେଖି ମୋହର ହୁଏ ମହାଦୁଃଖ ମନ ହେ
ତୁମ୍ଭେ ଏମାନଙ୍କ ପ୍ରତି କର ଉପକାର । ଯେପରି ହେବେ ଏମାନେ କଷ୍ଟରୁ ଉଦ୍ଧାର ହେ ।
ସୁଧାକଲ୍ଲୋଳିନୀ ଆହ୍ଲାଦିନୀ ପ୍ରେମଯୁକ୍ତ । କଉଣସି ରାସଲୀଳା ତୁମ୍ଭେ କର ବ୍ୟକ୍ତ ହେ ।
ସେହି ଲୀଳାଦ୍ୱାରା ସାକ୍ଷାତ ରାଧାକୃଷ୍ଣ ମୂର୍ତ୍ତି । ହେବ ପ୍ରକଟ, ଧରଣ ଅଦ୍ଭୁତା ଶକ୍ତି ହେ ।
ଚନ୍ଦ୍ରିତ ମଣ୍ଡିତ ବ୍ରଜଦେବୀ ସଖାସଖୀ । ପ୍ରକଟ ହୋଇବେ ରାସଲୀଳାଁ ଉପଲକ୍ଷି ହେ ।
ମୋର କୃପାହେତୁ ସବୁ ହୋଇବ ଘଟଣା । ଅପ୍ରାକୃତ ଲୀଳା ସର୍ବେ କରିବେ କଳନା ହେ ।
ଆପଣ ଏ ରାସୋତ୍ସବ ଯେ ନାଟକ କରିବେ । ସାକ୍ଷାତ ଶ୍ରୀ ରାଧାକୃଷ୍ଣ ତଥା ବିଳସିବେ ହେ ॥
ସ୍ୱପ୍ନାନ୍ତରେ ମୋର ଅଷ୍ଟ ସାତ୍ତ୍ୱିକ ହୋଇଲା । ପୁନଃ ପୁନଃ ହୋଇ ଏହି ଶ୍ଳୋକ ସ୍ଫୂର୍ତ୍ତି ହେଲା ହେ

ଶ୍ଳୋକ—ଉପାର୍ଣ୍ଣାଭୁତମାଧୁରୀ—ପରିମଳସ୍ୟାଖିରଲୀଳସ୍ୟ ମେ
ଦ୍ୱୈତଂ ହନ୍ତ ! ସମସ୍ତ ଯନ୍ତ୍ରୁ ହୁଉସୌ ଚକ୍ଷୀଷ୍ଟତେ ଶ୍ରବଣଃ ।
ଚେତଃ କେଳିକୁତୂହଳୋତ୍ତରଳିତଂ ସତ୍ୟଂ ସଖେ ମାମକଂ
ଯସ୍ୟ ପ୍ରେକ୍ଷ୍ୟ ସ୍ୱରୂପତାଂ ବ୍ରଜବଧୂ—ସାରୂପ୍ୟମନ୍ୱିଚ୍ଛତି ।

ଲଳିତମାଧବ ୪ ଅଙ୍କ ୧୯ ଶ୍ଳୋକ ।

ଏହି ରାସୋତ୍ସବ ବୃତ୍ତ ମଥୁରାନଗରେ । ଆଲେଖିକା ନ କରି ସାକ୍ଷାତ ଗନ୍ଧର୍ବ ନୃତ୍ୟରେ ହେ ।
ତହିଁ ନଟ କୃଷ୍ଣଶୋଭା ରାଧା ହେମ-କଳା । ସ୍ୱରୂପର ସାମ୍ୟ ଦେଖି ବିସ୍ମୟରେ ଭୋଳ ହେ ॥
ସ୍ୱ ମାଧୁର୍ଯ୍ୟ ରାଧାପ୍ରେମ ଆସ୍ୱାଦନ ଲୋଭେ । ବ୍ରଜବଧୂ ସାରୂପ୍ୟକୁ ମନେ ଘେନେ ସବେ ହେ ।
ଆଜୀବନ ସେହିଭାବ କରଣ ଭାବନ । ନବଦ୍ୱୀପେ ଗୌରରୂପେ ହେଲେ ଅବତୀର୍ଣ୍ଣ ହେ ।
ସେହିପରି ରାସୋତ୍ସବ ନୃତ୍ୟବନ୍ଧେ ମୁହିଁ । ଦେଖାଇବି ଗୁରୁ ଗୋପେଶ୍ୱର କୃପା ପାଇଁ ହେ
ଯେଉଁ ଭକ୍ତ ଏହି ରାସୋତ୍ସବକୁ ଦେଖିବେ । ସେ ନିଶ୍ଚୟ ଶ୍ରୀରାଧାକୃଷ୍ଣଙ୍କ ଦାସ ହେବେ ହେ ।
ଏହିକାଳରେ ପାରିପାର୍ଶ୍ୱିକ ପ୍ରବେଶିଲେ । ଗୁରୁଦେବ ସୂତ୍ରଧାର ପଦେ ନମିଲେ ହେ ।
ହେ ଗୁରୁଦେବ ବିଦଗ୍ଧମାଧବନାଟକ । ଗ୍ରନ୍ଥ ଅନୁସାରେ ବେଶ ହୋଇଲେ ବାଳକ ହେ ।
ଶ୍ରୀରାଧା ଶ୍ରୀକୃଷ୍ଣ ବ୍ରଜଦେବୀ ସଖା ସଖୀ । ପ୍ରକଟିତ ହେଲେ ଦେଖି ଆନେ ହୁଏ ସୁଖୀ ହେ ।
ଶୁଣି ପରସ୍ପର ହେଲେ ସୂତ୍ରଧାର ମନେ । ଯାବନ୍ତ କିରୂପେ ହେଲା ଏ ବୁଦ୍ଧି ରାଧାଙ୍କ ହେ ।
ନା ହେବାର ହେଲା କାହାରେ କେଉଁ ଫଳ । ତିଳୁ ଆଜ୍ଞାବଳେ ସବ ହୋଇଅଛୁ ଫଳ ହେ ॥

ଶ୍ଳୋକ—ମମାସ୍ମିନ୍ ସନ୍ଦର୍ଭେ ଯଦପି କବିତା ନାତି ଲଳିତା;
ମୁଦଂ ଧାସ୍ୟନ୍ତ୍ୟସ୍ୟାଂ ତଦପି ହରିଗନ୍ଧାଦ୍ବୁଧଗଣାଃ ।
ଅପଃ ଶାଲଗ୍ରାମପ୍ଲବନଗରିମୋଦ୍ଗାରସରସାଃ
ସୁଧୀଃ କୋବା କୌପୀରପି ନମିତମୂର୍ଦ୍ଧା ନ ପିବତି । ୧। ବିଃ ମାଃ ୧।୯

ମୋର ଏହି ସନ୍ଦର୍ଭରେ କବିତା ଲଳିତ । ନ ହେଲେ କରିବ ସାଧୁ ହୃଦୟ ମୋହିତ ହେ
ହରିଚରିତ ପୂରିତ ହୋଇଛି ଏ ଗ୍ରନ୍ଥ । ଏହି ହେତୁ ସାଧବେ ହୋଇବେ ପ୍ରମୋଦିତ ହେ ॥
କୂପଜଳେ ଶାଳଗ୍ରାମ କରାଇଲେ ସ୍ନାନ । ନମ୍ରଶିରେ କେ ପଣ୍ଡିତ ନ କରନ୍ତି ପାନ ହେ ॥
ଶିଷ୍ୟ କହେ ହେ ଗୁରୁ ଏକ ଉପାୟରୁ । କରିବ ଏ ସ୍ୱସଙ୍କଳ୍ପ ପୂର୍ତ୍ତି ହେବାକୁ ହେ ॥
ଦେଖ ଏ ସଦ୍‌ଭକ୍ତ ସର୍ବେ ବୃନ୍ଦାବନଧାମ । ତ୍ରିଦେବତାଙ୍କ ଉପହାସ କରୁଛନ୍ତି ଭୂରି ହେ ।
ମୂର୍ତ୍ତିବନ୍ତେ ସମସ୍ତଙ୍କୁ ତୃପ୍ତି କରାଇବ । ମୁହିଁ ଗାନ୍ଧର୍ବିକ କାହିଁ ସତ୍ୟା ବଇଭବ ହେ ॥
ସୂତ୍ରଧାର କହେ ପୁଣ ! ବୃଥା ଉଦ୍ବେଗର । ତର୍କକୁ କରୁଛି ଶୁଣ ସ୍ୱଭାବ ତାହାଙ୍କର ହେ ॥

ଶ୍ଳୋକ—ଅପ୍ରେକ୍ଷ୍ୟ ଜ୍ଞାନମାତ୍ମନୋ ବୃନ୍ଦାବନ ପ୍ରତ୍ୟା ପରେଷାଂ ପ୍ରିୟଂ
ଲଭ୍ୟନ୍ତେ ଦୁରତୋଦ୍ଗମାଦବ ନନଜସ୍ତୋତାନୁବନ୍ଧାଦପି ।
ତଦ୍ୟାବତ୍ତୁଳାଦିବସ୍ତ ଯଦମୀ ହାନ୍ତ କ୍ରମାନ୍ନମ୍ରତାଂ
ରମ୍ୟା କାପି ସତାମିୟଂ ଜଗତ୍ସୁତ ନୈସର୍ଗିକୀ ପ୍ରକ୍ରିୟା । ବିଃ ମାଃ ୧।୧୧

ଆପଣାର ଗୁଣ ମାନି ଥାନ୍ତି ସଦାବେଳେ । ଚିତ୍ତରେ କରନ୍ତି ପରପ୍ରିୟ ଅବହେଳେ ଜନ୍ତୁ
ନିଜ ଜନ ସ୍ତୋତ୍ର ଶୁଣି ଦୂରତ ଉପୃଜେ— । ସର୍ବେ ଏ ହୁଅନ୍ତି ଏ ସାଧବେ ନେଡ଼ନ ହେ ।
ତଦ୍ୟା ବତ୍ତ୍ୱ ଭୂଳ ଶୀଳ ଅଟେ ଯେତେ । ନମ୍ରତାକୁ ଭଜନ୍ତି ଏମାନେ ତେତେ ତେତେ ହେ
ସଜ୍ଜନମାନଙ୍କ ମତ ସ୍ୱଭାବ ଏ ଏବେ । ସେ ସବୁଙ୍କ ଲବ ସଙ୍ଗ ହେମ ପ୍ରୟୋଜନ ହେ ।
ଯଦି ଅରସିକ ଜନ ଏଥି କେହି ଥିବେ । ଅବଶ୍ୟେ ଏ ଗ୍ରନ୍ଥରେ ବିମୁଖ ହୋଇବେ ହେ
ଏଥି ଲଗି ମୋର ମନେ ଭୟ ଜାତ ହୁଏ । ଶୁଣି ଶିଷ୍ୟ କହେ ଗୁରୁ ଏ କଥା ନ ହୁଏ ହେ

ଶ୍ଳୋକ—ଉଦାହରଣଂ ନାମ ରସ ନଭଜ୍ଞାଃ କ୍ରତୌ ଧ୍ୟାନୀ ରହିତାଃ ସ୍ଫୁରନ୍ତି ।
ହ୍ରମେଳକୈଃ ଭାମମୁପେକ୍ଷିତେଽପି କାଃ କ୍ଷତିଂ ଯାନ୍ତି ପରଂ ରସାଳେ । ବିଃ ମାଃ ୧।୬

ରସ ଅନଭିଜ୍ଞ-ଜନ ସଦା ଥାନ୍ତି ମାନେ । କୁକଣ୍ଟ ଭିଷ୍ଟା ପ୍ରତିଷ୍ଠା ସେହି ମନେ ହେ ॥
ସେମାନେ ଏ ଗ୍ରନ୍ଥ ପଢ଼ି ହୋଇଲେ ବିମୁଖ । କି ହାନି ହେବ ଆମ୍ଭର ତହିଁ ଏତେ ଦୁଃଖ ହେ
ଏ ମହା ମହାପଣ୍ଡିତ ରସିକ ସନ୍ତଙ୍କୁ । ସମସ୍ତଙ୍କ ଚିତ୍ତ ତୃପ୍ତି କରିବ ଏ ଗ୍ରନ୍ଥ ହେ ।
ଉଷ୍ଟ୍ର ରସାଳମୁକୁଳ-ସ୍ୱାଦ ତ୍ୟାଗକରେ । ନ ଖାଏ ବୋଲି ତାହାକୁ କୋକିଳ ସବଗରେ ହେ
ଗୁରୁ ଶୁଣି ସମସ୍ତ ନଟଙ୍କୁ ଦୃଷ୍ଟି ଦେଇ । ହର୍ଷଯୁକ୍ତ ହୋଇ ଉଚ୍ଚେ କହେ ସ୍ୱର ବନ୍ଧ ହେ

ଆହେ ହେ ବୈଷ୍ଣବ-ସିନ୍ଧୁ ପ୍ରିୟ ଭକ୍ତଗଣ । ଭାଗବତ ଧର୍ମ ତତ୍ତ୍ୱଜ୍ଞାତା ଗୁରୁ-ପାଦ ହେ ।
ଆପଣମାନଙ୍କ ସାକ୍ଷାତରେ କି ବକ୍ତୃତା । କରନ୍ତୁ କୀଟ ହୋଇଲେ କର ଉତ୍କଣ୍ଠିତା ହେ ।
ଏ ଦୁର୍ଗମ ପଦଖାରେ ପଙ୍ଗୁ ହେବାକୁ । ଉପଗତ ହୋଇଅଛି ମମ ବ୍ରଜଲୀୟକୁ ହେ ॥
ଏତେ କହି କର ଦୁଇ ଯୋଡ଼ି ପ୍ରଣିପାତ । ହୋଇ ଗ୍ରନ୍ଥ କହେ ଏହିରୂପେ ମୋର ଶ୍ରଦ୍ଧା ହେ

ଶ୍ଲୋକ — ଅବ୍ୟକ୍ତା ମନ୍ତ୍ରଃ ପ୍ରକୃତିଲଘୁରୂପାପି ବୁଧା
ବିଧାତ୍ରୀ ସିଦ୍ଧାର୍ଥାନ୍ ହରିଗୁଣମୟୀ ବଃ କୃତିରିୟଂ ।
ପୁଲିନ୍ଦେନାପ୍ୟଗ୍ନିଃ କିମୁ ସମିଧମୁନ୍ମଥ୍ୟ ଜନିତୋ
ହିରଣ୍ୟଶ୍ରେଣୀନାମପହରତି ନାନ୍ତଃକଲୁଷତାଂ । (ବିଃ ମାଃ ୧।୩)

ଲଘୁପ୍ରକୃତ ମୋହର ଅଟଇ ଯଥାର୍ଥ । ତୋମାର ମୁଖେ ଏହି ଗ୍ରନ୍ଥ ହେଲା ପ୍ରକଟିତ ହେ ।
ହରିଗୁଣମୟ ହେତୁ ସାଧୁମାନଙ୍କର । ସିଦ୍ଧାର୍ଥକୁ ବିଧାନ କରିବ ନିରନ୍ତର ହେ ।
ପୁଲିନ୍ଦ ମଥିତ ଅଗ୍ନି ଜାତ ହୋଇ । ସୁବର୍ଣ୍ଣର ମଳିନତା ନ ହରେ କି ସେହି ହେ ॥
ଅତଏବ ଇଷ୍ଟଦେବ ଭଗବତ ସ୍ତବ । କରି କରୁଛି ଏ ସପ୍ତ-ମାଧୁରୀ ଆରମ୍ଭ ହେ ॥

ପ୍ରପନ୍ନମଧୁରୋଦ୍ଭବଃ ସ୍ଫୁରଦନନ୍ଦବୃନ୍ଦାଟବୀ—
ନିକୁଞ୍ଜମଣି ମଣ୍ଡପପ୍ରଚୁରମଧ୍ୟବନ୍ଧସ୍ଥିତଃ ।
ନିରଙ୍କୁଶକୃପାମ୍ବୁଧିର୍ଜନବିହାରରତ୍ୟନ୍ୱିତଃ
ସନାତନତନୁଃ ସଦା ମୟି ତନୋତୁ ତୃଷ୍ଟିଂ ପ୍ରଭୁଃ । (ବିଃ ମାଃ ୧।୪)

ଦୀର୍ଘଛନ୍ଦ — ସନ୍ତତ ବସନ୍ତ ବାତ ଯହିଁ ହୁଏ ଅଧିଷ୍ଠିତ ସେ ବୃନ୍ଦାବନ ନିକୁଞ୍ଜମଧ୍ୟେ ।
ଅଛି ଯେଉଁ ମଣିମୟ-ମଣ୍ଡପ ତହିଁ ବିଜୟ ସଦା କରନ୍ତି ମନ-ମୁଦେ ॥
ସେ ମଧୁପଦ୍ମଚରଣ ସଦା ମନେ କରି ଧ୍ୟାନ ବାଞ୍ଛା ପୂର୍ଣ୍ଣ ହୋଇବ ଅବାଧେ ।
ନିରଙ୍କୁଶ କୃପାମ୍ବୁଧି ନାହିଁ ଯାହାର ଅବଧି ଜନବିହାରେ ରଞ୍ଜିତ ଚିତ୍ତ ।
ସନାତନ ତନୁ ସଦା ମୋତାରେ କରୁଣା ସୁଧା-ଦୃଷ୍ଟି ବୃଷ୍ଟି ହେଉ ଅବିରତ ।

ଶ୍ଲୋକ — ଭକ୍ତାନାମୁଦଗାଦନର୍ଗଳଧିୟାଂ ବର୍ଗୋ ନିସର୍ଗୋଜ୍ଜ୍ୱଳଃ
ଶୀଳୈଃ ପଲ୍ଲବିତଃ ସ ବଲ୍ଲବବଧୂବନ୍ଧୋଃ ପ୍ରବନ୍ଧୋଽପ୍ୟସୌ ।
ଲେଭେ ଚତ୍ୱରତାଞ୍ଚ ତାଣ୍ଡବବିଧେର୍ବୃନ୍ଦାଟବୀଗର୍ଭଭୂ—
ର୍ମନ୍ୟେ ମଦ୍ୱିଧ ପୁଣ୍ୟମଣ୍ଡଳପରୀପାକୋଽୟମୁନ୍ମୀଳତି । (ବିଃ ମାଃ ୧।୫)

ଦୀର୍ଘଛନ୍ଦ — ତତ୍ତ୍ୱନିଷ୍ଠ୍ୟ କହେ ଶୁଣ, ଦେଖ ନିର୍ମଳ-ହୃଦୟ, ଅନର୍ଗଳ ବୁଦ୍ଧିରେ ଶୁଣ ।
ଅଟନ୍ତି ଏ ସବୁ ଭକ୍ତ, ଏମାନଙ୍କ ଉପଗତ, ହେବାରୁ ସର୍ବଦା ମଙ୍ଗଳ ହେ ।

ଭବ ! ହେ ! ବ୍ରଜବଧୂ ଚଞ୍ଚୁର ଏ ଗ୍ରନ୍ଥ, ସ୍ୱଭାବରେ ମହା ପଣ୍ଡିତ ହେ । ୨ ।
ଅଭି ସର୍ବେ ବୁଦ୍ଧିଶୁଦ୍ଧ୍ୟ, ତାଣ୍ଡବ ତାଣ୍ଡବଧାନେ, ବୃନ୍ଦାବନ ତତ୍ତ୍ୱରେ ମିଳନ୍ତ ହେ
ମୋହନ ପୂର୍ବେ ମଣ୍ଡଳ, ହୋଇ ପରାକେ ମେଳ, ବୃନ୍ଦାବନତତ୍ତ୍ୱ ସମ୍ମତ ହେ ॥
ଭବ ! ହେ ! ସାଧୁଜନଙ୍କର ଭବ ସଙ୍ଗ, ନ ହୁଅଇ କେଉଁ ଅପବର୍ଗ ହେ । ୩ ।
ଏବେ ସତ୍ତ୍ୱରେ ସରସ,— ରସମାଧୁରୀ ଉଲ୍ଲାସ, ନରଲାସ୍ୟ ବିଳାସ ଭୂଷଣେ ।
ଏ ସବୁ ଶୁଦ୍ଧଚରିତ, ଜଗଏ ଚମତ୍କାରିତ, ଗାନ୍ଧର୍ବ ବୃତ୍ତିବିଦ୍ୟାରେ ବର୍ଣ୍ଣେ ହେ ।
ଭବ ! ହେ ! ଯେଉଁ ବିଦ୍ୟାଙ୍କର ଚାରିମାନ, ହରନ୍ତି ସକଳ ଜନମନ ହେ । ୩ ।

ଶ୍ଳୋକ—ସୋଽୟଂ ବସନ୍ତସମୟଃ ସମିୟାୟ ଯସ୍ମିନ୍
ପୂର୍ଣ୍ଣଂ ତମୀଶ୍ୱରମୁପୋଢ଼ ନବାନୁରାଗଂ ।
ଗୂଢ଼ଗ୍ରହା ରୁଚିରୟା ସହ ରାଧୟାସୌ
ରଙ୍ଗାୟ ସଙ୍ଗମୟିତା ନିଶି ପୌର୍ଣ୍ଣମାସୀ । ୧୦ । ବି ଃ ମା ଃ ୧।୧୭

ଗୂଢ଼କହେ ଆହେ ସୂର୍, ଏହୁ ସରସ ବସନ୍ତ, ଏବେ ଆସି ପ୍ରବେଶ ହୋଇଲା ।
ଯେ ପୂର୍ଣ୍ଣ ଈଶ୍ୱର, ନବାନୁରାଗ ମଧୁର, ଉତ୍କଣ୍ଠିତ ରସ ଉଲ୍ଲାସ କଲା ହେ ।
ସେ ଦେବୀ-ଯୋଗମାୟା ଶକ୍ତି ଛନ୍ଦ ଲଭି, ବ୍ରଜଲୀଳା ପ୍ରକଟର ଲବ ସେ । ୧ ।
ଗୂଢ଼ ଅଟଇ ଆଗ୍ରହ, ପୌର୍ଣ୍ଣମାସୀ ନାମ ଯହୁ—ଲୋକଙ୍କେ ବିଖ୍ୟାତ ସାକ୍ଷାତରେ ।
ସେ ପୌର୍ଣ୍ଣମାସୀ ନିଶିରେ, ରୁଚିର ରାଧାସଙ୍ଗରେ, ରଙ୍ଗରେ କୃଷ୍ଣଙ୍କୁ ମିଳାଇଲେ ହେ
ସେ ମାଧବ ।— ମଦନଙ୍କଣି ନାଶିତା ଶକ୍ତି ! ଏହୁ ରାଧାସଙ୍ଗମକୁ ପ୍ରାପ୍ତି ହେ ।
ଆନନ୍ଦ ଚିନ୍ମୟରସ, ତାର ସେ ଦର୍ଶନୀ ବଶ, ହୋଇଲେ ସେ ଲୀଳାରେ ସମ୍ମତ ।
ସେହୁ ପ୍ରେମରସ ବ୍ରଜ, ଜନ୍ୟାଗଣଙ୍କୁ ଆଣୁଛି, ବର ପୌର୍ଣ୍ଣମାସୀ କଲେ ଦତ୍ତ ସେ ।
ସେ ଦେବୀ । ଦିଶ୍ୟା ବୃନ୍ଦାବନ ସେହୁ ପ୍ରେମ ! ଲିଙ୍ଗଭୂଜ୍ୟ ଉଦ୍ରେକଲେ ଦାନ ସେ ।

ଶ୍ଳୋକ—ବର୍ଣ୍ଣନାୟ-କଥାସୂତ୍ରଂ ପ୍ରଥମଂ ଯେନ ସୂଚ୍ୟତେ ।
ରଙ୍ଗଭୂମିଂ ବିକୋଣାସ୍ତୁ ସୂତ୍ରଧାରଃ ସ ଉଚ୍ୟତେ ।
ଉକ୍ତୟୋ ବଦ୍ୟସ୍ୟ ସ୍ୱରଃ କିଷ୍କୁଦଂ ତୁ ମାରିଷଃ (ଭରତନାଟ୍ୟବଚନ,କା)

ଛଟାରାଗ — ଶୁଣ ଭକ୍ତଗଣ ଶ୍ରୀରାଧାମୋହନ ଲୀଳାମହୋତ୍ସବ କ୍ରମ ହେ ।
ହୃଦୟ ହୃଦୟ ଉଦୟାନୁରାଗ ନିର୍ଣ୍ଣିତ ରସବିଧାନ ସେ ।
ମହାରାଜ ଚକ୍ରବର୍ତ୍ତୀ ଅଭିଷେକ ହେବେ ସେ ଦର୍ଶନୀ ହେ । ୧ ।
ଏ ଗ୍ରନ୍ଥର ସୂତ୍ର ହୋଇଲା କଥିତ ନବ ଅନୁରାଗ ଯନ୍ତ୍ର ।
ଶ୍ରୀକୃଷ୍ଣ ବଶୋଭ ବନ୍ଧୁସବେ ରାଧା କିଶୋରୀ ନାମ ବହଇ ସେ ।

ଶ୍ରୀ ନବାନୁରାଗ-ରାସୋତ୍ସବ ।

ପୂର୍ଣ୍ଣବସନ୍ତର କାଳେ । ଦେଖି ପୌର୍ଣ୍ଣମାସୀ ହରଷିଲେ ସେ । ୨ ।
ପରକୀୟା ଭାବ ଦୋହ୍ନଲେଟ ପ୍ରେମ ଉଦ୍ଭବ କୌଶଳ ଛଳେ ।
ତନ୍ତୁଁ ଅଭିମନ୍ୟୁ କରେ ବୃଷଭାନୁସୁତା ସମର୍ପଣ କଲେ ସେ ।
ଯାର ତାଙ୍କ ମହୋତ୍ସବ । ମହାନନ୍ଦେ ଦେଖ ମହାଭାବ ସେ । ୩ ।
ଏକଦିନ ପ୍ରାତେ ମୋଦକ ନେଇଣ ବୃନ୍ଦାବନେ ଭେଟକଲେ ।
ସେହିସ୍ଥଳେ କୃଷ୍ଣକଣ୍ଠେ ସୁଧାଧାମ ଦ୍ୱି ଅକ୍ଷର ଶୁଣାଇଲେ ସେ ।
ନନ୍ଦପୁରେ ଗିରିଧର । କଲେ ନୀପମୂଳେ ବଂଶୀସ୍ୱର ହେ । ୪ ।
ଲଳିତା ଚମ୍ପକଲତେ ଧନିଷ୍ଠାରୁ ଉଦ୍ଦୀପନ କରାଇଲେ ।
ବୃନ୍ଦାବନେ ଶ୍ରୀରାଧାଙ୍କୁ କୃଷ୍ଣନାମ ଦ୍ୱି ଅକ୍ଷର ଶୁଣାଇଲେ ହେ ।
ତାହାପରେ ବଂଶୀଧ୍ୱନି । ଶୁଣିଲେ ସେ ସମ୍ପ୍ରୀ ବନେ,ଧନୀ ହେ । ୫ ।
ପୁରେ ପ୍ରବେଶନ୍ତେ ବିଶାଖା ଶ୍ରୀହସ୍ତେ ଚିତ୍ରପଟ ଦାନକଲା ।
ଏ ଧ୍ୱନି ଶୁଣିଣ ଦେଖିଣ ଧନୀର ମୋହ ମୂର୍ଚ୍ଛା ଜାତ ହୋଇଲା ହେ ।
ଆଦ୍ୟଅଙ୍କେ ଏ ଚରିତ । ବର୍ଣ୍ଣନାରେ ହୋଇଛି ସମସ୍ତ ସେ । ୬ ।
ଦ୍ୱିତୀୟ ଅଙ୍କରେ ପୌର୍ଣ୍ଣମାସୀ ଆସି ପ୍ରେମପରୀକ୍ଷା କରିଲେ ।
ଅନଙ୍ଗଲେଖା ଶିଖାଦେଇ ସେ ଲେଖା ସଖୀଦେଇ କୃଷ୍ଣେ ଦେଲେ ହେ ।
ତାଙ୍କ ଚକ୍ରଗିର ଶୁଣ । ନୈରାଶ୍ୟ ଆସିଲେ ସଖୀବୃନ୍ଦ ସେ । ୭ ।
ପୌର୍ଣ୍ଣମାସୀପାଶେ ଗମିଲେ ଲଳିତା ବିଶାଖା ଶ୍ରୀରାଧା ସ୍ଥାନେ ।
ପ୍ରବେଶି ସମସ୍ତ ପ୍ରସଙ୍ଗ କହିଲେ ଶୁଣି ଧନୀ ଦୁଃଖମନେ ହେ ।
ସୂର୍ଯ୍ୟ ଆରାଧନା ଯାଗେ । ଗଲେ ରାଧା ସଖୀଗଣ ସଙ୍ଗେ ହେ । ୮ ।
ପଥରେ ଗମନ୍ତେ ଦର୍ଶନପାଇଲେ ବିଶାଖା ସଙ୍ଗେ କୃଷ୍ଣଙ୍କୁ ।
ଏହି ସମୟରେ ଜଟିଳା ପ୍ରବେଶି ବିଚ୍ଛେଦ କଲେ ଦୁହିଁଙ୍କୁ ହେ ।
ସୂର୍ଯ୍ୟସ୍ଥାନେ ଯାଇଁ ଶେଷେ । ପୂଜାସାରିଣ ଗଲେ ମନ୍ଦିରେ ସେ । ୯ ।
ଏ ବର୍ଣ୍ଣନା ହେବ ଦ୍ୱିତୀୟ ଅଙ୍କରେ ତୃତୀୟ ଚରିତ ଶୁଣ ।
ଲଳିତା ଗମିଣ ଭଗବତୀ ସହ କୃଷ୍ଣପାଶେ ମିଳିଲ ପୁନଃ ହେ ।
ତଥା ସଙ୍କେତ କରିଣ । କହେ ରାଧାଙ୍କୁ ଶୀଘ୍ର ଆସିଣ ସେ । ୧୦ ।
ବସନ୍ତର ଶେଷ ମାଧବର ମାସ ପୌର୍ଣ୍ଣମାସୀ ତିଥିରେ ।
ବଂଶୀ ନିନାଦ ଉଦୟ ଅମ୍ବରେ ଏମନ୍ତ ଶୁଭବେଳରେ ସେ ।
ଚତୁର୍ଥ ଅଙ୍କ ମଧ୍ୟ । ନବମିଳନ ଶ୍ରୀକୃଷ୍ଣରାଧେ ହେ । ୧୧ ।

ଚତୁଃଷୋଳ ପୂରେ ବିଳାସ କରିଣ ନିଜ ନିଜ ସ୍ଥାନେ ଗଲେ ।
ତୃତୀୟଅଙ୍କରେ ଏ ବର୍ଣ୍ଣନା ଦେବ ଶ୍ରୀ ରୂପଦେବ କୃପାରେ ।
ପୂର୍ବାର୍ଦ୍ଧ ଏ ତିନଅଙ୍କ । ଯେବେ ସାଧବେ କର ବିବେକ ହେ । ୧୨ ।
ସାଧବେ ଶୁଣନ୍ତୁ ଉତ୍ତରାର୍ଦ୍ଧ ଲୀଳା । ଚତୁର୍ଥଅଙ୍କର କ୍ରମ ।
ଶ୍ୟାମଗତ ଚନ୍ଦ୍ରାବଳୀ ଦେଖି ଈର୍ଷାହେତୁ କାମ ହୋଇ ଛନ୍ନ ହେ ।
ସୁବଳଙ୍କୁ ସୁ-ବଶାସେ । କହ ପ୍ରେରିଲେ ଲଳିତାପାଶେ ସେ । ୧୩ ।
ଲଳିତା ସଙ୍କେତ କରିଣ ଆଗତ ଚନ୍ଦ୍ରାବଳୀ ପୁନଃ ମିଳେ ।
କନ୍ଦର୍ପକୁଞ୍ଜେ ଚନ୍ଦ୍ରାବଳୀ ସଙ୍ଗେ କଉତୁକେ ବିଳସିଲେ ସେ ।
ସନ୍ଧ୍ୟାଷ୍ଟାନେ ଦୁଆସିଲେ । ରାଧି ବାସକସଜ୍ଜା ହୋଇଲେ ସେ । ୧୪ ।
ହୋଇ ବିପ୍ରଲବ୍ଧା କାନନେ ମେଧାରମା ବୃନ୍ଦ ବୃନ୍ଦ ଶ୍ରାନ୍ତେ ସେ ।
ଚନ୍ଦ୍ରାବଳୀ ସଙ୍ଗ ଛେଳ ନାଗରେନ୍ଦ୍ର ମିଳିଲେ ଅସି ପ୍ରଭାତେ ସେ ।
ଠମୀ ହୋଇଣ ଖଣ୍ଡିତା । କୃଷ୍ଣେ ନ ସ୍ପର୍ଶି ଦେଖିଣ ମଥା ସେ । ୧୫ ।
ତ୍ରତୀତ କଥାକୁ ବୃଥାକର କଥା ନ କହି ଗଲେ ମନ୍ଦିରେ ।
ଦେଖି ରାଧିକାକୋପ କୃଷ୍ଣ ବହୁ ଖେଦ ଗଲେ ବୃନ୍ଦାପାଶେ ଖରେ ହେ
ରାଧିକାକୋପ ଶାନ୍ତି ପାଇଁ । ତାଙ୍କୁ ଜଣାଇଲେ ସବୁ କହି ସେ । ୧୬ ।
ଏ ବର୍ଣ୍ଣନା ହେବ ଚତୁର୍ଥଅଙ୍କରେ । ପଞ୍ଚମ ଚରିତ ଶୁଣ ହେ ।
ରାଧିକାର କୋପ ବୃନ୍ଦା ଯାଇ କହି କଲେ ମାନ ଉପଶମ ହେ ।
ଦେଇ ସୂର୍ଯ୍ୟ ପୂଜାଛଳେ । ଶ୍ୟାମ-ନାଗରଙ୍କୁ ଭେଟାଇଲେ ସେ । ୧୭ ।
ବନଶୋଭା ହେର ମଧୁପାନକର ଉନ୍ମତ୍ତ ନିକୁଞ୍ଜେ ଯାଇଁ ।
ମନ୍ଦ୍ରା ନର୍ତ୍ତିହାସ୍ୟରେ ମାଧବୀ ମାଧବ ସ୍ପର୍ଶି ଧାର ଲୀଳା ବହି ସେ ।
ଅନ୍ତେ ସର୍ବେ ହୋଇ ମେଳ । କଲେ ରସୋତ୍ସବ ଫଗୁଖେଳ ସେ । ୧୮ ।
ଦୋଳିକାରେ ବସି ମାଳତୀକୁ ଢୋଷି ସଖୀସହ ବଂଶୀଧାରୀ ।
ହୋଇ ଉନମତ୍ତ ଜଳକ୍ରୀଡ଼ାରତ କରି-କରେଣୀର ପର ସେ ।
ସମସ୍ତଙ୍କ ସଙ୍ଗେ ହରି । ନାନାରଙ୍ଗରେ ତହିଁ ବିହରି ସେ । ୧୯ ।
ଜଳକ୍ରୀଡ଼ା ସାରି ତଦନ୍ତେ ସୁବେଶ ନାଗରବର ହୋଇଣ ।
ଫଳାନ୍ନ ଭୋଜନ କରିଣ ମନ୍ଦିରେ କଲେ ସଖୀଳେ ଶୟନ ହେ ।
ରାଧିକାସହ ସଖୀପୁଞ୍ଜ । ବିଳସିଲେ ଯାଇ କୁଞ୍ଜ କୁଞ୍ଜ ସେ । ୨୦ ।
ବୃନ୍ଦାଦେବୀଙ୍କ ଶୁକ ସାରୀ ପଢ଼ି ଶ୍ଳୋକ ପୁନଃ ଜାଗାଇଲେ କରେ ।
ସେ ସବୁ ବରଣ ଶ୍ରୀ ଦଣ୍ଡରେ ମନ୍ଥି ରାଜ ଅଭିଷେକ କରିଲେ ସେ ।

ଏଣୁଠାରୁ ଲୀଳା ପୂର୍ଣ୍ଣ । ହେବ ସକଳ ମହାନ୍ତ ଜାଣ ହେ । ୨୧ ।
ସର୍ବ ଭକ୍ତଚିତ୍ତ ହୋଇଲା ତୃପତ ପାଇ ଦର୍ଶନ ସାକ୍ଷାତ ।
ସେହି ସ୍ଥଳ ସବୁ କରଣ ସ୍ମରଣ ହିଁ ଅଙ୍ଗ ହେଲେ ପ୍ରାପ୍ତ ସେ ।
ଶ୍ୟାମଚନ୍ଦ୍ର ସେ ଭକ୍ତଙ୍କୁ । ମାଗେର ପଦରେଣୁ-ଉଦକଲୁ ହେ । ୨୨ ।

ଇତି ଶ୍ରୀ [illegible] ସୂତ୍ରାନୁରୂପ ଶ୍ରୀ ନବାନୁରାଗ-ରାସୋତ୍ସବ
ମଙ୍ଗଳାଚରଣ-ଅନୁକ୍ରମଣିକା ସମ୍ପୂର୍ଣ୍ଣ ।

——o——

ଶ୍ରୀ ନବାନୁରାଗ-ରାସୋତ୍ସବ ଲୀଳାନୁବର୍ଣ୍ଣନା ।

ସୂତ୍ରଧାର କହେ ଅହେ ପାରିପାର୍ଶ୍ୱିକ । ଶୁଣ ନବ ହେ କୃଷ୍ଣଲୀଳା କଉତୁକ ହେ ।
ଏହା କହି କୃଷ୍ଣ ନନ୍ଦନନ୍ଦନ ହୋଇ । ମିଳିଣ ସେ ସ୍ଥାନେ ବେଳେ ସର୍ବମନମୋହନ ହେ ।
ଏ ସମୟେ ସଖୀଗଣ ସେହି ସ୍ଥାନେ ମିଳିଲେ । ସର୍ବେ ସମବେତ ହୋଇ ଗୋ-ଦୋହନ କଲେ
ଗୋ ଦୋହନ କାରଣ ସ୍ୱଣ୍ଡ ଭାଣ୍ଡ ଧର । ନିଜଗୃହେ ନେଇ ତାହା ରଖିଲେ ସତ୍ୱର ହେ
ଦେହେରେ ଥାଉଲେ ସେ ସୁନ ଦ ନେଗନ । ମଦନମୋହନ ବେଶ ହୋଇଲେ ଆପଣେ ହେ

ଶ୍ଳୋକ— ଶ୍ରୀ ଶ୍ରେଣୀଗୁଞ୍ଜାଭିର୍ବଧ ସୁମନୋଭିଃ କଲିତୟୋଃ
କୃତାଙ୍କଲ୍ୟୋର୍ନନ୍ଦଲୁଃ ମୁଦିତହୃଦୟେ ଭୂଷିତନଜଃ ।
ସ୍ଫୁଟତ୍କାନ୍ତିସ୍ତମ୍ଭଂ ଦ୍ୟୁମସ୍ତବକସ୍ତୋରୁପଲ୍ଲବତେ —
ଙ୍କଳାଦୌ୍ୟର୍ଦ୍ଧୋଭାଲେଃ ସମମ୍ପୂପ ଗତଃ କେଳିରପିନଂ ।୧।

ଶିରେ ଶିଖିପୁଚ୍ଛଗୁଚ୍ଛ ସ୍ଥିତ ହୋଇଅଛି ଗୁଞ୍ଜାମାଳୀ ବାନ୍ଧି ନୀଳ ଶୋଭା ବସ୍ତ୍ରାବୃତ୍ତ ହେ ।
କେତକୀଦଳ ବକୁଳ ଚମ୍ପା ନାଗେଶ୍ୱର । ମଲ୍ଲୀ ଦାମ୍ଭଣରେ ଗନ୍ଧ ହୋଇଛି ମଞ୍ଜୁଳ ହେ ।
ସୁନ୍ଦରର ସ୍ୱରପରେ ଜାମ୍ବୁଡାଳୀ କୁଳ । କଲିଙ୍କୁଦମାଳୀ ବାଳୀମନ ନାଗ ଦ୍ୱନ୍ଦ ହେ ॥
କୋଟି ଗେ ପାଳବାଳ ସମକ ଉପାଶେ । ଇଚ୍ଛାଅନୁରୂପ ବସ୍ତ୍ରାଦେଇ ଚଳେ ହର୍ଷେ ହେ ।
ଗୋଧନ ଜାଳସହ ବୃନ୍ଦାବନେ ପ୍ରବେଶଲେ । ନବ ନମ୍ରଦ ନନ୍ଦନବନେ ବିମଳିଲେ ହେ ॥
ସ୍ୱର ରୂପ ସୁବେନ୍ଦ୍ର ବନ୍ଧୁସଙ୍ଗ ସବେ । କ୍ରୀଡାକରେ ବ୍ରହ୍ମା ପୀଠ। ଖଣ୍ଡ କେଳି ରଙ୍ଗେ ହେ
ସୂତ୍ରଧାର କହେ ଦେଖ ସାମନ୍ତେ ମୋହନ । ଭକ୍ତସୁଖ ବାଧନାର୍ଥେ ସ୍ୱୟଂ ଉକଣ୍ଠ ହେ ।
ଏତେ କହି ମାଡହିଙ୍କ ସେବ ଆଉମୂଳେ । ସେହି ହେତୁ ସୂତ୍ରଧାର ସହିତ ଲଭିଲେ ହେ
ମହା ଚମତ୍କାର ଶୋଭା ହେଲା ରଙ୍ଗଭୂମି । ଶ୍ୟାମ କହେ ଏ ଉପରେ ବସ ସଙ୍ଗସ୍ୱାମୀ ହେ ॥
ମାଉଷ କହନ୍ତି ଶୁଭ ଦେଖ ପୌର୍ଣ୍ଣମାସୀ । ପରିଜନେ ସେବ୍ୟ ହୋଇ ତ୍ରିବେଣୀରେ ଆସି ହେ
ଦେଖ ରଙ୍ଗଭୂମି ବିଭୂଷିତ ହେଲା ଏବେ । ମୋର ଭାଗ୍ୟଠାରୁ ସଫଳତ ହେଲା ସବେ ହେ ।

ପୌର୍ଣ୍ଣମାସୀ ତପବନେ ବିଚାରିଲେ ମନେ । ରାଧାକୃଷ୍ଣ ନବ-ଅନୁରାଗ ଘଟିବେନ ହେ ।
ବସନ୍ତସମୟ ଆସି ଉପସ୍ଥିତ ହେଲା । କୃଷ୍ଣ ବଂଶୋଦ୍ଧର ନାମାମୃତ ନ ଶୁଣିଲ ହେ ।
ଏହା ଭାବି ନାମସ୍ୱାଦେ ଭାବାବେଶ ହେଲେ । ଏ ସମୟେ ନାନ୍ଦୀମୁଖୀ ସେ ସ୍ଥାନେ ମିଳିଲେ ହେ
ତାଙ୍କୁ ଦେଖି ପୌର୍ଣ୍ଣମାସୀ ପୁଚ୍ଛନ୍ତି ଏ ବାଣୀ । ଅଦ୍ୟ ବତ୍ସେ କାହିଁ ଛନ୍ତି ନୀଳମଣି ହେ ॥
ସେ କହନ୍ତି ଗୋଧନ ନେଇଣ ବୃନ୍ଦାବନେ । ଗଲେ ବନ ସଂଶାଦାତ ଆସିଲେ ସଦନେ ହେ
ପୌର୍ଣ୍ଣମାସୀ କହେ ବତ୍ସେ ଆମ୍ଭ ଆଜ୍ଞା ନେଇ । କହ ଏହି କଥା ବିଶାଖାଙ୍କୁ ତୁମ୍ଭେ ଯାଇ ହେ
ମନୋହର କୃଷ୍ଣରୂପ ଲେଖି ଚିତ୍ରପଟେ । ସ୍ୱହସ୍ତେ ନେଇ ରାଧାଙ୍କ ମୋଦ କରୁ ତୁରନ୍ତେ ହେ ।
ଏହା ଶୁଣି ନାନ୍ଦୀମୁଖୀ ପ୍ରଣାମ କରିଲେ । ବିଶାଖାର ଗୃହେ ଯାଇଁ ସବୁ କହିଦେଲେ ହେ
ପୌର୍ଣ୍ଣମାସୀ ତପଅନ୍ତେ ମୋଦକ ନେଇଣ । ବୃନ୍ଦାବନେ ଚଳେ ଧୀରେ ଅଦୃଶ୍ୟା ହୋଇଣ ହେ
ଯାଇଁ ପ୍ରବେଶିଲେ କୃଷ୍ଣ ଗୋଠଗୋଷ୍ଠୀର ପାଶ । କୃଷ୍ଣଶୋଭା ଦେଖି ହୃଷ୍ଟ ଚିତ୍ତରେ ମାନସ ହେ
ସେ ଦେବୀ ପଦ୍ମଧ୍ୟାନେ ଧ୍ୟାନ ଯୋଗ କଲ । ଅବକାଶେ ଶ୍ଳୋକ କହେ ଟେକି ସମାଚାର ହେ

ଶ୍ଳୋକ—ଅସ୍ତଂ ନବ୍ୟନବଣ୍ଡିତପୁଷ୍କରସ୍ପୃଶ୍ୟକପଲଃ
ପ୍ରଭାତ ନବୀନାଗ୍ରଚ୍ଛୂତବ ମ୍ବିପୀତାମ୍ବରଃ ।
ଅରଣ୍ୟଜସରସ୍ରିସ୍ଥାନମିତଦିବ୍ୟଜଷାଦସେ
ହରନ୍ତିମନୋହରଦ୍ୟୁତଚ୍ଛୂକ୍ର୍ତ ଗ ହରି । ବ୍ରଜମାଃ ପା...ପର

ଛନ୍ଦ—ଇନ୍ଦ୍ରନୀଳ ମଣି ତନୁଦ୍ୟୁତ । ତ୍ରିଭୁବନ-ମୋହନ ମୂରତି ।
କଟୀରେ ପୀତବସନ ସାଜେ । ନବୀନ କୁଙ୍କୁମ ଜୋତି ରଞ୍ଜେ ।
ନୟନଯୁଗଳ ଅନୁପମ । ଶ୍ୱେତପଦ୍ମ ଭଳି ଶୋଭାବନ ।
ଅରଣ୍ୟଜଭୂଷା ଅଳଙ୍କାର । ମୁଖେ ମନ୍ଦହାସ ମନୋହର ।
ପୁନଃ ଦେଖ ହୋଇଣ ବିହ୍ୱଳ । ଗୋ-ଚାରଣ ଲୀଳା କୁତୂହଳ ।

ଶ୍ଳୋକ—ସାଚୀକୃତାଙ୍ଗମିହ ସବ୍ୟକରେଣ ଯଷ୍ଟିଂ
ବିଷ୍ଟଭ୍ୟ ବୃଭିସରଳାମୁପକଣ୍ଠ୍ୟ ଭୂତ୍ୟଂ ।
ତଷ୍ଟୁଲତେ ବତପିଦାଂ ପଶୁବୃନ୍ଦବକ୍ଷୀ
ହରତି ଗୀତମଧୂନା ସ୍ୱକଳସ୍ବନୋତ ।

ରାଗ କାମୋଦା—କେତେ ରତପଟ୍ଟ ହେଲେହେଁ ଏ ମୂର୍ତ୍ତି ଧୂମ୍ରତ୍ତିକ ଉତ୍ତମାଙ୍ଗ ଲକ୍ଷ୍ୟ ।
କାଦମ୍ବିନୀକୋଳେ ସୌଦାମିନୀ ଖେଳେ ଯଥା ତଥା ଦିଶେ ପୀତାଂଶୁକ । ଗତ
ବକ୍ଷୀକୃତ ଅଙ୍ଗ କ ରୁଚ ତରଙ୍ଗ ବସ୍ତ୍ରାଚ୍ଛନ୍ନ ବୃକ୍ଷମୂଳପାଶ ।
ଅତୁଳ ବର୍ତ୍ତୁଳ ସରଳର ମୂଳ ଦେବ ଯଷ୍ଟି ଧାରଣରେ ଦସ । ୧ ।

ଶୁଣି କଣ୍ଟକୁସୁମଳରେ ସେ ଅଗଣର ହେବାରୁ ହୋଇ ବନ୍ଦ ।
ଷଡଧ୍ୱନ ତେଜପୁଞ୍ଜରେ ଅପୂର୍ବ ହୋଇବ କଳ୍ପନ୍ତୁ ଏ ତର୍କ । ୨ ।
ଯଦ୍ୟପି କାହିଁକି ତଥାପିକି ଠାକୁ ସହେ ଦୃଷ୍ଟି ବୃଷ୍ଟି ହୁଏ ସୁଖ ।
ତନ୍ମସ୍ତ ଆରକ୍ତିମ ପାଦପଦ୍ମ ଯିତମୁକୁଟ ଉତ୍ପୁଟ ଲଗ । ୩ ।
ଗୋଷ୍ଠରଣ ଆଚରଣରେ ପ୍ରମାଣ ହେଣୁ ହୋଇଛନ୍ତି ବୈଣବକ ।
ସଖା ଯୁବତର ସବଳ ଜଗତମଧ୍ୟେ ଭୁଲିଯିବେ ନିଅମ୍ବକ । ୪ ।
ସୁବଳ ଅମୃତବତ ରସ ଗୀତ ଗାଉଛନ୍ତି ଜଣି ପିକ ଡାକ ।
ଶ୍ୟାମ କହେ ଦେଖ କହେ ଶ୍ୟାମଛବ ବଳେ ମୋତ୍ତୁନ୍ତି ହେବେକ ବେକ । ୫ ।

ଶ୍ଲୋକ—ମୃଗନ୍ଧୌ ମାଦ୍ଧନପ୍ରକରମଦ୍ଧରନ୍ଦସ୍ୟ ମଧୁରେ
ବନସ୍ୟନ୍ଧେ ବନ୍ଦୀକୃତମଧୁପବୃନ୍ଦଂ ମୁହୁରଦଂ ।
କୃତାନ୍ଦୋଳଂ ମନ୍ଦୋନ୍ନତଭ୍ରୁକଳୈର୍ଷନ୍ଦନଗିରେ —
ର୍ମମାନନ୍ଦଂ ବୃନ୍ଦାବନପିନମକୁଳଂ ବୃନ୍ଦଲମୃତ । ବୃଃ ମା ୧ । ୪୧

ସତ ବସନ୍ତ—ଶ୍ରୀକୃଷ୍ଣ କହେ ମାକନ୍ଦ ବକୁଳ କରେ ଆମୋଦ ହରଣ ପଡ଼ିଲ ମକରନ୍ଦ ।
ତାହିଁ ପାନ ପିକବୃନ୍ଦ ପ୍ରମତ୍ତ ହୋଇ ଆନନ୍ଦ ଉଚ୍ଚ କରେ କୁହୁକୁହୁ ନାଦ ହେ
ପ୍ରିୟ ବଞ୍ଜୁଳ ହେ । ଦେଖ ବନଶୋଭା କି ମଞ୍ଜୁଳ ହେ । ୧ ।
ଅମନ୍ଦ ମନ୍ଦ ସୁଗନ୍ଧ ଚଳ ଗୃହର ଲଳଦଳ ସୁତ୍ରେ ମୋର ଆନନ୍ଦ ବଢ଼ାଏ ।
ନବ ବୃନ୍ଦାବନମଧ୍ୟେ ଅନନ୍ତ ଶୋଭା ହୁଏ ସୁପୁଷ୍ପିତ ତରୁ ଲତାରମ୍ଭେ ହେ ।
ତହିଁ ବସି ମଧୁବ୍ରତ ବୃନ୍ଦ ହୋଇ ମତ୍ତ ଝଙ୍କାରଛଳରେ ଗାଏ ଗୀତ ।
ଆଉ ଯେତେ ତରୁବ୍ରାତ ପଲ୍ଲବରେ ବେଷ୍ଟିତ ମାର ଶୋଭା ନ ହୁଏ ବର୍ଣ୍ଣିତ
ଏହା ଶୁଣି ବନ୍ଧୁ ଛଳେ ଉଠିଣ ତାହାଙ୍କୁ ବୋଲେ ମୋର ମନ ନାହିଁ ଏ ବନରେ ।
ବ୍ରଜେଶ୍ୱରୀ ରନ୍ଧନ ସୁଧାସ୍ୱାଦୁ କରିବ ଲାଳସା ମୋହର ସଦା ତହିଁରେ ।
ବ୍ରଜମୋହନ ହେ । ନେଇ ସୁଖେ ଅଛୁ କି କାରଣେ ହେ । ୪ ।
କୃଷ୍ଣ କହେ ବନ୍ଧୁ ଶୁଣ ଏହି ସେହି ବୃନ୍ଦାବନ ଯହିଁ ବାଞ୍ଛା ସେ ହେବ ପୂରଣ ।
ଏହି ପୁରାତନ ଲତା ସବୁ ମହାନନ୍ଦଦାତା ସୁଫଳରେ ଫଳିବ ତତ୍କ୍ଷଣ ହେ ।
ପ୍ରିୟ ବଞ୍ଜୁଳ ହେ । ଦେଖ ବନ ଶୋଭା କି ମଞ୍ଜୁଳ ହେ । ୫ ।
ଏହା ଶୁଣି ବନ୍ଧୁ କହେ ଶୁଣ କହ୍ନାଇ ନିଶ୍ଚୟେ ସତ୍ୟବାଦୀ ତୁମ୍ଭେ ସର୍ବେ କହେ
ଏହି ବାକ୍ୟ ସତ୍ୟ ମୋର ପରୀକ୍ଷା କରିବା ତଥା ଏହା କହି ପୂର୍ଣ୍ଣମୁଖେ ରହେ ହେ
ବ୍ରଜମୋହନ ହେ । ନେଇ ସୁଖେ ଅଛୁ କି କାରଣ ହେ । ୬ ।

କରଯୁଗ ଯୋଡ଼ି ଶିରେ କହେ ଶ୍ରୀ ବୃନ୍ଦାବନରେ ଅହେ ବନ ଗୁଲ୍ମେ ସିଦ୍ଧମନ୍ତ୍ରେ
କ୍ଷୁଧାର୍ତ୍ତ ହୋଇଛୁ ପୁଣ ମୋତେ ସୁଧାରସ ଅନ୍ନ ଦିଅ ଶ୍ୟାମବନ୍ଧୁ ପଦେ କହେ ହେ
ବୃନ୍ଦାକାନନ ହେ । ମୋତେ ଏହୁ ବର କର ଦାନ ହେ । ୭ ।

ଶର୍କରା-ମୋଦକ ନେଇଣ ପୌର୍ଣ୍ଣମାସୀ ଭଗବତୀ । ପ୍ରକଟ ହୋଇଲେ ଯହିଁ ଛନ୍ତି ବିଶ୍ୱପତି ହେ
ଦେଖି ସବୁ ସଖାଗଣ ସହିତେ ମୋହନ । ଦେବୀଙ୍କ ପଦ୍ମପାଦେ ପ୍ରଣମିଲେ ପୁନଃ ପୁନଃ ହେ
ହସିଣ ଶ୍ରୀ ପୌର୍ଣ୍ଣମାସୀ କଲ୍ୟାଣ ବାଞ୍ଛିଲେ । ସ୍ୱାସ୍ଥ୍ୟ ସିଦ୍ଧି ହେତୁ ଆଶୀର୍ବାଦ ଦେଲେ ହେ ।
ଲଡୁପାତ୍ର ଶ୍ରୀରାମଙ୍କ କରେ ସମର୍ପିଲେ । ବେଣୁବାଦ୍ୟ ପ୍ରହାର ସେ ସାନନ୍ଦରେ ନେଲେ ହେ
ବୋଲେ ସଙ୍କର୍ଷଣ ବୃକ୍ଷ ଲତା ପ୍ରସନ୍ନରେ । କ୍ଷୁଧାର୍ତ୍ତ ବନ୍ଧୁ ଅଭୀଷ୍ଟ ସିଦ୍ଧ କଲେ ଯେବେ ହେ ।
ଏହା ଶୁଣି ମଧୁ ଧାଇଁ ତତକ୍ଷଣ ଆସିଲେ । ମୋଦକ ଦେଖିଣ ମନେ ଆନନ୍ଦ ହୋଇଲେ ହେ
ପୌର୍ଣ୍ଣମାସୀ କହେ ଆହେ ଶୁଣ ବଳରାମ । କିନ୍ତୁ ଭଲ ଲତା ମୁଖସ୍ଥ ଦେଲେ ଲଡୁମାନ ହେ ।
ଏହା ଶୁଣି ରାମ ନିଜ ହସ୍ତେ ଲଡୁ ଦେଇ । କିଛି ଦୂର ଗଲେ ସେହି ଗୋଧନ ଚରାଇ ହେ
କୃଷ୍ଣ କହେ କି କାରଣେ ଖଣ୍ଡ-ଲଡୁମାନ । ପଠାଇଲେ ତଥ୍ୟ କର କହତ ଆପଣ ହେ ।
ଶୁଣି ପୌର୍ଣ୍ଣମାସୀ କହେ ତାଙ୍କ ନାତୁଣୀଙ୍କୁ । ବ୍ରଜମଣ୍ଡଳ ବନାଇ ଦେଲେ ଅଭିମନ୍ୟୁଙ୍କୁ ହେ ।
ବିବାହଉତ୍ସବହେତୁ ମୋହନ ହସ୍ତରେ । ମନୋହର ମୋତି ଲଡୁ ଦେଲେ ଆନନ୍ଦରେ ହେ
କୃଷ୍ଣ କହେ କିବା ନାମ ଅଟେ ନାତୁଣୀର । ରୂପଯୋଗ୍ୟ ଦାକ୍ଷିଣ୍ୟାଦି ଗୁଣେ କି ପ୍ରକାର ହେ ।
ଶୁଣି ପୌର୍ଣ୍ଣମାସୀ ଆନନ୍ଦରେ କହେ ବାଣୀ । ବୃଷଭାନୁସୁତା ରାଧା ନାମ ଗୁଣମଣି ହେ ।
ରମା ଉମା ଶଚୀ ରତିମାନ ଦାସୀ ହୋନ୍ତେ । ଅପ୍ରତ୍ୟକ୍ଷ ନୁହେଁ ସ୍ୱର ଅପସର କହେ ହେ ।
ଦାକ୍ଷିଣ୍ୟାଦି ଗୁଣସବୁ ନ ହୁଏ କଥନ । ରସଶାସ୍ତ୍ର ବୁଦ୍ଧିବାର୍ଦ୍ଧି ସମ ନିରୂପଣ ହେ । ଶ୍ୟା
ରାଧାନାମ ଶୁଣି କୃଷ୍ଣ ସର୍ବ ଅଙ୍ଗମନ୍ତ୍ର । ନବାଶ୍ରୁ ପୁଲକ ହେଲା କମ୍ପ ଅତଶସ୍ତ ହେ ।୧୭।
ଏହା ଦେଖି ପୌର୍ଣ୍ଣମାସୀ ମନେ ବିଚାରିଲା । କୃଷ୍ଣଚିତ୍ତେ ରାଧାପ୍ରେମ ଉଦୟ ହୋଇଲା ହେ ।
ଅତଏବ ଯାହା ଲାଗି ମୋର ଆଗମନ । ସେ ବାଞ୍ଛା ହୋଇଲା ପୂର୍ଣ୍ଣ ଏହୁ ରାଗୋତ୍ପନ୍ନ ହେ
ଏତେ ବିଚାରଣ କହେ ଶୁଣ ହେ କହ୍ନାଇ । ଯା ଲାଗି ତବ ଉତ୍କଣ୍ଠା ସେ ନୁହେ ସୁଲଭ୍ୟ ହେ
ଏହା କହି ଶ୍ରୀକୃଷ୍ଣଙ୍କୁ ଆଶୀର୍ବାଦ କରି । ଶ୍ୟାମ କହେ ଅନୁଜ୍ଞା ମାଗିଣ ଗଲେ ଚଳି ହେ ।

ଉଦ୍ଧ୍ୱା— ବୃଷଭାନୁ ଶୁଣ ମନ ଦେଇ । ତେବେ କୃଷ୍ଣ ବନ୍ଧୁ ସହ ଯାଇଁ ।
ଲତାକୁଞ୍ଜେ ବସି ବିଚାରଇ । ରାଧାନାମେ ଉତ୍କଣ୍ଠିତ ହୋଇ ।
କହେ ତପ ମୋର ଥିଲା ପୂର୍ବେ । ରାଧାନାମ ଶୁଣାଇଲା ଏବେ ॥
ନାମେ ଏତେ ସ୍ୱାଦୁ ଯାର ଅଛି ତାର ରୂପ ଗୁଣ କି ହୋଇଛି ॥
କି ବା ସୁମୃତ ମୋହନ ବଣ । ଉଚାଟେ ତା ମନ ବିଶେଷ ।
ଦ୍ରବ ଭାବ ହୋଇ ଛଳ ଛଳ । ମାଲଶରେ ହେଲେ ଅଚଳ ।

ଚନ୍ଦ୍ରାବେ ଅଶକ୍ତ ତନୁ ହେଲା । ରାଜୀବମୁଖ ମ୍ଲାନ ଦଶିଲା ।
ବନ୍ଧୁଳିଫୁଲ ପକ୍ୱ ବିମ୍ବାଧର । ବିବର୍ଣ୍ଣ ଦଶିଲା ଅତଃପର ।
ନାସାଗ୍ରଭଞ୍ଜନ ବେଗେ ବହେ । ସ୍ୱେଦୋଦ୍ଗମେ ତନୁ ପୂରିଲାଏ ।
ବାଣୀ ବିହ୍ୱଳ ହୋଇଣ ଝୁରେ । ହା ରାଧା ହା ରାଧା ସଦା ବୋଲେ ।
ଦେଖିଣ ଏ ଦଶା ବଟୁ କହେ । ଏ କି ବ୍ୟାଧି ହେଲା ତୁମ୍ଭଦେହେ ।
ଏ ନୋହନ୍ତି ବ୍ରଜଲୋକଙ୍କର କଥା । ପରସ୍ତ୍ରୀ ଆପଦ୍ରେ ଧର୍ମ ବୃଥା ।
ଜାଣିଲି ଜାଣିଲି ତୁମ୍ଭ ଚିତ୍ତ । ହେବ ସମ ଜାତିରେ ଅନୀତ ।
ଶ୍ୟାମ କହେ ବଟୁ ବାଣୀ ଶୁଣି । କଣ୍ଟୁ ଧୈର୍ଯ୍ୟ ହେଲେ ବେଣୁପାଣି ।

ଯଥାରାଗ— ସେତେ ଧୈର୍ଯ୍ୟ ହୋଇଲେ ଅନନ୍ତ ତାପରେ ଅତ୍ୟନ୍ତ ଅସମ୍ଭାଳ ହେଲେ ।
ମଧୁମଙ୍ଗଳର ସଙ୍ଗରେ ସତ୍ୱର ବନପଥକୁ ଚଳିଲେ ହେ ।
ଯଥା ପିତୃବୈରୀ ଜନ । ତଥା ଦହେ ଅବସ୍ଥିତ ମାନ ସେ । ୧ ।
ପ୍ରବେଶି ପାଶରେ ଦାଉତା ବଧୁରେ କହୁଲେ ରମ ଷମୁରେ ।
ଯମୁନାକୂଳକୁ ଗୋଧନ ନେଇଣ ଆପଣ ଯାଅ ସତ୍ୱରେ ହେ ।
ଏବେ ମଧ୍ୟାହ୍ନର ବେଳ । ଧେନୁଗଣ ତୃଷାରେ ଆକୁଳ ସେ । ୨ ।
ବାଳକ ସକଳ କ୍ଷୁଧାରେ ଆକୁଳ ହୋଇଲେଣି ଅତଶସ୍ତ ।
ମୋଦକ ନେଇଣ ସେଠାକୁ ଯାଇଣ ପିଅନ୍ତୁ ଶୀତଳପୟ ସେ ।
ଜଳକୂଳ ବୃକ୍ଷତଳେ । ବସି ବିଶ୍ରାମ ସୁଖ ସକଳେ ହେ । ୩ ।
ମୁହିଁ ଯତନେ ଏଥି ବିଶ୍ରାମ କରିଣ ଯିବି ତୁମ୍ଭ ସନ୍ନିଧିର ।
ସୁବଳ ସୁଦାମ ରହ ମୋ ସଙ୍ଗରେ ଯାନ୍ତୁ ଅନ୍ୟ ସର୍ବବାଳ ହେ ।
ଦେଖ ଦେଖ କି ଲାବଣ୍ୟ—ନବ ବସନ୍ତବାତେ ଅରଣ୍ୟେ ସେ । ୪ ।
ଏହା ଶୁଣି ରାମ ହୋଇ ହୃଷ୍ଟମନ ମନୋରମ ବନେ ଗଲେ ।
ସୁବଳ ସୁଦାମ ନେଇ ଘନଶ୍ୟାମ କାମ୍ୟବନେ ପ୍ରବେଶିଲେ ହେ ।
ଏକ ବୃକ୍ଷମୂଳେ ଯାଇଁ । ବସିମିଲେ ଶ୍ୟାମବନ୍ଧୁ କହି ସେ । ୫ ।

ଦର୍ପ— ଏ ଅବସ୍ଥାରୁ ନନ୍ଦବାଳ ସୁଦାମଙ୍କ ଧରି କର ପଲ୍ଲବରେ ତାଙ୍କୁ ଏହା ଗିର ।
କିପୁରେ ଅପୂର୍ବ ରମ୍ୟ ରାଧା ବୋଲି ଯେଉଁ ନାମ ଅଟଇ କପର ମୂର୍ତ୍ତି ତାର ହେ ।
ଛିନ୍ଦୁ ହେ । କଣ୍ଠେ ଉପସ୍ଥିତ ଯଉବନୁଏ । ତାର ସ୍ୱାଦୁ କାଳଦା ନ ଯାଏ ହେ । ୧ ।
ଏହା ଶୁଣିଣ ସୁଦାମ, ଲଜ୍ଜେ ପୋତିଲା ଲପନ ମନେ ହସି ତାକୁ ବଂଶୀଧର ।
ଦେଖିଣ ହଲକ୍ଷ ତାର କୃଷ୍ଣଙ୍କୁ କହେ ସୁବଳ ତୁମ୍ଭର କି ନ ହୁଏ ବନ୍ଧୁର ହେ ।
ଗୋବିନ୍ଦ ! ଯେ ଯାହାର ଅଟେ ମାଦ୍ୟଜନ । ବହୁତ କି ତାକୁ ଏ ବଚନ ହେ । ୨ ।

ବନସ୍ତୁ ଅନୁଜ୍ଞା ତାର ଅଛଇ କେଶୋଷବର ଏଥିଲାଗି ଯାଚ୍ଛ ତା ଚରଣ ।
ଏହା ଶୁଣନ୍ତେ ମୋହନ ରାଧାନାମ ଶ୍ରବଣପୂର୍ଣ୍ଣ ହୋଇଣ ଉଲ୍ଲସି ଗୁରୁତର ସେ ।
ସେହିକ୍ଷଣି । ପୁଲକ ହୋଇଲା ରୋମଶ୍ରେଣୀ । କମ୍ପତନ୍ତି ନ ସ୍ଫୁରଇ ବାଣୀ ହେ ।
ଧୈର୍ଯ୍ୟ ହୋଇ କ୍ଷଣକରେ , ସଖୀ ନେଇଣ ସଙ୍ଗରେ ଚଳିଲେ ସେ ସୁଜନ ବନରେ
ପ୍ରବେଶ ହୋଇଲେ ହେଳେ, ଯହିଁ କଦମ୍ବମୂଳେ, ରାଧାଶ୍ରବମୂରତ ଚିତ୍ରରେ ସ୍ରେ
ମୋହନ । ଉତ୍ସାହ ବଢ଼ଇ ଘନ ଘନ । ନ ରହଇ ଅନ୍ୟ ତାଙ୍କ ମନ ସେ । ୪ ।
ଏହାପରେ ହରି ହୋଇ ହଳପ୍ରିୟ ମୂଳେ ଯାଇ ଶିଭଙ୍ଗଛନ୍ଦରେ ଉଭାହେଲେ ।
ମୋହନ ମୁରଲୀ ଗାନ, କଦମ୍ବ ତରୁର ମନ, ଶ୍ରୀମୁଖରେ ବଂଶୀ ନବେଶିଲେ ସେ ।
ମୋହନ । ରିଙ୍କେ, କର ଅଙ୍ଗୁଳିଚାଳନ । ଶ୍ୟାମ କାହ୍ନ କରନ୍ତି ବାଦନ ସେ ।୫

ପଦ୍ମାର—ଏଥିପୂର୍ବୁ ରାସ୍ତୀ ସ୍ତୁତି ନାର ଧରି ପାଣି । ପ୍ରବେଶି ଭୂଷିତା କରଥିଲେ ରଙ୍ଗଭୂମ ହେ ।
ଏପରି ସମୟେ ଚମ୍ପାଫୁଲ କରେ ଧରି । ଚଳିଲେ ବୟସାନ୍ତିଶ୍ରେଷ୍ଠା ଲଳିତା ସୁନ୍ଦରୀ ହେ ।୨
ଶ୍ରୀମତୀର କରପରଶିକି ତାହା ଦେଲେ । ନଃଶଙ୍କଲାଂଚ୍ଛୁଣୀ ଦେ ଏ ଭାଷିଲେ ହେ ।୩
ଏହାପୂର୍ବେ ଶ୍ରି ମଦନ ସ୍ପର୍ଶ ପଡ଼ୁରଲେ ଧନ । କେଉଁବନ୍ଦୁ ଏହ ପୁଷ୍ପ ଆଣିଅଛ ପୁଣି ଗୋ ।
ଅତ୍ୟନ୍ତ ସୌନ୍ଦର୍ଯ୍ୟ ପରିମଳ ମନୋହର । ଯାହା ଚକ୍ଷୁ ଦୁହିଙ୍କର ବଢ଼ାଏ ଆନନ୍ଦ ହେ ।୪
ଏହା ଶୁଣିଣ ଲଳିତା ମଧୁରେ କହଇ । ବୃନ୍ଦାବନ ପୁଷ୍ପ ଏହୁ ଦୁର୍ଲଭ ଅଟଇ ଗୋ । ୫ ।
ବସନ୍ତ ସମୟ ଆସି ପ୍ରଷ୍ଫୁଟିତ ହେଲା । ନାନା ବର୍ଣ୍ଣ ଲତାମାନ ପୁଷ୍ପରେ ପୂରିଲା ହେ ।
ଦେଖିଲେ ନୟନଯୁଗ ପଲକ ନ ପଡ଼ଇ । କା କହିବ ତାର ଶୋଭା ମନକୁ ନ ଛାଡ଼ଇ ହେ
ଶୁଣିଣ ଧନୀଙ୍କ ମନ ଆନନ୍ଦ ହୋଇଲା । ବୃନ୍ଦାବନ ଦେଖିବାକୁ ଉତ୍ସାହ ବଢ଼ିଲା ହେ ।
ଲଳିତା କର ଧରିଣ ଯାଇଁ ବୃନ୍ଦାବନ । ପ୍ରବେଶିଲେ ଶ୍ରୀରାଧିକା ଶ୍ୟାମରଙ୍ଗ ଭଣେ ହେ

ଶ୍ଲୋକ—ଦରବଦଳିତମଲ୍ଲୀବଲ୍ଲୀଚଞ୍ଚତ୍ପରାଗ-ପ୍ରକଟିତପଟବାସୈର୍ବାସୟନ୍ କାନନାନି ।
ଇହ ହି ଦହତି ଚେତଃ କେତକୀଗନ୍ଧବନ୍ଧୁଃ ପ୍ରସରଦସମବାଣପ୍ରାଣବଦ୍ଗନ୍ଧବାହଃ ॥
ଗୀତଗୋବିନ୍ଦ ୧ସର୍ଗ ୭ ଶ୍ଲୋକ

ଏଠାରେ ଦେଖ ହେ ବିକଶି ମଲ୍ଲୀ ଦରଫୁଟ୍ଟ । ଅଥିର ପରାଗଶ୍ରେଣୀ ପଡ଼େ ହୁଏ ବୃଷ୍ଟି ଗୋ ।
ପରିକର୍ଣ୍ଣ ସୁବାସରେ ପୂରଏ କାନନ । ଜାନି କମନୀୟ ଚିତ୍ତ କରଏ ଦହନ ହେ ।୨।
କୁସୁମ ସୁଗନ୍ଧଦେନ ମଧୁକରଗଣ । ପ୍ରସର ପବନ-ବାଣ ଦହେ ପଞ୍ଚମଣ ଗୋ । ୩ ।
ଦେଖ ଅଶୋକଲତା ଏ ମାଧବୀ ଲତା । ନବୀନ ପଲ୍ଲବ କୋମଳତା ଗୋ । ୪ ।
କୋକିଳ ମୃଦୁ ମଧୁର-କୁହୁ କୁହୁ ଧ୍ୱନି । ପରମଦା ପଞ୍ଚମଦା ରୁ ରସବର୍ଦ୍ଧିନୀ ଗୋ । ୫ ।
ଦେଖ କମ୍ପାକଲ-ବକ-ଲପଟା କୋପଡା । ଅଙ୍ଗନା ରତି ରଙ୍ଗଜୁ ଚମ୍ପକ ସୁମଳା ଗୋ ।

ଶୋଭା ଲୋଭ ହୋଇ ଅଳି ଚୁମ୍ବନ କରେ ଅଳ । କଣ୍ଠ ପଣ୍ଠ ହେବାକୁ ଚୁମ୍ବି ନ ପାରେ କଲଗେ ।
ଅଦ୍ଭୁତ ନବାଧରୀ ଅଭିସାରୀ ନାରୀ । ଶିରୀ ଏ ଗ୍ରେଇ କରନ୍ତୁ ଲବଙ୍ଗବଲ୍ଲୀ ଗୋ ।
ହୃଦେ ହୃଦେ ହୋଇବାକୁ ସଗର୍ବ ସୁମନ । ଯେଷ୍ଟିକୁ କ ବାସ ଦୂତୀ ପଣ୍ଡ ସନ୍ଧାନ ଗୋ ।
ସତୀ ପୂଜ୍ୟା ବାସକସଜ୍ଜା ନାୟିକା ପ୍ରଭୃତି । ନନ୍ଦନ୍ତୁ କଣକ ଦେଖ ନଗଲନ୍ତ ନେଇଫୀ ଗୋ ।
ଅଙ୍ଗରାଗ-ଅନୁରାଗୀ ସୁମନେ ଭୂଷିତ । ହୃଦଦ୍ଧ ତାଡ଼ିତ ରସ ହେବାକୁ ତୃଷିତ ହେ ।୧।
ଉତ୍କଣ୍ଠାପର ହୃଲକଣ୍ଠେ ଉଲାକୁ ବକୁଳ । ଅଣ୍ଡୁଳ ଦ୍ୱୀ ଶୁଙ୍ଗୀ ଅଶୁଭଙ୍ଗି ମଦଜଳ ଗୋ ।
ଭ୍ରମେ ଭ୍ରମରି-ବିୟୋଗ ହୋଇଛନ୍ତି ଉଦ୍ବେଗୀ । ମୂର୍ଚ୍ଛା ବିପ୍ରଲବ୍ଧାରୂଢ଼ ହେଉଛନ୍ତି ସଜନ ଗୋ ।
ରସମଣ୍ଡିତା ଖଣ୍ଡିତା ପଗ୍ରସ୍ତେ କେତକୀ । ପ୍ରଭାତ ନାହିଁ ତନୁ ମଧୁପେ ନ ଚକ୍ଷି ଗୋ ।
ସେଫାଳିକା ମାଳିକା ଭୂଷାରେ ଧରେ ତନ୍ତ୍ରୀ । ଭୃଙ୍ଗ ଅନ୍ୱେଷଣେ ହୋଇ କଳହାନ୍ତରିତା ।
ପ୍ରୋଷିତଭର୍ତ୍ତୃକା ଏକା ରସାଳମୁକୁଳ । ଅପେକ୍ଷା ଦଶା କରନ୍ତି କୋକିଳର ମେଳ ଗୋ
ସ୍ୱାଧୀନହୃଦସ୍ୱା ବୃନ୍ଦା ସ୍ୱାଧୀନଭର୍ତ୍ତୃକା — । ପର ଗର୍ବେ ସ୍ଫୁରୁଅଛୁ ଏ ନବମାଳିକା ଗୋ ।
କହୁ ପୁଷ୍ପ ରସଲୋଭୀ ଅଟେ ମଧୁବ୍ରତ । ଚଳସାଏ କୋଳେ ତାଙ୍କୁ କର ବଶୀଭୂତ ଗୋ
ଷଡ଼ଋତୁ ସଦା ଏଥି ହୋଇଥାଏ ମୂର୍ତ୍ତିତ । ଆନେ କି ତ ନବ ସ୍ୱରସ୍ୱତୀଙ୍କୁ ଅଦ୍ଭୁତ ଗୋ ।
ମନୋରମ ବୃନ୍ଦାବନ କାନନ ଏ ସତ୍ୟ । ନନ୍ଦନବନ ଏହାକୁ ସମାନ ନୁହଁଇ ଗୋ । ୨
ଶ୍ରୀକୃଷ୍ଣଙ୍କର ଏ ଅଟେ ବିଳାସ ବାଟିକା । ଏଥିଲାଗି ଏ କାନନ ମାଧୁର୍ଯ୍ୟ ଅଧିକା ଗୋ ।
ଏଥି ନନ୍ଦନନ୍ଦନ କରନ୍ତି ଲଳିତ । ଶ୍ୟାମବନ୍ଧୁ ସଦା ତ ଚରଣ କରେ ତନ୍ତ୍ରୀ ଗୋ

ଲଳିତା— ଏ ସଙ୍ଗ ଶ୍ରବଣେ ବିନୋଦିନୀ । ଆନନ୍ଦେ କହୁ ନ ପାରେ ବାଣୀ ।୧।
ନାମ ମାଧୁର୍ଯ୍ୟକୁ ଆସ୍ୱାଦଇ । ମନମଧ୍ୟେ ବିଚାର କରଇ ।୨।
"କୃଷ୍ଣ" ବୋଲି ଯେ ଦୁଇ ଅକ୍ଷର । ଅମୃତୁଁ ଅଧିକ ସ୍ୱାଦୁ ତର ।୩।
ଏହି ବର୍ଣ୍ଣର କରଣ ତତ୍ତ୍ୱ । ଶ୍ରେଷ୍ଠେ ପଶୁଛଇ ଗୋ ଲଳିତେ ।୪।
କାହାର ବିନାଶ ନାମ ବୋଲି । କହିଲ ତୁମ୍ଭେ ଗୋ ପ୍ରିୟ ଆଳି ।୫।
ସେ ନାମ ଏ ଅଟେ କୃଷ୍ଣଙ୍କର । ଏଥିଲାଗି ଏତେ ମନୋହର ।୬।
ଶୁଣି ଧନୀ ତାହା ବିଚାରଇ । ତାଙ୍କ ରୂପ କେମନ୍ତ ଅଟଇ ।୭।
ଶ୍ରବଣ ଏପରି ମନେମନ । ଉତ୍କଣ୍ଠା ବଢ଼ଇ ଘନ ଘନ ।୮।
ଲକ୍ଷ୍ମାଳୁପଣେ ଯେଉଁ ଅଗ୍ରଣୀ । ତତସ୍ତତଃ ହୋଇ ଧରେ ଆଣି ।୯।
ମନ ଅତ୍ୟେ ମଗ୍ନ ହୋଇ ରହେ । ଅନ୍ୟାନ୍ୟ ଉନ୍ମାଦ ହର୍ଷେ କହେ ।୧୦।
ସେ କଲ୍ପେ ଶ୍ରୀପଦ୍ମାକ୍ଷ ଶ୍ରୀ । ଶ୍ୟାମବନ୍ଧୁ ସଦା ଚିତ୍ତେ ଧ୍ୟାନ ।୧୧।

ଅର୍ଥ—ଲଳିତେ ଦେଖ ଲଳନ୍ତ ଲତିକା ପରିସରନ୍ତ ଷ୍ଟ୍ରଗ ହୋଇଛନ୍ତି ପୁଷ୍ପପୁଞ୍ଜ ।
ଅନୁରକ୍ତମଧୁ ନାଗ ଶିଖି ଅଛି ଅପଦ୍ରୁତ ସ୍ୱରେ ଭ୍ରମନ୍ତ ସହବର୍ଯ୍ୟ ଗୋ ।
ଲଳିତେ ! ଦେଖର କୌତୁକ ସଂବର୍ଦ୍ଧ । ଗୃହ କଣ୍ଠ କରିବା ଚତୁର ଗୋ ।୧।

ଶ୍ଳୋକ—ଦେହସ୍ୱେ ଭୁବନାଙ୍କସଲବଲଲକ୍ଷାଯୁତ୍ତଳାସାଦ୍ୟଂ
ମା କୌତୁହଳ-ଚଞ୍ଚଳାକ୍ଷି ! ଲତିକାନ୍ତାଲେ ପ୍ରବେଶଂ କୃଥାଃ ।
ଜବ୍ୟାମଣ୍ଡଳପୁଞ୍ଜମଞ୍ଜୁଳରୁଚିଃ କୁଞ୍ଜେଚରୀ ଦେବତା
କାନ୍ତ୍ୟାଂ କାନ୍ତିଭରୈକିତାମିହ ବନେ ଦଃଶଙ୍କମାକର୍ଷତି । (ଗୋ ମଃ ୧।୭୪)

ଅର୍ଥ—ଲଳିତା କୁଟିଳେ ଖଞ୍ଜନ, ମୀନ ଗଞ୍ଜନକଞ୍ଜନ, ସବଞ୍ଚଳାଞ୍ଚିତ ଚାରୁନେତ୍ରା,
ଅଖିଳଭୁବନାନନ୍ଦ, ଲୀଳାସ ଆସ୍ପଦବନ୍ଧୁ, ତବ ଦେହ ହେମ କଳ୍ପଲତା ଗୋ ।
ଶ୍ରୀରାଧେ ! କୁତୁହଳବଶେ ହୋଇ ଭୋଳ । ନ ପ୍ରବେଶ ଏ ଲତିକା ଜାଲ ଗୋ । ୧ ।
ଯଦ୍ୟ ଦଳିତ ଅଞ୍ଜନ ପୁଞ୍ଜ ତନୁର ବରଣ କୁଞ୍ଜେଚରୀ ଦେବତାର ନାମ ।
ଅପୂର୍ବଚମଲ୍ଲାରିତା କାନ୍ତିଭରା ନବକାନ୍ତା,-ଗଣେ ସେହି କରଇ ଆକର୍ଷଣ ଗୋ ।
ଶ୍ରୀରାଧେ । ଅଟଇ ତ ହୋଇ ଏହି ବନ । ନାଶକେ ଆକର୍ଷେ ସଗଣ ଗୋ । ୨ ।

ଅକସ୍ମାତ ସ୍ପର୍ଶରୁଚି ଅତୁଳ ବର୍ତ୍ତୁଳ-କୁଚ ସମ ଉଦ୍ଭାଳମଣି-କଚ ।
ଶୁଣି ଚିତ୍ରସଖୀ ବାଣୀ ସ୍ମିତ ହୋଇ ଅବଧୂତ ଦେଇ ପରିହାସ ଅଭିବାଞ୍ଛା ଯେ ।
ଶ୍ରୀରାଧା । ସ୍ୱସେ ମନହାସେ ହେ ଲଳିତେ । ପଡ଼ିଥିଲ କି ସେ କେବ ହସ୍ତେ ଗୋ ।୩।

ସଖୀ କହେ ମାଧବର ମୂଳର ଶୀତଳକରିଠାରୁ ପ୍ରଭ କଲି ତବ ମୁଖ ।
ଯତଧରତ ସୁବର୍ଣ୍ଣ ଅନନ୍ତୁପମ ବରଣ କେତେ ଗୁଣେ ତୋତେ ମୁହିଁ ଲକ୍ଷ୍ୟ ଗୋ ।
ଶ୍ରୀରାଧେ ! ଯେଣୁ ତୁମ୍ଭେ ଶୋଭାସ୍ପଦା ଗାଢ଼ୀ । ତେଣୁ ଆକର୍ଷଣଯୋଗ୍ୟପାତ୍ରୀ ଗୋ । ୪ ।
ଏହି ସମୟରେ ଆସେ ସେ ସ୍ଥଳରେ ବଂଶୀଧ୍ୱନି ପ୍ରବେଶିଲା ।
ସେ ଶବ୍ଦ ଶୁଣିଣ କୃଷ୍ଣ ଅନୁଲେମାଂ ମନ ମଧ୍ୟେ ବିସ୍ତାରିଲା ସେ ।
କି ଅଦ୍ଭୁତ ଶବ୍ଦ ଏହି । ଦୃଷ୍ଟାମୃତ ଭୁଲିବ ଆସଇ ସେ । ୧ ।

କିବା ଏହି ସ୍ୱନ ଭୁବନମୋହନ- କାରଣ ବହି ବହୁଛି ।
ସତୀ ପତିବ୍ରତ ବୀଡ଼ାଲଜ୍ଜା ମଲ୍ଲ କେ ଅଧ୍ୟାସ୍ୱନ କରୁଛି ସେ ।
କିବା ଧୈର୍ଯ୍ୟସାରସର । କଦାଣଙ୍କ ଏ ଦୂଷାର-ସାର ସେ । ୨ ।
ବଳ୍ମ ଏଥର ଜାତ କଲା ଗୃହଅଙ୍କ ମଧୁ ର ସୁମନେ ।
ଯୁବତିସଙ୍କୁଳ କୁଳ ପ୍ରତିକୂଳ ମନ୍ତ୍ରେ ଲେ ହରିତ ଘନେ ସେ ।
କାହେ ପଣି ଭେଦେ ମନେ । ପଶିଥିଲୁ ବନେ ପଶୁନ୍ନେ ସେ । ୩ ।

ଏମନ୍ତ ବଦନରୁ ସ୍ୱଚ୍ଛ ବଂଶୀସ୍ୱର ପଞ୍ଚମାଳପର ଘୋର ।
କର୍ଣ୍ଣ-ପଥେ ପଶି ମରମରେ ଦଂଶି ଦେଲା ବେଦନା ମା'ର ସେ ।
ଦେହେ ଜର ଜର କଲା ଭାବେ । ଶ୍ୟାମ କହେ ତକ୍ଷଣ ନ ପାରେ ସେ ।୪।

ଚୂଡ଼ା—ଦେଖିଣ ଏ ସ୍ୱର ଲଳିତା ଗଲେ । ଚିତ୍ର ଭଉଜ ନିଜ ଚିତ୍ତରେ ।୧।
ରାଧା ଶୁଣି ବଂଶୀ ବିନୋଦ ସ୍ୱନ । ଉଦ୍ଦୀପନ ସବୁ ହେଲା ଉତ୍ପନ୍ନ ।୨।
ଅତ୍ୟନ୍ତ କୋମଳ ଅଙ୍ଗୀ ଥିଲେ । ଆପଣ ପଡ଼ିଲେ ଘୋର ବିଷମ ।୩।
ଏହା ବିଚାରିଣ ସେହି ସମୟରେ । ପଚାରିଲେ ପୁଣି ଲଳିତାଙ୍କରେ ।୪।
ଅଗୋ ପ୍ରାଣ ସଖି ! ମୋହର ତହିଁ । ତୁମ୍ଭର କୁଟିଳତା ଅଟଇ ।୫।
ଶ୍ରୀରାଧିକା କହେ ନୁହେଁ ଯଥାର୍ଥ । ତୋହ୍ମଠାରେ ମୋର ସଂଶୟ ଚିତ୍ତ ।୬।
ଏହା ଶୁଣି ପୁଣି କହେ ଲଳିତା । କେଁ ଏହି ଦଶା କି ଲାଗି ଚିନ୍ତା ।୭।
ଶ୍ୟାମ କହେ ଏହି ବଚନ ଶୁଣି । ତାହାଙ୍କୁ କହିଲେ ଶ୍ରୀବିନୋଦିନୀ ।୮।

ଶ୍ଳୋକ – ନାଦଃ କଦମ୍ବବିଟପାନ୍ତରତୋ ବିସର୍ପନ୍
କୋ ନାମ କର୍ଣ୍ଣପଦବୀମବିଶନ୍ନ ଜାନେ ।
ହା ହା କୁଳୀନଗୃହିଣୀଗଣଗର୍ହଣୀୟାଂ
ଯେନାଦ୍ୟ କାମପି ଦଶାଂ ସଖି ! ଲମ୍ଭିତାସ୍ମି । (ବିଃ ମାଃ ୧ । ୨୯) ।

ରାଗ ଦେଶାକ୍ଷ—କି ଶବଦ ହସି ! ଏହୁ କାନନ ଭିତରେ ଗୋ । ପଦ ।
ଏବୃନ୍ଦାବନ କଦମ୍ବ—ବିଟପମୂଳ ବଲମ୍ବ ତ୍ରିଭଙ୍ଗକ ନବ ଅମ୍ବୁ-ଧରାମ୍ବେ ପୋହିଲା ଗୋ ।
ଧୈର୍ଯ୍ୟ ବୁଦ୍ଧି ବିସର୍ଜି ! ହୃଦନ୍ତର ମହୋଦଧି ମନ୍ମଥ ଅଚଳ ହିଡ଼ି ପ୍ରହିବି ହେଉଅଛି ଗୋ ।
ନିସର୍ଗ କେତେ ନିରୂଢ଼ କର୍ଣ୍ଣପଦକୁ ଆରୂଢ଼ ହେବାମାତ୍ରେ ଗାଢ଼ ବାଢ଼ ହୃଦୟ ଧ୍ୱଂସିଲା ଗୋ ।
ହା ହା କୁଳୀନଗୃହିଣୀ ଗଣମାନସହାରିଣୀ ବିଚକ୍ଷ ମୃଗନୟନୀ ସହଜ ହୋଇଲା ଗୋ ।
ଏ ନାଦ ଯୁବତୀ ହୃଦ କରଇ ମୋହ ଉନ୍ମାଦ କୋଟି ମୃତ୍ୟୁର ସମ୍ପଦ ଅର୍ଥେ ବରଣିଲା ସେ
ଦେଖ ଦେଖ ଏ ପତଙ୍ଗ ହୃଦ୍ଗତା ତରଙ୍ଗ ଭଙ୍ଗ ପ୍ରତିଭଙ୍ଗ ଖଗ ମୃଗ ସ୍ତବ୍ଧ କରିଲା ଗୋ ।
“ଶ୍ୟାମ କହେ” ସଖୀ କହେ ମଧ୍ୟେ ଅତି ସନ୍ଦେହେ ଯା ହେତୁ ସାତ୍ତ୍ୱିକ ଦେହେ ଦୂରତ
ହୋଇଲା ଗୋ ।୭।

ଲଳିତା କହଇ ଏହା ଅନ୍ୟ ଶବ୍ଦ ନୁହେଁ । ଶ୍ରୀମୋହନ ମୁରଲୀର ସ୍ୱର ଅଟେ ଏ ।
ଏହା ଶୁଣି ତୁମ୍ଭେ କମ୍ପି ଉଦ୍ବେଗୀ ହୋଇଲ । ଚଳଣ ନ ପାର କମ୍ପି ସ୍ତମ୍ଭୀଭୂତା ହେଲ ଗୋ ।
ଚଳଦଳ ପତ୍ର କମ୍ପି ଗାତ୍ରଲତା ଅତି । ଅଗ୍ନିତପ୍ତ କଦଳୀ ପତ୍ର କମ୍ପି କାନ୍ତି ଗୋ ।

ପ୍ରତି ଅଙ୍ଗ ଚେମଚାଳ ଭଙ୍ଗୀ ଛନ୍ଦସିଲ । ମୋହନ ମୁରଲୀ ଶୁଣି ଦଶା ଏହା ହେଲା ଗୋ ।
ଏ ନୁହଇ ଭଲ କଥା ଚିତ୍ତ ସ୍ଥିର କର । ଶ୍ୟାମ କହେ ଏହା କହି ହୋଇଲେ ମୂର୍ଚ୍ଛିତ ହେ ।

ଶ୍ଳୋକ—ଅଜଡ଼ାଃ କମ୍ପସଙ୍ଖ୍ୟାଦ ଶସ୍ତ୍ରାଦନେ ନକ୍ତନ୍ତଳଃ ।
ତାପତୋତ୍କୃଷ୍ଣତାଧାସ କୋ ବାଦ୍ୟଂ ମୁରଲୀରବଃ । ଭଃ ମାଃ ୧।୬୧ ପର

ପୟାର—ସଖୀ କହେ ଶୁଣାମୃତ ଦୂର ନିଶ୍ଚିତରେ । ମୁରଲୀ କିଏ ବଜାଏ କଦମ୍ବମୂଳରେ ଗୋ ।
ହିମ ନୁହେ ସର୍ବ ତନୁ ହିମ ହୋଇ ଥରେ । ବଡ଼ଶୀ ନୁହଇ ମନମୀନକୁ ଓଟାରେ ଗୋ ।
ଅସ୍ତ୍ର ନୁହେ ମର୍ମଭେଦେ ଶବ୍ଦ ପ୍ରସ୍ଫୋଟରେ । କରୁଣ ନୁହଇ ଦମ୍ଭ-ବଳ କହୁଛେ ଗୋ ।
ବଜ୍ର ନୁହେ ଧୈର୍ଯ୍ୟଧର ଶୃଙ୍ଗ ଭଙ୍ଗ କରେ । ସୀତା ନୁହେ ହୃଦପଦ୍ମ-କେଦାର ବିଦାରେ ଗୋ
ଅଗ୍ନି ନୁହେ ତାପ ହେତୁ ମରମ ଦହନରେ । ପ୍ରାଣର ଉଙ୍ଗମସଙ୍ଗ ସଙ୍ଗ ପ୍ରାଣୀ ଥରେ ଗୋ ।
ପୁନଃ କହେ ସଖୀ । ମିଥ୍ୟା କହ ତୁମ୍ଭେ ଧୀରେ । ମୁରଲୀର ନୁହେ ଏହି ସ୍ୱର ଯେ ଅଧୁରେ ।।
ଭେଣ୍ଡ ଡାଗର ମୋହନମନ୍ତ୍ର ଉଚ୍ଚାରଇ । ଶ୍ୟାମ କହେ ସର୍ବ ପ୍ରାଣୀ ଉଚାଟ କରଇ ।।

ଦାର୍ଶ ବଙ୍ଗଳାଶ୍ରୀ—ଚନ୍ଦ୍ରାନନା କୁନ୍ଦଦନ୍ତୀ । ବଂଶୀଗାନେ ନ ଧରଇ ଧୃତି ସେ । ପଦ ।

ଚଳଣ ନ ପାରେ ତନୁ ଥର ଥର । ହୃଦସ୍ପନ୍ଦନ ହୁଏ ଗର ଗର ।
ନୟନୁଁ ଲୋତକ ବହେ ଝର ଝର । କହି ନ ପାରେ ଭାରତୀ ସେ । ୧ ।
ରୋମାଞ୍ଚ ଜାତ ହୁଏ ବାରମ୍ବାର । ମୁଖ ବଚନ ପ୍ରାତଃ କଳାକର କର ।
ସ୍ୱରଭଙ୍ଗ ବାଣୀ ଜାତ ଗଦଗଦ । ମାର ବିଦାରଇ ଗାତ୍ର ସେ । ୨ ।
ଶରୀର ଅଚଳ ଜଳେ ମର ମର । ଆକୁଳରେ ଚନ୍ଦ୍ରେ ବ୍ୟାଧି ହର ହର ।
ସ୍ୱେଦେ ପିନ୍ଧାବାସ ହୁଏ ଜରଜର । ଶୂନ୍ୟ ଦଶେ ଚଉକତ ସେ । ୩ ।
ମୋହ ମୂର୍ଚ୍ଛା ଜାତ ହୁଏ ଥର ଥର । ହୋଇବାରୁ ଚିତ୍ତ ହରବର ପର ।
ବୋଲଇ ମାରନ୍ଦା ମୂର୍ଚ୍ଛା ମାର ମାର । ପଶ ରକ୍ତ ତୋର ଛିଡ଼ ସେ । ୪ ।
ମଦ୍ୟପୀ ସଙ୍ଗେ ଗତ ଟଳ ଟଳ । ଚିତ୍ତ କମ୍ପେ ଯେହ୍ନେ ତଳଦଳ-ଜଳ ।
ନିମିଷ ପ୍ରତେ ହୁଅଇ କାଳ କାଳ । ଶ୍ୟାମ କହେ ଏହି ଗୀତ ସେ । ୫ ।

ପୟାର—
ଏହିକାଳେ ବୃନ୍ଦାଶିକା ତତପର ଦେଇ । ଗୃହେ ରଙ୍ଗି ପ୍ରବେଶହୋଇଲେ ଯହିଁ ତହିଁ ହୋ ।
ଶ୍ୟାମଙ୍କର ଅନ୍ୟ ଅନ୍ୟ ଚେଷ୍ଟା ଦେଖିଣ । ମନେ ବିସ୍ମୟରେ ବିସ୍ମିତ ହୋଇଣ ହେ । ।
ଶ୍ରୀକୃଷ୍ଣର ବଂଶୀଗାନେ ସଧା ସୁବଦନା । ତତ୍ତ୍ୱେ ଉଦ୍ଦୀପନ ଦଶା ଅଛୁ ଜଣି ହେ । ୩ ।
ମନେ ଏହା ଭାବିଣ ସନ୍ନିକଟେ ଗଲ । ଜାଣିବା କାରଣ ସେହି ଧନୀକୁ ପୁଚ୍ଛିଲ ହେ । ୪ ।

ଶ୍ଳୋକ— କ୍ଷୌଣୀଂ ପଙ୍କିଳୟନ୍ତି ପଙ୍କଜଦୃଶୋରଶ୍ରୂଣି ପଦ୍ମୋଦ୍ଭବାଃ
ଶ୍ୱାସାସ୍ତାନ୍ତ୍ରବସନ୍ତି ପାଣ୍ଡୁବଦନେ ଦୂରାଦୁରୋଜାଂଶୁକଂ !
ବୃତ୍ତିଂ ବନ୍ଧୁରୟନ୍ତି ସନ୍ତତମମୀ ରୋମାଞ୍ଚପୁଞ୍ଜାସ୍ତନୌ
ମନ୍ୟେ ମାଧବମାଧୁରୀ ଶ୍ରବଣସ୍ତୋତ୍ରବ୍ୟାସମଭ୍ୟାସତୋ । ଉଃ ମାଃ ୧୨୧ ପର

ଯଥାରାଗ—ନୀଳପଦ୍ମଚଣ୍ଡ କରେ ଝିଙ୍କାରବ ଚମ୍ପଣ ଭୂଷଣ ଯାଉ ।
ସେ ନେତ୍ରଯୁଗଳ ଲୋଚନଜଳେ ମେଳ ହୋଇ ଦଣେ ଜଳାଶ୍ରୟ ଗୋ ।
ଜବାଠାରୁ ଓଷ୍ଠ ତୋରା । କି ପାଁ ଭଷ୍ମାବୃତ ବମ୍ଭଦରା ଗୋ । ୧ ।
ଶ୍ୱାସ ଅନ୍ତରର ଉଚ୍ଚ କୁଚଯୁଗ ଟାଣଇ ନୀଳ ଅମ୍ବର ।
କୋଟି ପିତକର ମୁଖ ମନୋହର କି ପାଁ ଦଣେ ଅସୁନ୍ଦର ଗୋ ।
ମୀନଲଣା ଦ୍ୱିଜସ୍ୱର । କି ପାଁ ତପ୍ତ-ଜଳେ ପୂର୍ଣ୍ଣ ଗୋ । ୨ ।
ଅନେକ ରୋମାଞ୍ଚତ୍ରବର ସ୍ତନକ ବଳି ବରଜ ସୁଷମା ।
ସେ କି ପାଁ ଯବର୍ଣ୍ଣ ହୋଇଲା ସୁବର୍ଣ୍ଣ ବର୍ଣ୍ଣେ ଦୈବ୍ୟର ଉପମା ଗୋ ।
ହଂସଗଞ୍ଜଣା ଗତ । କି ପାଁ ହେଲା ପଦ୍ମକ୍ଷଲ୍ଲରୀତ ଗୋ । ୩ ।
ମୋହକ ପଦରେ ହେଉଅଛୁ ଏତେ ମାଧବ ମାଧୁରୀ ବାତ ।
ଶ୍ରୁତିଯୁଗେ ଭର ଚତ୍ତକୁ ଭୃମ୍ବର କଲ୍ୟ ଆହି ତରଳତ ଗୋ ।
ଏହା କହି ହେଲ ମୌନ । ଶ୍ୟାମଚନ୍ଦ୍ର ତା ପଦେ ଶରଣ ଗୋ । ୪ ।

ଦୀର୍ଘ ତ୍ରିପଦୀ—ଏ ସମୟେ ପୁନଃ ବଂଶୀର ସ୍ୱନ । ପ୍ରବେଶ ହୋଇଲା ଧନୀର କର୍ଣ୍ଣ । ୧ ।
ଅଚେତ୍ୟ କମ୍ପ ହୋଇଲା ଜାତ । ଉଚ୍ଚ-ପିଚ୍ଛଳା ସର୍ବାଙ୍ଗ ସ୍ଥିତ । ୨ ।
କମ୍ପିତ ସ୍ୱରେ ବାକ୍ୟ ଉଚ୍ଚାରିଲ । ବଂଶୀର ଗୁଣ ଲଳିତା କହିଲ । ୩ ।
ଶ୍ୟାମଚନ୍ଦ୍ର ଶ୍ରୀମୁଖ ବେଣୁ ମଧୁ । ସେ ସ୍ୱନ ଶୁଣିଏ ହୋଇଲ ଛନ୍ନ । ୪ ।

ଏକସ୍ତ୍ରୈର୍ଯ୍ୟନ୍ତଙ୍କୁଳାଂ ଯଙ୍ଗଦମଙ୍ଗାପୁଙ୍ଗେ ବଦ୍ଧଗର୍ବୋଦୟେ •
କ୍ରୀଡ଼ା-କ୍ୟାଧ୍ୱଧ୍ୱ-ବନ୍ଧୁରଗରଯୋ ତନ୍ୱଙ୍ଗୀ ଧନ୍ୱନ୍ତରିଃ ।
ସାଧ୍ୱୀ ଗର୍ବଭରମ୍ଭୁରଣିଚନ୍ଦ୍ରକାରମ୍ଭେ ତୁ କୁମ୍ଭୋଭବଃ
କାଳିନ୍ଦୀ ତଟମଣ୍ଡଳୀଷ୍ଠ ମୁରଳୀତୂର୍ଯ୍ୟାତ୍ର ଧ୍ୱନିର୍ଧାବତ । ଉଃ ମାଃ । ୧୨୩ —

ପଯ୍ୟାର—

ଲଳିତା କହିଲ ଧୈର୍ଯ୍ୟ ଧର୍ମ ପଣିବନ୍ତ । ତା'ଙ୍କୁ ଏହି ଧ୍ୱନ ଯେବେ ଦେଖିବନ୍ତ ଗୋ ।୧।
କୁଳକାମିନୀଙ୍କ କ୍ରୀଡ଼ା ଅଙ୍ଗେ ବାଧ୍ୟ ପ୍ରାୟେ । ଏହି ଧ୍ୱନ ଧନ୍ୱନ୍ତରୀ ତାଙ୍କୁ କାଣିଦିଏ ଗୋ ।୨।
ଯୁବତୀର ସାଧ୍ୱୀ ଗର୍ବ ଅଟଇ ଅର୍ଣ୍ଣବ । ତାଙ୍କୁ ଚଲୁକରନ୍ତେ ଏ ଧ୍ୱନ କୁମ୍ଭୋଭବ ଗୋ ।୩।
କାଳିନ୍ଦୀ ତଟମଣ୍ଡଳ କରଣ ଆସିଲ । ଏଥି ଲାଗି ଏହି ଧ୍ୱନ ଅତ ଜୁଳା ଦେଲ ଗୋ ।୪।

ନାମ ତା ମୋହନବଂଶୀ ସକଳ ମୋହଇ । ତାର ଶବ୍ଦଘାତେ ଜନ ଭୁବନ କମ୍ପଇ ଗୋ ।
ମେଘପଥ ରୁଦ୍ଧହୋଇ ସୂର୍ଯ୍ୟ ନ ଚଳଇ । ଯୋଗୀଗଣ ଯୋଗ ଧ୍ୟାନ ତେଜଣ ବହଇ ଗୋ ।
ଶୁକ ଚକ୍ଷୁ ଲତାଗଣ ଶୁଣି ପଲ୍ଲବଇ । ଯମୁନା ଯାହାର ନାଦେ ଉଜାଣି ବହଇ ଗୋ ।୭।
ମୃଗ ଗଜ ଯାହା ଶୁଣି ତୃଣ ନ ଭକ୍ଷନ୍ତି । ପାଷାଣ ଯାହାର ନାଦେ ତରଳିତ ହୁଅନ୍ତି ଗୋ ।୮।
ତାହା ନ ଶୁଣିଣ ତୁମ୍ଭେ କୃଷ୍ଣ ସ୍ତୁତି କରନ୍ତି । ଶ୍ୟାମଚନ୍ଦ୍ରେ ଏହା ଶୁଣି ସ୍ତମ୍ଭ କୁନ୍ଦଦନ୍ତୀ ଯେ ।
ଦୀର୍ଘ ଛନ୍ଦ—ଲଳିତା ବଚନ ଶୁଣି ଶ୍ରୀମତୀ । ସ୍ଥିର ନ ପାରଇ ଆପଣା ଧୃତି ।୧।
କହେ ସଖି ଅରେ ମୋହର ଦେହେ । କି ବ୍ୟାଧି ହୋଇଲା ଆସି ହୃଦୟେ ।୨।
ଶୁଣି ବିଶାଖିକା କହେ ଧନୀକୁ । ତୁମ୍ଭ ହୃଦ ଦୁଃଖ ଜଣାଇବୁ ।୩।
ଦିବ୍ୟୌଷଧି ଅଛୁ ମୋହର ଠାଇଁ । ସେବ ତାକୁ ଗୁରୁ ଚନ୍ଦ୍ରମା ମୁହିଁ ।୪।
ସବୁ ହୃଦତାପ ଯିବ ପୂରିଣ । ଚକ୍ଷୁ ହସ୍ତ ସୁଶୀତଳ ହୋଇବ ।୫।
ଏହା କହି ମୌନ ହେଲା ସଜନୀ । ଦୀନ ପ୍ରୀତ ଶ୍ୟାମ ଗୀତରେ ଭଣି ।୬।
ଛନ୍ଦ—ଏହା ଶୁଣି ରାଧିକା ତାହାକୁ । କହନ୍ତି ବୃନ୍ଦ ଯିବା ଗୃହକୁ ।୧।
ପୂଜି କଣ୍ଡିକାର ଗ୍ରନ୍ଥମଧ୍ୟେ । ସେବକ କୁନ୍ତ ଔଷଧ ସଙ୍ଗେ ।୨।
ଏହା କହି ସଖୀଗଣ ନେଇ । ଧୀରେ ଧୀରେ ଗୃହମଧ୍ୟେ ଯାଇ ।୩।
ପ୍ରବେଶ ହୋଇଲେ କୃଷ୍ଣପ୍ରିୟା । କେ ବର୍ଣ୍ଣିବ ସେ କାଳ ବରଙ୍ଗୀ ।୪।
ଶ୍ୟାମଚନ୍ଦ୍ର ତା ଭାବ ମନରେ । ଆପଣ ଧୈର୍ଯ୍ୟ ଧର ନ ପାରେ ।୫।
ସମ୍ବାଦ—
ଚହିଁ ଶ୍ରୀ ରାଧିକା ବିଶାଖାକୁ ଅଭ୍ୟର୍ଥିଲା । ଶୁଣି ସେହି ଚତୁର ସଖୀକରେ ବୋଇଲା ହେ ।
ଲକ୍ଷ୍ମୀମାନେ ଲୁବ୍ଧହୋଇ ଯାହାକୁ ଏ କିତବ । ଦର୍ଶନ ମାତ୍ରେ ମୋ ଚିତ୍ତ ହୋଇଲା ତୃଷିତ ହେ ।
କୋଟିବ୍ରହ୍ମା ଗୋଷ୍ଠୀହେଲ ସୃଷ୍ଟି ଶୋଭାମୃତ । ସାଗର ମନ୍ଥିଣ ସାର କଲେ ଉଦ୍ଭୂତ ହେ ।
ଏହି ଏ ଅଦ୍ଭୁତ ପୁରୁ ମୂର୍ତ୍ତି କେ ଲେଖିଲା । ମୋହନ ବଂଶୀଧାରୀ ମହେ ଜୀବ ଦେଲା ହେ ।
ଆଜ୍ଞା ଦେଲେ ଯେତୁ ଏହା ସ୍ନେହକର କରବ । ବଳେ ତକ ଲୋଭ କାଳେ ଦାସୀ ହେବ ହେ ।
ଦାସୀ ହେଲେ ହେବ ତାର ମୁକ୍ତାନନ୍ଦ ପ୍ରାପ୍ତି । ଯାର ଆଗେ ତୃଣସମ ଷଡ଼ୈଶ୍ୱର୍ଯ୍ୟ ଭୂତ ହେ ।
ଏହି ଚତୁର କେଉଁ ସ୍ଥାନରୁ ଆଇଲା । ହିତ ବାଞ୍ଛା କର ମୋର ପରାଣ ଲୁଟିଲା ଗୋ ।
କି କରିବ ଏହି ପଟ କ୍ଷଣ ଅବଲମ୍ବ । ସେହି କରିବ ଏହା ସଙ୍ଗ ପରଲବ୍ଧ ହେ ।
ସେହି ବା କେଉଁ ଜନ ଅଛୁ ଏ ଭୁବନ । ତୁରିତେ ଦେଖାଇଣ ମୋର ମନ ଥାଏ ଗୋ ।
ଶ୍ୟାମ କହେ ଏହିରୂପ ବାସ୍ତବ ମନରେ । ବାତୁଳୀର ପ୍ରାୟ ଧନୀ ହୋଇଗଲେ ଶରେ ହେ ।
ଦୀର୍ଘ ବଙ୍ଗଳାଶ୍ରୀ—ଆହେ ଭୁବନମୋହନ । ମୋର ତନୁ ଚିତ୍ତ ବାସେ ଯୋଗ ନେ । ପଦ ।
ଘନଶ୍ୟାମ ଆହେ ଚତୁର୍ଦ୍ଦଶ ଜଗତ । ହୋଇ କୃପା ପାଦରସ ନ ବର୍ଷ ତ

ଅତି ତୃଷାର୍ତ୍ତ ଗୃହସ୍ଥ ମୋର ଚିତ୍ତ । ତ୍ରାଣ କର ଏବେ ଜାଣି ହେ । ୧ ।
ଫୁଲଧନୁ ଫୁଲବାଣ ଧରି କାମ । ପ୍ରହାର କରଇ ମୋତେ ହୋଇ ବାମ
ପଶିଲି ଶରଣ ତବ ପାଦପଦ୍ମ— । ଯୁଗରେ ରଜନୀ ଦାନ ହେ । ୨ ।
ଅନୁଗତ ହେବାଯୋଗୁଁ କନ୍ଦର୍ପ । ଦେଖ ଦିଗମ୍ବର ବହ୍ନିରେ ଶିବର
ତୁମ୍ଭେ ଅନୁଗ୍ରହ କର ନାଶକର । ଏ କି ସ୍ୱାନ୍ତ ମନେ ଘେନ ହେ । ୩ ।
ହେଲ ଜଗତେ ନିର୍ଦ୍ଦୟ ଯଦି ପୁଣି । ହୋଇବ ହେ ନାଗରେନ୍ଦ୍ର, ଶିରୋମଣି
ଅଯଶ-ପତାକା ଉଡ଼ିବ ଅବନୀ— । ମଣ୍ଡଳରେ ହୋଇ ପୂର୍ଣ୍ଣ ହେ । ୪ ।
ଦୁଃଖେ କହୁ ଏତେ ହୋଇଣ ମଉନ । ରହିଲେ ଯାଉଥା ନାରୀର ସମ
ନ ପାରନ୍ତି ହୃଦବ୍ୟଥା ସମ୍ଭାଳିଣ । ଶ୍ୟାମ କହେ ହୋଇ ପାର୍ଶ୍ୱେ ହେ । ୫ ।

ପଦ୍ୟ ର

ପ୍ରଥମ ଅଙ୍କର ବ୍ୟାଖ୍ୟା କଲି ସମାପନ । ଇଷ୍ଟଦେବ ରାଧା ମୋହନ ପଦେ ପ୍ରଣମେଣ ହେ ।୧।
ଅପ୍ରାକୃତ ପ୍ରେମ ଯାର ନିତ୍ୟ ଓ ଅସୀମ । ଅବ୍ୟକ୍ତ ବ୍ୟକ୍ତକାରକ ଯାର ପଦଦ୍ୱୟ ହେ ।୨।
ତାହାଙ୍କ ଶ୍ରୀପଦ ସଦାବେଳେ ଧ୍ୟାନକର । ତାର ନାମ ନିତ୍ୟ ମୁଖେ କାକୁଳିର ପରି ହେ ।୩।
ଏଥି ନ ଘେନିବ ଦୋଷ ବୈଷ୍ଣବ ଗୋସାଇଁ । ଅତ୍ୟନ୍ତ ଅଧମ ମୂଢ଼ ପାଷଣ୍ଡ ଅଟଇ ହେ ।
ମୋର ଦୋଷ କ୍ଷମାକର ଆହେ ସୁଜ୍ଞଜନ । ଶ୍ୟାମ କହେ ପାଦପଦ୍ମେ ଏହି ନିବେଦନ ହେ ।

ଇତି ଶ୍ରୀ ବିଦଗ୍ଧମାଧବ ନାଟକ ସୂତ୍ରାନୁରୂପ ଶ୍ରୀ ନବାନୁରାଗ ମହୋତ୍ସବ ପ୍ରଥମ ଅଙ୍କ ସମ୍ପୂର୍ଣ୍ଣ ।

୨ୟ ଅଙ୍କ

ତେବେ ସଖୀସଙ୍ଗେ ବସିଣ ଶ୍ରୀରାଧା ନାନାଦି ବିଳାପ କରନ୍ତି,
ଅତ୍ୟନ୍ତ ଉଦ୍ବେଗ ଚିତ୍ତ ହୋଇବାରୁ ମନ ମଧ୍ୟେ ବିଚାରନ୍ତି,
ଆରେ ନିର୍ଲଜ୍ଜ ମାନସ । କିମ୍ପା ମୋତେ ଦେଉ ଏତେ କ୍ଲେଶ ରେ । ୧ ।
କୃଷ୍ଣ ବୈଦେଶିକ ଶ୍ୟାମଳ— କିଶୋର ଚନ୍ଦ୍ର ପୁଂସେ ଲୋଭ ବଢ଼ାଉ,
ଜାବତ୍ତି ନ ଲଭୁ କୁଳଟାଙ୍କ ଧରି କିମ୍ପା ଶୋଭେ ପଡ଼ାଉ,
ଏକ ପରପୁଂସେ ପ୍ରୀତି । କଲେ ଦୂଷଣୀୟା କୁଳବଧୂ ରେ । ୨ ।
ଯାର ଚିତ୍ରପଟ ଦର୍ଶନମାତ୍ରକେ ଏତାଦୃଶୀ ଦଶା ହେଲି,
ପୁନଶ୍ଚ ତା ଲାଗି ଶୋଚନା କାହିଁକି କରୁଅଛୁ ସବୁ ବେଳକେ,
ଆରେ ହୃଦୟ ଲମ୍ପଟ । ନ ଭଜିବୁ କୃଷ୍ଣ କେବେ ଦୃଷ୍ଟ ରେ । ୩ ।

ଇନ୍ଦୁ ଦୃଷ୍ଟମନ ତୋହ୍ନ ପସ୍ତନମ ଆଜକ ସ୍ନେହ ଧନ
କରବ ତଦାଣ ଏ ଲେକନବାସ—ଜଳପାରୁ ହେଉ ତ୍ୟାକ୍ୟ
ଭେଲ ଦୃଢ଼ଲତାପାଶୀ ତୋଲ ଚକ୍ରମଲୁ ଦେବ ଭାଣିଲେ । ୪ ।
ଏତେ ଶବ୍ଦ କଣ୍ଟ ସ୍ୱେଦ ସୁରେମାଞ୍ଚ ସ୍ୱରଭଙ୍ଗ ହେଲା ରଙ୍ଗେ,
ବେପଥୁ ବୈବର୍ଣ୍ଣ୍ୟ ଅଶ୍ରୁଜଳପୂର୍ଣ୍ଣ ମୂର୍ଚ୍ଛନ୍ଦ୍ୟାଦନା ଅଙ୍ଗେ,
ଷୀର୍ଣ୍ଣ ସ୍ୱର୍ଣ୍ଣ କଷପର । ଶ୍ୟାମ ଦୁଃଖୀ ଧ୍ୟାଦ୍ୟେ ସେ ମାଧୁରୀ ହେ । ୫ ।
ଦୀର୍ଘ ଛନ୍ଦ—ଲଳିତା ବିଶାଖା ଦୁଇ ସଜନୀ । ପୁଚ୍ଛିଲେ ତାହାଙ୍କୁ ସସ୍ନେହେ ବାଣୀ ।
ଆଗୋ ପ୍ରାଣସଖି ତୋହର ଦେହେ । କେଉଁ ବ୍ୟାଧି ଅସି ହେଲା ଉଦୟେ ।
ସାଧ୍ୟ କି ଅସାଧ୍ୟ କୃପା ନ କର । ହଦାବେଳେ ତାପ ହୃଦରେ ବଢ଼ୁ ।
ଆମ୍ଭଠାରେ ସଖି ଗୋପ୍ୟ ନ ରଖ । ବନିତା କିପାଁ ହେଉଛୁ ଭାଳ ।
ଶ୍ୟାମ କହେ ଏହା ଶ୍ରବଣେ ଧନୀ । ନିଃଶ୍ୱାସ ଛାଡ଼ି ଗୁହ୍ଲ ଅଚ୍ଛ ।

ଶ୍ଳୋକ—ଚନ୍ଦ୍ରାଦ୍ରମତବଦ୍ୟ ଭ୍ରନ୍ତଢ଼ ସଖି ସ୍ୱାନ୍ତସ୍ୟ କିଂ ତେ ଧୃତଂ
କମ୍ପା ସ୍ନିଗ୍ଧ ତାମ୍ରମମ୍ବରମଶ୍ରସ୍ୱେଦାମ୍ବୁସାଂଦ୍ରମ୍ବରଃ ।
କଣ୍ଠଗ୍ରହକଗୌରୀ ଲୁପ୍ତ ବପୁଃ ସ୍ଥୈର୍ଯ୍ୟଂ କଥଂ ବା କଳାତ୍
ତଥ୍ୟଂ ବ୍ରୁହି ନ ମଙ୍ଗଳା ପରଜନେ ସଙ୍ଗୋପନାଙ୍ଗୀକୃତଃ । ଶ୍ରୀ ମାଃ ଅ ୨ ।

ଲଳିତା ବିଶାଖା ପୁଣ, ସ୍ନେହ ସ୍ୱଭାବେ ବହନ, କହେ ଶୁଣ ବଚନ ସୁଶୀଳା,
ତୋହର ଚନ୍ଦ୍ରା ସଭତେ, କାହିଁ ଉପୁଜିଲା ଚତ୍ତେ, କିପାଁ ଧୃତ ମତ ନାଶ କଲ ଗୋ
ଧନ ଗୋ ! କିପାଁ ହେଉଛୁ ଏପରି ଦୁଃଖୀ । ବୃଥା କଥା ପୋଥି ହୃଦେ ଲେଖି ତେ
କିପାଁ ଅରକ୍ତିମା ନେତ୍ର, ଝରଇ ନୀର ସତତ, ସ୍ୱେଦେ ଭିଜିବ ତାମ୍ରବର୍ଣ୍ଣ ବସ୍ତ୍ର ।
ଚମ୍ପକ ବରଣ ଦେହ, ନ ହୁଏ କିପାଁ ଗୋ ଥୟ, କମ୍ପେ ବୋଧ ଦ୍ରୁମ ଦଳବତ ଗୋ
ଆପଣାର ପର ଜନ, ପ୍ରତ କର ସଂଗୋପନ, ଏହା ତରୁ ଉଠେ ଅମଙ୍ଗଳ ।
ତୋହର ଦେଖି ଏ କଥା, ସଖୀଗଣ ହୃଦେ ଚନ୍ତା, ରୋ ଅଗ୍ନି ଜଳେ ନିରନ୍ତର ଗୋ
ଶୁଣି ସଖୀ କ୍ରୋଧଭରେ କହେ ବିଶାଖା ସଖୀରେ, ରୁ ପୁଣି ପସ୍ୱରୁ ରେ ହସ୍ତ ରେ
ମହାମହା ଚକ୍ଷୁଳିତ, ଭଡ଼ବାନଳ ସନ୍ତତ, ଉତ୍ତପ୍ତ ଅଗ୍ନି କୁଣ୍ଡମଧ୍ୟରେ ଗୋ ॥
ବିଶାଖେ ! ପେନ୍ଦେଲୁ ବଳେ ଝିଟକନ, ଏବେ ହେଉ ଅଛୁ ଉଦ୍ଦାହିନୀ ଗେ
କର୍ଣ୍ଣଶୂଳ ରୁଳ ବାଣୀ, ଶୁଣି ବିଶାଖା ସଜନୀ, ଅଭିଶପ୍ତ ଦଗ୍ଧ ପାଇ ଚତ୍ତେ ।
କ୍ରୋତ ହୋଇ ଅନ୍ତରେ ବୋଲେ ସଖି କହେଁ ।ପାରେ ବୋଧ ଦଥ ବୃଥା କିପାଁ ଏତେ
ଦନ ଗୋ ! ଜନକଧି ସ୍ମରଣ କଲିଣି, କେବେ ନୁହେଁ ମୁଁ ଅପସ୍ୱୀମା ଗୋ । ୬ ।

ନାୟିକା ସନ୍ଦେଶ ସ୍ତବ ।

ଏ ବୋଲନ୍ତେ ହେ କୃପାସିନ୍ଧୁ ହେ ! ଜଗଦ୍ବନ୍ଦ୍ୟେ ! ଆଲେଖ୍ୟ ଭୁଜଙ୍ଗ ସଂସର୍ଗିଣୀ
ଏ ଧାବମାନ ଆକୁ ଭେଦ ହୋଇଯିବ ବୃକ୍ଷ ଏ କଣ୍ଠ ଭୂଷଣ ଚନ୍ଦନ ପୁଣ ରେ
। ସ୍ନେହସନ୍ତତେ ହେବ ଟୁକା । ତେବେ ତୋର ଦେଖାଇବ ସ୍ମରଣ ରେ ।୨।

ଶ୍ଲୋକ— ଚତୁଦ୍ୱାରସ୍ତମ୍ଭା ମକରନ୍ଦରୁଚୀରାଂ ରୁଚିରତାଂ
ପଟ୍ଟାଦ୍ରବ୍ୟୋତ୍ଭୂତ ଧୃତଶିଖିଶିଖଣ୍ଡୋ ନବଯୁବା ।
ଭ୍ରୁବ ଚେତାକ୍ଷିପ୍ତା ମପି ବସତୋନ୍ମାଦିତ ମତେଃ
ଶଶୀବୃତ୍ତେର୍ବହ୍ନିଃ ପରମଦ୍ଭୁତ ବହ୍ନିର୍ମମ ଶଶୀ ॥ ବିଃ ମାଃ ୨।୧

ଚନ୍ଦ୍ରବଦନେ କହେ ରାଧା ଶଶିମୁଖୀ । ମୋ ହୃଦସ୍ୱପ୍ନା । ଶୁଣ ପ୍ରାଣସଖୀ
ଅପୂର୍ବ ରତନ-ସମ ତନୁର ବରଣ । ମସ୍ତକେ ଶିଖିଶିଖଣ୍ଡ ଚୂଡ଼ା ମନୋହର ଗୋ ।
ମନ୍ମଥର ମନମଥ ଜେଣିଗତ ପଥ । ନବଯୁବା ଚକ୍ରବର୍ତ୍ତୀ ଅଦ୍ଭୁତ ପଦାର୍ଥ ଗୋ ।
ଏହି ଚେତେ ମର୍ମ୍ମ ସେହି ଉପୁଜିଲା । ଦୂରୁ ଦର୍ଶନ ମନହାସ ସଖୀ ହେଲା ଗୋ । ୪
ତାଙ୍କୁ ଦେଖି ଉନ୍ମାଦରେ ହୋଇଲି ଅଜ୍ଞାନ । ହତାହତ ଦଶ ମୋହର ପଡ଼ିଲ ପୁଣ ଗୋ
ଚନ୍ଦ୍ର ଏବେ ଅଗ୍ନି ରୂପ-ଧରିଣ ପୋଡ଼ଇ । ଅନଳ ସୁଧାଂଶୁସମ ଶୀତଳ ଲାଗଇ ଗୋ
ଚନ୍ଦ୍ର ତାନ୍ତ ଅନଳରେ କରିବ ପ୍ରବେଶ । ଶ୍ୟାମ କହେ ଏତେ କହି ହୋଇଲ ବିବଶ ।
ପଦ ବୃନ୍ଦା— ଏମନ୍ତ ଶୁଣି ବିଶାଖା ଲଳିତା । ଅନ୍ୟ ଉପାୟ ଚିନ୍ତା କର ତ୍ୱରିତା ।୧।
ନ ସ୍ପର୍ଶ କହିଲେ ହେବ ଶୋଭିତା । ସ୍ୱପନପ୍ରାୟେ ଏ ସବୁ କଥା ।୨।
ବୁଝି କାହିଁକି ତାଙ୍କୁ ସତ ମଣି । ପ୍ରଳାପ କରୁଛ ଏବା ରଜନୀ ।୩।
ଚିତ୍ତକୁ ପ୍ରବୋଧି ଧଇର୍ଯ୍ୟ ଧର । ମିଥ୍ୟାରେ ମନକୁ ଭ୍ରାନ୍ତ ନ କର ।୪।
ଶ୍ୟାମ ହିଦା ସେବେ ବୁଝିଲ ପଦ । ପଚେ କହ ଚିତ୍ତ ହୁଏ ଗଦ୍‌ଗଦ ।୫।

ଶ୍ଲୋକ— ଲୁଠାଂ ଚକ୍ରେ ଚ୍ଛେଦୈର୍ଦୂର୍ବେ ପରଚରିତାମଧୁକରୁ
ପୁନର୍ଲୟେ କ୍ଳୁପ୍ତଃ ଶ୍ରୀଯୁକ୍ତ ଭ୍ରୁମୂଲେ ଚତୁରଧୀଃ ।
ଲପନ୍ତ୍ୟାଚ ସଂଶ୍ଲେଷଂ ନହି ନହି ରଚିତ ସ୍ମିତମୁଖୋ
ହଠାତ୍ ଦୃଷ୍ଟିର୍ଲିଃ ସ ଭିଳ ଭୁଜବଲ୍ଲୀଦଳନମଧାତ୍ । ବିଃ ମାଃ ୨।୧

କୁଙ୍କୁମ ଚର୍ଚ୍ଚିତ ଅଙ୍ଗ ପୁଲକିତ ପୁଣ ରୋମାଞ୍ଚ ଦେଖ ଗୋ
କବରୀ ହେ ଛେଡ଼ ହୁଏ କି ଜଳଦ ବିଦ୍ୟୁତ୍ସହ ଉଦେ ପ୍ରାତେ ଗୋ ।
ମୋର ଅଙ୍ଗ ଚିହ୍ନ ଲେଖ୍ଚ । ହୋଇ ଚଞ୍ଚଳତା ଅଛି ଲଭ ଗୋ । ୧।
କେଳିକଦମ୍ବତଳେ କେଳିଲୀଳ ହୋଇ ମିଳି ମୋ ପାଖରେ ।୨।
ଗମ୍ଭୀର ସ୍ୱରେ ମଧୁର ଧୂନ ବଚନ ରଚନ ବଦନେ ।୪ ।

ତାର ଅକ୍ଷେପରେ ମୁହିଁ । ଉଚାରିଲି ବାଣୀ "ନାହିଁ ନାହିଁ" ଗୋ । ୨ ।
ଦରସ୍ମିତାଧର ହୋଇ ସେ ମୋହର ଧରିଲେ କରକମଳ ଗୋ ।
ନାଗରତନୁକଣ୍ଠା ରକ୍ତପଦ୍ମ କୁମ୍ଭା—ଗୁଚ୍ଛା ନୀଳୋତ୍ପଳ ମାଳ ସେ
ଭୁଲ ଯେଉଁ କରଯୁଗ । ଲାଗୁଁ ମୋର ହେଲା ଜ୍ଞାନତ୍ୟାଗ ଗୋ । ୩ ।
କ୍ଷୋଭକୁଳ ଜଳ କୂଳ ଲଙ୍ଘି ଧୈର୍ଯ୍ୟ-ତରୁ ଉପୁଡ଼ାଇ ଦେଲା ।
ଶ୍ୟାମଳ ସୁନ୍ଦର ରୂପ ମନୋହର ଏତାଦୃଶୀ ମୋତେ କଲା ସେ ।
ପରକାୟ ପ୍ରବେଶକ—ବିଦ୍ୟା ଜାଣେ ସେ ଧୃଷ୍ଟ ନାୟକ ସେ । ୪ ।

ଶ୍ଲୋକ—ଦରୋନ୍ମୀଲନ୍ନୀଳୋତ୍ପଳ-ଦଳ-ରୁଚସ୍ତସ୍ୟ ନବଭା—
ଦ୍ଭିରୁଢାନାଂ ସଦ୍ୟଃ କରସରସିଜସ୍ପର୍ଶକୁତୁକାତ୍ ।
ବହନ୍ତୀ କ୍ଷୋଭିଣାଂ ନବନ୍ଦ—ମିହ ନାକ୍ଷାସିଷମିଦଂ
କ୍ୱ ବାହଂ କା ବାହଂ ଚକର କିମହଂ ବା ସଖି ତଦା । ନ: ମା: ଅ ୨।୧୨ ।

ଦରନୀଳୋତ୍ପଳ-ଦଳ ରୁଚି ତାର ନିବିଡ କର ସ୍ପରଶେ ।
ଜାତ ହେଲା କ୍ଷୋଭକୁଳ ଏ ଅଙ୍କୁଳ ବଢ଼ାଇଦେଲା ବିଶେଷେ ଗୋ ।
ଭ୍ରମ ପ୍ରମାଦ ଅଚେଷ୍ଟା—କିଣେ ନ ରହିଲା କିଛି ନିଷ୍ଠା ଗୋ । ୫ ।
ଶିଖଣ୍ଡଚୂଳଆ ଘନଶ୍ୟାମଳସ୍ୟା ଭୁମ୍ବି ଦେହେ ନୃତ୍ୟ କରେ ଗୋ ।
ପୁଣି ସେ ନାଗର ମୋହର ଅନ୍ତର—ନାଚ ନାଚ ଇରି ଫେରେ ଗୋ ।
କିଏ ତୁହି କିଏ ମୁହିଁ । ଏଥି କିଷ୍ଟୟ କିଛି ନ ଯାଇ ଗୋ । ୬ ।
କାହିଁ ମୁଁ ରହିଛି କେ ମୋ ପାଶେ ଅଛି କିଛି ନ ପାରିଲି ଜାଣି ଗୋ ।
କି କର୍ମ କରୁଛି କା-ଲୁ କି କହୁଛି ହେଲିଣି ମୁଁ ପାଗଳିନୀ ଗୋ ।
ଏତେ କହି ମହାଭାବ । କଳପିଲେ ପ୍ରଲାପରେ ସବ ଗୋ । ୭ ।

ଶ୍ଲୋକ— କ୍ୱ ସ୍ୱର୍ଣମଲ୍ଲୀନାଂ କୁଲୈର୍ନିର୍ମଲିନସ୍ୟା କୃତ୍ୟଂ ନ ମେ ମାଲୟା
ବାଲାହଂ କାମୁ ନର୍ମଣସ୍ତବ ପଦଂ ଦୂରେଭବ ପ୍ରାଙ୍ଗଣାତ୍ ।
ଇତ୍ୟାଦୀନି ଧୁରନ୍ଧରଶ୍ରି ପରତଃ ସ୍ୱପ୍ନେ ତଥା ଜାଗରେ
ଜଳ୍ପନ୍ତୀ ଜଲଜେକ୍ଷଣା ସପଦ୍ୟୁତ କ୍ଲେଶେନ ସ୍ୱହିନ୍ଦବ । ନ: ମା: ଅ ୨।୨

କଠୋର ଘାତୁକ ଶଠତାନାସ୍ୱକ ଅଳିକୁଳଦ୍ୱାରା ମ୍ଳାନ ।
ହୋଇଅଛି ଯେବେ କୁସୁମମାଳିକା କିପାଁ ମୋତେ କର ଦାନ ହେ ।
ମୁଁ ପେ କୁହୁଛ ତନ୍ତ୍ରୋଗ୍ୟ । ମୋତେ ଘୋଟିଛି ବିଷମ ରୋଗ ହେ । ୮ ।
ହେ ଚଞ୍ଚଳ ଚଳ ମୋହର ଅଞ୍ଚଳ କିପାଁ ବଳାତ୍କାରେ ଧର ହେ ।

ମୋହର ପ୍ରାଙ୍ଗଣେ ନ ରହୁଣ କ୍ଷଣେ ଦୂର ହୁଅ ହେ ସୁନ୍ଦର ହେ ।
ମୁଁ ଯେ ବାଳା କୁଳାଙ୍ଗନା । ମୋତେ ପରିହାସକୁ କରନା ହେ ।୯ ।
ସେ ନବ କିଶୋରୀ ସର୍ବଦା ଏପରି ଦୁରକ୍ଷରମାନ ଭାଷି ଯେ ।
ଶୟନେ ସ୍ୱପନେ ଜାଗ୍ରତେ ଅଜ୍ଞାନେ ନ ଜାଣନ୍ତି ଦ୍ୱିବାନିଶି ଯେ ।
ପାପୀ ଶ୍ୟାମ ଯୋଡ଼ି କର । ମାଗେ କୃପାମୟି ! ଧୈର୍ଯ୍ୟ ଧର ହେ । ୧୦ ।

ଦୁଃଖୀହୋଇ ଦୁଇସଖୀ ନେହେରଣି ଜାର । କହେ ଆଗୋ ବରାରୋହେ ଏପ୍ରମାଦ ହେବ ଗୋ,
କାମ ଚକ୍ରବର୍ତ୍ତୀ ମନ୍ତ୍ରୀ ବସନ୍ତ ଅନଳ । ଖେଳାକରେ ନେଇ ନାନା ପୁଷ୍ପପରିମଳ ଗୋ ।୨।
ତାର ପରିକର ପିକ ମୂକଙ୍କୁ ଡେକି ।'ମଧୁର ଆଳାପ କରେ ପଞ୍ଚମରେ ମଣ୍ଡି ଗୋ ॥
ନାନା ପୁଷ୍ପରସଭୋଗୀ ସରାଗୀ ଭ୍ରମର । ଝଙ୍କୃତ ନାଦେ ଦହେ ବିରହିଣୀ ଜିର ଗୋ ॥
କନ୍ଦୋଷୀ ନାରୀ ଉଦ୍ବେଣୀ ଅଛନ୍ତି ଏମାନେ । ଦୁଃଖ ଦେବେ ତୋତେ ଅମ୍ଭେ ଏହା ଭାବୁ ମନେ,
ଅଦ୍ଭୁତ ଅନଙ୍ଗଭୂତ ଆବେଶରୁ କରି । କଣ୍ଠଗତ ! ଏ ଦୁର୍ଗତି ହୋଇଛି ତୋହର ଗୋ ॥
ତାର ପରିକରଗଣ ହେବେ କି ସଜ୍ଜନ । ଏଣୁ ଧୈର୍ଯ୍ୟ ଧାରଣ ଶ୍ରେୟଃ "କହେ ଶ୍ୟାମ"

ଶ୍ଳୋକ—ବର୍ଦ୍ଧନ୍ତୁ ପଞ୍ଚୀରପନ୍ଥ-ତଟୀ-ସଂସର୍ଗିଣୋ ମାରୁତାଃ
ଦେଳନ୍ତଃ କଳୟନ୍ତୁ କୋମଳତରାଂ ପୁଂସ୍କୋକିଳାଃ କାକଳୀଂ ।
ସଂରମ୍ଭେଣ ଶିଳୀମୁଖା ଧ୍ୱନନ୍ତୋ ବଧ୍ୟନ୍ତୁ ମନ୍ମାନସଂ
ହାସ୍ୟନ୍ତ୍ୟାଃ ସଖି ମେ ବ୍ୟଥାଂ ପରମମୀ କୁର୍ବନ୍ତୁ ସାହାଯ୍ୟକଂ । ବି:ମା: ଅ୨:୧୫

ଶୀତଳଗୁଣେ ପୂରିତ, ଏହୁ ମଳୟ ପର୍ବତ, ତାକୁ ସ୍ପର୍ଶି ବାତ ହୁଏ ଶୈତ୍ୟ ।
ନାଗବନ୍ତ ନାଗକୁଳ, ଚ୍ୟବଲରୁ ସେ ଅନିଳ, ଗୁଣକୁ ବହଇ ବିଷବତ ।
ସଖି ! ରେ । ସେ ପବନ ସେବନେ ଅମୃତ । ଅଛି ଟିକେତେ କେତେ ଉପକାର ଗୋ ।
ପଞ୍ଚମସ୍ୱରେ ପ୍ରବୀଣ, ଅଟେ କୋକିଳ କାଃସ୍ୱନ ବିରହିଣୀ ପ୍ରତି ବଜ୍ରସମ ।
ମଧୁ ମଧୁରକାକଳି—ବଣେ ରସେ-କଣ୍ଠୁ କେଳି, ରସାଳମୁକୁଳ କରି ପାନ ରେ ।
ସଖି ! ରେ । ସେ ହୁଅଇ ବ୍ୟାଧିବୃଦ୍ଧିକର । ନୁହଇ ସେ କେବେ ଅନୁକୂଳ ଗୋ । ୨ ।
ଅତନୁଧନୁର ଗୁଣ, ଅଛନ୍ତି ଭ୍ରମରଗଣ ଶୋକକାରୀ ଆଶୋକରେ ମିଳି ।
ସେ ଦୁର୍ବାର କାମବାଣ ତାକୁ ସନ୍ଧି ଅବିଚ୍ଛିନ୍ନ ବିଦ୍ଧିକରେ ମୋର ତନୁ ପ୍ରାଣ ରେ ।
ସଖିରେ । ପ୍ରାଣତ୍ୟାଗ ମୋହ-ପକ୍ଷେ ଶ୍ରେୟ । ସେମାନେତ ହୋଇବେ ସହାୟ ଗୋ । ୩
ତା ଶୁଣି ଲଳିତା ଭାଷି ଅଗୋ ନବରସାଳସି । ଏ ବସନ୍ତକାଳ କାମି-କାଳ ।
ତାର ସନ୍ଦ୍ରୁହ ନବୀନ ମଦନ ଏ ବୃନ୍ଦାବନ-ରାଜ୍ୟେ ପାଇଅଛି ରାଜ୍ୟଭାର ଗୋ ।
ଧନ୍ୟ ! ଗୋ । ଯେ କାମିନୀ ବୃନ୍ଦାବନ ଯାଇ । ତାରେ ସେ ମଦନ ଆକର୍ଷଇ ଗୋ ।୪।

ବନେ ଯାଇଥିଲୁ ଭୁଲୁ ସେ କି ଆକର୍ଷିଲା ସେହୁ ତହୁଁ ତୋର ଚିନ୍ତା ଜନମିଲା ॥
ଚିନ୍ତାରୁ ଜାଗର ହେଲା ତହୁଁ ଉଦ୍ବେଗ ବଢ଼ିଲା । ତହୁଁ ପୁଣି ତନୁ କୃଶ ହେଲା ଗୋ ।
ଧନି ! ଗୋ । ମଳିନ ହୋଇଲା ଅଙ୍ଗବର୍ଣ୍ଣ । ଅମାପ ସନ୍ତାପ ରାତ୍ରିଦିନ ଗୋ । ୫ ।
ପ୍ରଳାପରୁ ବ୍ୟାଧି ଜାତ ବ୍ୟାଧିରୁ ଉନ୍ମାଦ ଚିତ୍ତ ବିଭ୍ରମଇ ମନରେ ସଜନି ! ।
ବ୍ୟାଧିରୁ ହେବ ଅପାୟ କରିବା ନାନା ଉପାୟ ବୈଦ୍ୟଶାସ୍ତ୍ରୁ ଚିକିତ୍ସା ଆଣି ଗୋ ।
ଧନି ! ଗୋ । ଏଥିପାଇଁ କିପାଁ ଏତେ ଦୁଃଖୀ । ଶ୍ୟାମ କହେ ହୋଇଯିବୁ ସୁଖୀ ଗୋ ।

ଶ୍ଳୋକଃ—ଇତ୍ଥଂ ସଖି ! ମୁହୁଃ-ସାଧ୍ୱୀ ରାଧାହୃଦୟବେଦନା ।
କ୍ଳିଷ୍ଟା ଯଦ ଚିକିତ୍ସାପି କୁତ୍ରାପ୍ୟଂ ପର୍ଯ୍ୟବସ୍ୟତି । ବି: ମା: ୨।୧୬

ରାଗ ଭୂପାଳ—ଅନ୍ତରଗତ ବେଦନା ମିତ ତୋତେ କି କହିବି ଗୋ ।
ଚତୁରାନନ ହେଲେଣି ବାମ ଆଉକି ବଞ୍ଚିବି ଗୋ । ପଦ ।
ବିଷମ-ରୋଗ ହୃଦୟେ ଗତ ହେଲାଣି ଜନମ ଗୋ ।
ଅତି ଦୁଃସାଧ୍ୟ ଔଷଧେ ସାଧ୍ୟ ନୋହୁବଟି ଜାଣ ଗୋ । ୧ ।
ତବ ଚିକିତ୍ସା ନମାନି ଇଚ୍ଛା ଔଷଧ ବାଞ୍ଛ ଏ ଗୋ ।
କହିଲେ ଲାଜ ମହା ଆଶ୍ଚର୍ଯ୍ୟ ଦୁର୍ଗନ୍ଧ ଜନ୍ମାଏ ଗୋ । ୨ ।
ଏ ରୋଗ ପ୍ରତି ଔଷଧ କିଛି ଛିତି ଠେଳ ନାହିଁ ଗୋ
ପାଇବ କାହୁଁ ଧାତାତ ଅପୂ-ବେଦେ ଲେଖି ନାହିଁ ଗୋ ।୩।
ନିଶ୍ଚୟ ପ୍ରାଣ ଯିବ ଶମନ-ଭବନକୁ ଆଜ ଗୋ
କର୍ମ ଲେଖନ ଏ ମୋର ଶ୍ୟାମ କହେ ଦୁଃଖେ ମଜ୍ଜି ଗୋ ।୪।

ଯଥ ରାଗ—ଆମ୍ଭେମାନେ ପରଜନ । କିପାଁ ଆମ୍ଭଙ୍କୁ କର ଗୋପନ ଗୋ । ପଦ ।
ଏହି ସବୁ କଥା ଲଳିତା ବିଶାଖା ଶୁଣି ମନେ ପାଇ ଦୁଃଖ ।
କହେ କିପାଁ କହୁ ଏପରି ବଚନ ଶୁଣି ଫାଟିଯାଏ ବୁକ ପେ । ୧ ।
ପରାଣ କପଟ ଧରିବୁ ସଜନି ! ବିବେକିଣୀ ଶିରୋମଣି ।
କହ ଗୋ ବହନ ଦୁଃଖର କାରଣ ଧରୁଅଛୁ ତୁମ୍ଭ ପାଣି ଗୋ । ୨ ।
ତୁମ୍ଭର ମାନସ ଯହିଁ ହେବ ତୋଷ ତାହା ମିଳିବ ଅବଶ୍ୟ ଗୋ ।
ଶ୍ୟାମ କହେ ଦେବ ! ଲଜ୍ଜା ଛାଡ଼ିଦେଇ ସତ୍ୟ ତଥ୍ୟ ବାଣୀ ଭାଷ ଗୋ ।୩।

ଶ୍ଳୋକଃ—ଏକସ୍ୟ ଶ୍ରୁତମେବ ଲୁମ୍ପତି ମତିଂ କୃଷ୍ଣେତି ନାମାକ୍ଷରଂ
ସାନ୍ଦ୍ରୋନ୍ମାଦପରମ୍ପରାମୁପନୟତ୍ୟନ୍ୟସ୍ୟ ବଂଶୀକଳଃ ।

ଏଷ ସ୍ନିଗ୍ଧଘନଦ୍ୟୁତିର୍ମନସି ମେ ଲଗ୍ନଃ ପଟେ ବୀକ୍ଷଣାତ୍
କଷ୍ଟଂ ଧିକ୍ ପୁରୁଷତ୍ରୟେ ରତିରଭୂତ୍ ମନ୍ୟେ ମୃତିଂ ଶ୍ରେୟସୀଂ ।

ବି: ମା୨: ୧୮: ପର ।

ରାଗ—ଲଳିତକାମୋଦୀ ।

ପ୍ରାଣସଖି ! ମନ ବଳିଗଲା ତହୁଁ ଅଶ୍ରୁନାହିଁ । ଲୌହ-ଚୁମ୍ବକ ପାଷାଣପରି ହୋଇ । ପଦ ।

ଲଳିତା ବିଶାଖା ସଖୀ ବେନିଙ୍କର ଏହି ବାଣୀ ଶୁଣି ଧନୀ
କାତର ହରଷେ ତରତରେ ଭଷେ ନାଶକଲେ ମୋତେ ଜଣ ତିନି ।୧।

କୃଷ୍ଣ ବୋଲି ଯେଉଁ ଦ୍ୱି ଅକ୍ଷର । ଅତ୍ୟନ୍ତ ମଧୁର ମନୋହର
ଲଳିତାବଦନୁଁ ଶ୍ରୀ ବୃନ୍ଦାକାନନୁଁ ପଶିଲେ ଶୁଣିଲି ନାମ କା'ର ।୨।

ଅତ୍ୟନ୍ତ ମୃଦୁ ମଧୁର ସ୍ୱର, ଦ୍ୱିତୀୟେ ଶୁଣିଲି ବଂଶୀ କା'ର
ତହୁଁ ପରମାଦ ଦିଓ ଉନମାଦ ଆନ ନ ରୁଚଇ କର୍ଣ୍ଣଦ୍ୱାର ।୩।

ଏ ଚିତ୍ରପଟରେ ନବମୂର୍ତ୍ତି ! ନବଘନ ଜିଣି ତନୁଦ୍ୟୁତି
ସୁନ୍ଦରପଣରେ କୋଟିମଦନରେ ନ ଥିବ ଯାହାର ନଖକାନ୍ତି ।୪।

ଅଲକ୍ଷ୍ୟ ଶ୍ରୀମୁଖ ଦେଖି ଯାର, ହୃଦ ହୋଇଯାଏ ରସପୂର ।
ବିନାପ୍ରୟୋଜନେ ଉତ୍ସାହ ସଘନେ ବଢ଼ି ଉଚ୍ଛୁଳଇ ବାରବାର । ୫ ।

ଏ ତିନି ପୁରୁଷେ ରତି ପ୍ରୀତି ହେବାଠାରୁ ମୃତ୍ୟୁ ଶ୍ରେଷ୍ଠ ଅଟି
ନିର୍ଲଜ୍ଜ ଜୀବନ ଶମନଭବନ ନ ଯାଇ ଯାହା ରହିଛି ଏଥି ।୬।

ଛଡ଼ାଇଲେ ଛାଡ଼ ନ ଗଲାତ, ନ ଛାଡ଼ିଲେ ପରାଣ ଗଲାତ
ଶ୍ୟାମବନ୍ଧୁ କହି ରାଧି ! ଭଷେ ଅନ୍ଧ—ଚୁଚୁନ୍ଦ୍ରୀ ଧରଣ ହେବା ମତ ।୭।

ଅର୍ଥ—

ଏହା ଶୁଣି ସଖୀଗଣ, ହୃଷ୍ଟ ହୋଇଣ ବଦନ, କହୁଛନ୍ତି ଆମ୍ଭକଥା ଶୁଣ ।
କୃଷ୍ଣବିନା ଅନ୍ୟ କେହି, ତବ ମନ ନ ହରଇ, କହୁଁ ଶୁଣ ତାହା ବିବରଣ ଗୋ ।
ଧନି ଗୋ ! ଯାହା ଲାଗି ଭାବୁଛ ସଜନି । ସେତ ନାଗରେନ୍ଦ୍ର ଶିରୋମଣି ଗୋ ।୧।
କୃଷ୍ଣ ବୈଣବିକ ଶ୍ୟାମ ଚିତ୍ରପଟ-ରୂପ ପୁଣ କେବେ ନୁହନ୍ତି ସେ ତିନ ଜଣ ।
ଏକା ଶ୍ରୀ ନନ୍ଦନନ୍ଦନ କୃଷ୍ଣ ଅଟେ ଯେହୁ ଜନ ସେହି ବୈଣବିକ ରୂପ ଘେନ ଗୋ ।
ଧନି ଗୋ ! କି କହିବୁ ତାର ଶୋଭାଶ୍ରେଣୀ । କୋଟି୨ ମାର ପାରେ ଜିଣି ଗୋ ॥
କଜ୍ଜ୍ୱଳ-ତମାଳ-ଦଳ, ଭୃଙ୍ଗ କାଳିଆ କମଳ ବରନରୁ ବଳି ନିରମଳ ।
ଚନ୍ଦ୍ର ଦର୍ପଣ ସାରସ ଶୀତଳ ନିର୍ମଳ ବାସ—ଗୁଣରେ ଶ୍ରୀମୁଖ ମନୋହର ଗୋ ।

ଧନ ଗୋ ! ଅସୂଧ ମୋହନ ବଂଶୀ ଜାଣ । ତାର ପଞ୍ଚସ୍ୱର ପଞ୍ଚବାଣ ଗୋ ।୩।
ରସିକଶେଖର କୃଷ୍ଣ, ସଦା କାମକଳାତୃଷ୍ଣ । ତାଙ୍କୁ ଗୋପନାରୀ ଛନ୍ତି ମୋହି ॥
ତହିଁ ପୁଣି ତୋର ଚିତ୍ତ ଉନ୍ମାଦବତ୍ ଏ ମାନ ଇନ୍ଦୁ ଉଦେ ସିନ୍ଧୁ ଉଚ୍ଛୁଳଇଗୋ ॥
ଧନ ଗୋ ! ତଥା ନବୀନ ବନ ଉଚ୍ଛୁଳେ । ତହିଁ ପ୍ରତିବିମ୍ବ ହୃଦେ ଖେଳେ ଗୋ ।୪।
ଯା ଗୁଣ ଅସାଧାରଣ, ସେ ନାରୀଚିତ୍ତହରଣ, କାରଣ ଅଛନ୍ତି ଅବତର ।
ଯେତେ ତେତେ ପ୍ରକାରରେ ପ୍ରୀତି ଲଗାଇବା ତାରେ ଜୀବ ଥିଲେ ସବୁ ଲଭ୍ୟ କର ଗୋ ॥
ଧନ ଗୋ ! ଏହି କଥା ମନେ ଥାଅ ମାନ । ଚନ୍ଦ୍ରା ମୁଞ୍ଜ ଶ୍ୟାମ ଗୀତେ ଭଣି ଗୋ ।୫।

ଘୋଷା:—

ଶୁଣି ଧନୀ ମନେ ହୃଷ୍ଟ ହେଲେ । ମହାନନ୍ଦଚିତ୍ତେ ବସିରହିଲେ । ୧ ।
ଏକା କୃଷ୍ଣଲାଗି ଏତିାବ୍ରଣୀ— ଦଶା ମୋହର ହୋଇଲା ଅସି । ୨ ।
ଏପରି ବସିରୁ ମନେ ମନ । କୃଷ୍ଣ ନାମ ନ ଛାଡଇ ମନ । ୩ ।
ଶ୍ୟାମ କହେ ସବୁ ସଖୀଗଣ । ନାନାମତେ କଲେ ପ୍ରବୋଧନ । ୪ ।

ଖଣ୍ଡ—

ଏହିକାଳେ ପୌର୍ଣ୍ଣମାସୀ ନାନ୍ଦୀମୁଖୀ ସହ । ହର୍ଷେ ପ୍ରବେଶିଲେ ଅଭିମନ୍ୟୁଙ୍କ ଆଳୟ । ୧ ।
ଯହିଁ ଅଛନ୍ତି ଶ୍ରୀମତୀ ସଖୀଗଣସଙ୍ଗେ । ମିଳିଲେ ଶ୍ରୀ ପୌର୍ଣ୍ଣମାସୀ ନାନ୍ଦୀମୁଖୀ ରଙ୍ଗେ । ୨ ।
ଦେଖି ଶ୍ରୀରାଧିକା ସଖୀସଙ୍ଗେ ଉଭା ହେଲେ । ଦେବୀ ପଦେ ସର୍ବେ ଯାଇଁ ପ୍ରଣାମ କହିଲେ ॥
କଲ୍ୟାଣ ବାଞ୍ଛି ଆସନେ ଦେବୀ ବିଜେ କଲେ । ଭାବ ସଂଗୋପନ କରି ସର୍ବେ ଉଭାହେଲେ ॥
ଅଳେ ହସି ପୌର୍ଣ୍ଣମାସୀ ଗୃହିଁ ରାଧୀମୁଖ । ବସିରହିଲେ ପାଏ ଏହି କୃଷ୍ଣଲାଗି ଦୁଃଖ । ୫ ।
ଏତେକ ବଚନ ଶ୍ରବେ ଆନନ୍ଦ ଲଭିଲେ । ଶ୍ୟାମ କହେ ତହୁଁ ନାନ୍ଦୀମୁଖୀ ପୁଚ୍ଛା କଲେ ॥

ଶ୍ଳୋକଃ—ନ ମୁଗ୍ଧେ ବୈଦଗ୍ଧ୍ୟୀଗରିମପରିଦଗ୍ଧା ତବମତି—
ର୍ବିସ୍ମୟୋ ନେଦାନୀମପି ବପୁଷି ବାଲ୍ୟସ୍ୟ ବୟସଃ ।
କମପ୍ୟନ୍ତଃ କ୍ଷୋଭଂ ପ୍ରଥୟସି ତଥାପି ଭ୍ରମଥବା
ସଖୀ ଜ୍ଞାତଂ ବୃନ୍ଦାବନମଦନବନ୍ଧୁର୍ଜିତମିଦଂ ॥ ବି: ମା: ୨।୨୧ ପର ॥

ନବୃତ୍ତି ନ ହୋଇ ତୋର ବାଲ୍ୟ-ବୟସ ନ ହୁଏ ବୈଦଗ୍ଧ୍ୟତତ୍ତ୍ୱ ।
ତଥାପି ଅନ୍ତରେ କ୍ଷୋଭ କିପାଁ ଧରୁ କହ ଏହାର ତଦନ୍ତ ଗୋ ।
ଭ୍ରୂ ଭ୍ରୁ ଅତହିଁ ଶୋଭାଗୀ । କିପାଁ ସେ ସବୁ ହେଲା ଭଙ୍ଗୀ । ୧ ।
ଶିରିଷ ଶଣ କାଶ୍ମୀର ଗୌରଦ୍ୟୁତି କରେ ତୋର ତନୁଦ୍ୟୁତ ।
କାହିଁକି ବନ୍ଧୁଜୀବପୁଷ୍ପସମ ହେଲାଣି ଶୁକଲ ଭାତି ଗୋ ।
ଝଷ ଜିଣି ଦ୍ୱି ନୟନ । କିପାଁ ମୋତି କରନ୍ତି ବମନ ଗୋ । ୨ ।

ଶରଦକାଳ-ସଂପୂର୍ଣ୍ଣ କଳାକର ଜିଣି ତୋ ଗୁରୁ ବଦନ ଗୋ !
ସେ କିପାଁ ଅସ୍ତାଚଳ ଚନ୍ଦ୍ରପରାୟେ ହୋଇଛି କିରଣହୀନ ଗୋ ।
ପିକଗଞ୍ଜଣା ଗୁରୁବାଣୀ । କିପାଁ କୁଣ୍ଠିତ ହୋଇଛି ପୁଣି ଗୋ । ୩ ।
ନ କହ ତୁ ପଛେ ଜାଣିଲିଣି ମୁହିଁ କହୁଅଛି ଏବେ ଶୁଣ ।
ଶ୍ରୀ ବୃନ୍ଦାବନର ମଦନସୁନ୍ଦର ମନ କରେ ତୋର ଛଳ ଗୋ ।
କଣ୍ଠେଁ ଏ କଥାଟି ସାର । ଶ୍ୟାମବନ୍ଧୁ କହେ ବାରବାର ଗୋ । ୪ ।

ଖବ—

ଶୁଣି ଲଳିତା କହେ ହେ କୁତର୍କିତ ମତି । ନ ବୁଝି ମିଥ୍ୟାରେ କିପାଁ କର ଏହୁକ୍ତିଗୋ ॥
ଶୀତଳ ଦକ୍ଷିଣାନିଳେ ରାଧାପ୍ରତିଅଙ୍ଗ । ପୁଲକେ ପୂରିଲା ଅତି ଶୀତଳ ତରଙ୍ଗ ଗୋ । ୨ ।
ତହିଁ କମ୍ପ କମ୍ପି ଅଡ଼ ଗୁଲ ନ ପାରଇ । ଓଷ୍ଠପୁଟ ବଦ୍ୟୋଦ୍ଧୃତ ସର୍ବଦା କମ୍ପଇ ଗୋ ।୩।
ତାହା ଦେଖି ତୁମ୍ଭେ କହ ଦୁର୍ବାଦ ବଚନ । ଶ୍ୟାମ କହେ ନୁହେ ଏହା ଉଚିତ କଥନଗୋ ॥

ଶ୍ଲୋକଃ—ରୋମାଞ୍ଚଃ ପରିଚେଷ୍ୟତେ କଥମୟଂ ନାସ୍ମାଭିରୁତ୍କମ୍ପବାନ୍
ଦୁଷ୍କୀର୍ତ୍ତିଂ ନ ହି ଦକ୍ଷିଣାୟୁ ମରୁତେ କାକ୍ଷିଣ୍ୟଶୂନ୍ୟେ ବଦ ।
ଏତନ୍ମନ୍ମଥକୋଟିସଂଭ୍ରମଭରୈର୍ବଂଭ୍ରମ୍ୟତେ ସୁଭ୍ରୁବଃ
ସ୍ୱାନ୍ତେ ନାଗର-ଚକ୍ରବର୍ତ୍ତି-ନୟନ-ପ୍ରାନ୍ତସ୍ୟ ଲୀଳାୟିତଂ ॥ ବି:ମା:ଅ ୨।୨୨

ଦକ୍ଷିଣପବନେ ଯଦି, ହୁଏ ତୋର ରୋମାଞ୍ଚାଦି, ନୁହେ କିପାଁ ଅମ୍ଭମାନଙ୍କର ।
ଶରୀର କମ୍ପନ କରେ ଏ ସନ୍ଦେହ ଚିତ୍ତେ ଧରେ କହ କ କି କାରଣ ଏହାର ଗୋ ।
ସଖି ଗୋ, ଯେଣେ ବିକଳ ନ ଅଛେ ଚିତ୍ତେ । ମୋତେ ବୁଝାଇବ ସେହିମତେ ଗୋ
। ଘୋଷା ।

ଶୁଣ ଅଟଗୋ ବାମାରାୟୁ ସତକଥା ଯାହା କହ ସମସ୍ତେଭ ଅଟ ତୁମା ନାଗର ।
ଦୁଷ୍କୀର୍ତ୍ତି ଦକ୍ଷିଣାନଳେ, ଛଦ୍ମେ ଦିଅ ଅଜ୍ଞତାରେ ଦୋଷ କିପାଁ ଦିଅ ଅଦୋଷିରେ ଗୋ ॥
ନାଗରେନ୍ଦ୍ର ଚକ୍ରବର୍ତ୍ତୀ ପ୍ରବେଶି ରାଧାର ମତି, ଧୃତି ନାଶକରେ ଶ୍ୟାମରାୟେ ।
ଯାର ଭୂରୁଭଙ୍ଗି ଦେଖି କୋଟିକାମ ନୁହେ ଲକ୍ଷି କଟାକ୍ଷ ଯା ତ୍ରିଭୁବନ ମୋହେ ଗୋ ॥
ସେହି ଚକ୍ରବର୍ତ୍ତୀ ରାଧା-ଚିତ୍ତେ ଦେଲେ ଏତେ ବାଧା କହ ତାଙ୍କ ସଙ୍ଗେ କେଉଁଦିନେ ।
ଦେଖାହେଲ କେଉଁସ୍ଥାନେ ସନ୍ଦେହ ଜପୁକେ ମନେ "କହ କହ" ଶ୍ୟାମପଦେ ଭଣେ ଗୋ ॥

ଜୁହା:—

ଏତେ ଶୁଣି ବିଶାଖିକା ଖରେ । ଯାଇଁ ନାନ୍ଦୀମୁଖୀ ନିକଟରେ । ୧ ।
ଗୁପ୍ତେ କହେ କୃଷ୍ଣପଟ ଦେଖି । ଏତାଦୃଶୀ ଦଶା ପାଏ ସଖୀ । ୨ ।

ଇଙ୍ଗିତେ ଦେବୀ ଜାଣିଲେ ମନେ । ରାଗୁଛନ୍ତି କହନ୍ତି ସଂସ୍କୃତଶ୍ଳୋକ ।
କେଉଁଭାବ ରାଧାଠାରେ ସ୍ଥିତ । ସ୍ମୃତି ଶ୍ରୀଙ୍କା କଳନା ନିତ୍ୟାନନ୍ଦ । ୪
ଏତେକାଳରେ ବିଗ୍ରହ ସେ କରେ । ଶ୍ରୀମଦ୍ଭକ୍ତେ ରାଧୀଙ୍କି କଳ୍ପାଦ୍ରୁମ ।

ଶ୍ଳୋକଃ—ଭଜନ୍ତ୍ୟାଃ ସବ୍ରୀଡ଼ଂ କଥମପି ତିରୋଧାୟରଭସା
ମପହ୍ନୋତୁଂ ଯନ୍ନାନବନବମଦନୋନ୍ମାଦମଧୁରା
ଅଧୀରା କାଳିନ୍ଦୀପୁଳିନକଳଭେନ୍ଦ୍ରସ୍ୟ ଭଜନ୍ୟଂ
ସହୋତ୍କଣ୍ଠାୟାଃ ସଖ୍ୟାଦ୍ ଦଧତ ହୃଦ କୁଞ୍ଜେ ତନୁରଭୀ । ବ: ମା: ଅ ୨।୮

ବ୍ରୀଡ଼ା ପୀଡ଼ା ଲଜ୍ଜ ଗୁପ୍ତ ବ୍ୟାପ୍ତହେଲେ । ତାର ଆଡ଼ମ୍ବର ଢଣ୍ଠାଛଣ୍ଠା ଝେଲେବଳେ ।୧
ନବ ନବ ରସାସ୍ୱାଦ ସ୍ୱୟଂ ନିଶୃଙ୍ଖଳୀ । ଅଧୀର କାଳିନ୍ଦୀବନଲ୍ଲଳା କୁତୁହଳୀ ।୨।
ସେ ମହାମଦ୍ଭମ ନବ କନ୍ଦର୍ପ ଶେଖର । ସହୋତ୍କଣ୍ଠା ହୃଦକୁଞ୍ଜେ ପ୍ରବେଶ ହେବାର ॥
ନବ ନବ ମଧୁର ଅଧୀର ତନୁରଙ୍ଗ । ବହଇ ସାକ୍ଷାତ ଶ୍ୟାମବନ୍ଧୁ ଗୀତେ ଭଣି ॥

ଶ୍ଳୋକଃ—ପ୍ରତ୍ୟାହୃତ୍ୟ ମୁନିଃ କ୍ଷଣଂ ବିଷୟତୋ ଯସ୍ମିନ୍ମନୋ-ଧିତ୍ସତେ
ବାଳାସୌ ବିଷୟେଷୁ ଧିତ୍ସତି ତତଃ ପ୍ରତ୍ୟାହରନ୍ତୀ ମନଃ ।
ଯସ୍ୟ ସ୍ଫୂର୍ତ୍ତିଲବାୟ ହନ୍ତ ହୃଦୟେ ଯୋଗୀ ସମୁତ୍କଣ୍ଠତେ
ମୁଗ୍ଧେୟଂ କିଲ ପଶ୍ୟ ତସ୍ୟ ହୃଦୟାନ୍ନିଷ୍କ୍ରାନ୍ତିମାକାଙ୍କ୍ଷତି ॥
ବି ମା । ୨ ।୨୧ ପୂର୍ବ

ଗର୍ବ—

ପୁଣି ଦେବୀ ମନେ ଭାବ ବିଗ୍ରହ କରନ୍ତି । ରାଧିକା ପ୍ରେମ ବୈଚିତ୍ର୍ୟ ଛବିକି ଦେଖନ୍ତି
ଧାତା ଅବ ଜନ୍ମ ରେତାମାନେ ବିଷୟରୁ । ନିବର୍ତ୍ତାଇ ମନ ଯାରେ ସମର୍ପନ୍ତି ଦୂରୁ ॥
ଏ ବାଳୀ ବାଉଳୀପଣେ ତହୁଁ ମନଆଣି । ବିଷୟରେ ଦେବାକୁ ହୁଅଇ ଚନ୍ଦ୍ରାର୍ଥିନୀ ।୩।
ଯାର ସ୍ପନ୍ଦନଶ କ୍ଷୋଭିତ ହୃଦୟେ ଉଦୟ । ଲାଗି ଯୋଗୀ ଉତ୍କଣ୍ଠାରେ କରେ ଯୋଗଲୟ
ସେ ଶ୍ୟାମଳ ସୁନ୍ଦର ଏ ସୁନ୍ଦରୀରର ହୃଦ । ମଧ୍ୟେ ବାସ କରଅଛି ପ୍ରେମେ ହୋଇ ବନ୍ଧ ॥
ସେ ଯୁବା ହୃଦରୁ ଯିବା ଉପାୟ ଏ ଖୋଜେ । କେଡ଼େ ମୁଗ୍ଧା ଏହି ରାଧା ବୋଲି ଭାବେ ମନ୍ତ୍ରେ

ଶ୍ଳୋକଃ—ପଠଃ ପ୍ରେମୋଦାତ୍ତଃ ସୁଚରିତକଥା ଗୋକୁଳପୁରେ
ପ୍ରସିଦ୍ଧା ତେ ଶୁଦ୍ଧେ କକରପି ଚ ଲକ୍ଷ୍ମୀବତି କୁଳେ
ଅପୂର୍ବଂ କୃଷ୍ଣାଶାମଧିମିହ-ମହାସାହସମୟୀଂ
ସୁହୃଦ୍ଭ୍ୟସ୍ତ୍ୱଂ ଲଜ୍ଜାମପି କମିବ ରାଧେ ନ ଭଜସେ । ବି । ମା । ଅ ୨।୩୦

ପୂର୍ଣ୍ଣାନନ୍ଦା ପୌର୍ଣ୍ଣମାସୀ କହେ ବାମାଣଯେ । ପତିରେ ଆର୍ଯ୍ୟକ୍ୟ ପ୍ରେମ ଉନ୍ନିର ନ ହୁଏ ॥

ଲକ୍ଷ୍ମୀବାନ୍ ପ୍ରସିଦ୍ଧକୁଳେ ହୋଇଅଛ ଜାତ । ତୁମ୍ଭ ସୁଚରିତ କଥା ଅଟେ ପ୍ରସିଦ୍ଧାର୍ଥ ।୨।
ଏଥିରେ ଏପରି ଗାଢ କପଟ ସାହସ । ନିଜଚିତ୍ତ କାହିଁ ତୁମ୍ଭେ କଲ ପରବଶ ଗୋ ॥
ଗୁରୁପରିଜନେ ଲଜ୍ଜା ନାହିଁକି ତୁମ୍ଭର । ଶ୍ୟାମକହେ "ଦେବୀକହେ" ଏ ସନ୍ଦେହହର

ଶ୍ଳୋକଃ—ଦୋଷୋଦ୍ଧାରଂ ତ୍ୱମପି କୁରୁଷେ ହା ମୟି ବ୍ୟାକୁଳାୟାଂ
ପାଦେଭ୍ୟସ୍ତେ ଭଗବତି ଶପେ ନାପରାଧ୍ୟାମି ସାଧ୍ୱୀ
ପର୍ଣ୍ଣୈଃ କର୍ଣ୍ଣୋତ୍ପଲବଲୟିଭିଃସ୍ତାଡ଼୍ୟମାନୋଽପି ଧୂର୍ତ୍ତୈ
ନ ଶ୍ୟାମାମ୍ନା ମମ ତନୁପରି-ଷ୍ୱଙ୍ଗରଙ୍ଗଂ ଜହାତି । ବିଃମାଃଅ ୨।୩୦ ପର

ରାଧିକହେ ହେ ସ୍ୱାମିନି, ଅଖିଳ ଅନ୍ତର୍ଯ୍ୟାମିନି । ଦୋଷ ନ୍ୟାସ କରୁଛ ମୋଠାରେ ।
ବ୍ୟାକୁଳ ସରତସ୍ରୋତେ, ଭାସେ ମୁହିଁ ଅନାଶ୍ରିତେ ଦୟାଭିବନ୍ଦେ ବହ ଚିତ୍ତରେ ଗୋ ।
ମାତ ଗୋ । ତବ ଶ୍ରୀପଦ୍ମର ଦୁଇକୁଇଁ । କହୁଛି ନିର୍ଦ୍ଦୋଷୀ ଅଟେ ମୁହିଁ ଗୋ । ୧ ।
ସାଧ୍ୱୀବ୍ରତ ଅନୁରତ ବିନାହ୍ଲାଦିନ୍ତରରତ ନାହିଁ କାହିଁ ନାହିଁ ଅନ୍ୟେ କାହିଁ ।
କର୍ଣ୍ଣ ଉତ୍ପଳେ ତାଡ଼ନ କଲେ ହେଲେ ପ୍ରତିକ୍ଷଣ ସେ ଧୂର୍ତ୍ତ କୁଟିଳ ମେଢ଼େ ମୋହ ଗୋ ।
ମାତ ଗୋ । ମମ ତନୁପରିଷ୍ୱଙ୍ଗରଙ୍ଗ—କଦାଚିତ ନ କଲ୍ଲ ସେ ତ୍ୟାଗ ଗୋ । ୨ ।

ଶୋକଃ—ତ୍ୱୟା ଗୀତୋ ବାମଃ ଫଳକମିଳଦଙ୍ଗୋ ମଧୁରିପୁଃ
ସୁଖାଶାଭିଃ କ୍ରୀଡ଼ାକୁତୁକିନି କୃତୋ ନେତ୍ରପଦବୀଂ ।
କୁକୂଲାଗ୍ନି-ଜ୍ୱାଳାପଟଳକଟୁକେଳର୍ଯଦଧୁନା
ଦଶେୟଂ ହନ୍ତ ତ୍ୱାଂ ଜ୍ୱଳୟତି ହିମାଂଶୋବ ନଳିନୀଂ । ବିଃମାଃଅ୨।୩୧ ପୂର୍ବ

ହୁଣି ପୌର୍ଣ୍ଣମାସୀ କହି, ଅଗୋ କ୍ରୀଡ଼ାକୁତୁକିନି, ସୁଖ ଆଶା ଲକ୍ଷ କରି ହୃଦେ ।
ନୀଳମଣି ମନୋହର, କୋଟିମଦନସୁନ୍ଦର, ପଟ୍ଟଳମଣ୍ଡଳ ନେତ୍ରମଧ୍ୟେ ଗୋ ।
ରାଧେ ଗୋ । କାହିଁକି ଅର୍ପଣ କଲ ନେଇଁ । କହ ଏଥି କାରଣ ବତାଇ ଗୋ । ୧ ।
ଯେ ହେତୁ ମତ୍‌କାଶିନି, କୁକୂଳାଗ୍ନି ଜ୍ୱାଳାଶ୍ରେଣୀ- ମଧ୍ୟେ କେଳି ଭଳ ହକଅଛ ।
ମଦାଳସା ହିମନଶା ସାର ଶୃଙ୍ଗାରବରଷା ସାରସ ବହ୍ନିଲଘପର ସ୍ୱଚ୍ଛ ଗୋ ।
ରାଧେ ଗୋ । ଏ ଦୁଃସହ ଦଶା ସେହିପରି । ଜାଳିଦିଏ ତୁମ୍ଭଗାତ୍ର ଘୋର ଗୋ। ୨ ।

ଶ୍ଳୋକଃ—ଶିଶିରୟ ଦୃଶୌ ଦୃଷ୍ଟ୍ୱା ଦିବ୍ୟକିଶୋରମିତାକ୍ଷିତଃ
ପରିଜନଗିରାଂ ବିସ୍ରମ୍ଭାତ୍ତ୍ୱଂ ବିଳାସଫଳକାଙ୍କ୍ଷିତଃ ।
ଶିବ ଶିବ କଥଂ ଜାଗାମସ୍ତାମବନ୍ଧ୍ୟସ୍ତୋ ବୟଂ
ନିବିଡ଼ବଡ଼ବାବହ୍ନିଜ୍ୱାଳା କଳାପବିକାଶିନଂ । ବିଃମାଃ ୨।୩୨

ଦିବ୍ୟକିଶୋର ଶିଶିର-କରରୁ ଶୀତଳକର, କରନେନବର୍ତ୍ତୀ ପତିବ୍ରତ ।
ଏପରି ପରିଜନଙ୍କ, ଗିରି ଧୈବାରୁ ଜନକ, କନକବୁଳ୍ଳ ତବ ମୂର୍ତ୍ତି ହେ ।
ସୁନ୍ଦର । ଫଳକ ମେଳକ ବଳାହକ । ମେଚକ ରୁଚକ କଲି ଦ୍ରୁକ ହେ । ୧ ।
ଶିବ ଶିବ ହେ ଶିବଦ, ତୁମ୍ଭେ ବଡ଼ବା ସମ୍ପଦ, ବହୁଛ ଜାଣିବୁଁ ଆମ୍ଭେ କାହୁଁ ।
ସହି ସହିତରେ ମୁହିଁ ସରଳ ବୁଦ୍ଧି ଅଟଇ ବକ୍ର ବ୍ୟବହାର ଜାଣିନାହୁଁ ହେ ।
ସୁନ୍ଦର । ହୃନ୍ଦର କରି ସୁନ୍ଦରୀନାଥ ମାରିବା ଦୀଷାରୁ ଅଛ୍ୟରି । ୨ ।

ଶ୍ଳୋକ୍ୟ—କ୍ରୋଶନ୍ତ୍ୟାଂ କରପଲ୍ଲବେନ ବଲବାନ୍ ସଦ୍ୟଃ ପିଧତ୍ତେ ମୁଖଂ
ଧାବନ୍ତ୍ୟାଂ ଭୟଭିନ୍ନ ବସ୍ତ୍ରତଭୁଜୌ ରୁନ୍ଧେ ପୁରଃ ପଦ୍ଧତିଂ ।
ପାଦାବ୍ଜେ ବିଲୁଠତ୍ୟସୌ ମୟି ମୁହୁର୍ଦଷ୍ଟାଧରାୟାଂ ରୁଷା
ମାତଶ୍ଚଣ୍ଡି ! ମୟା ଶିଖଣ୍ଡମୁକୁଟାଦାତ୍ମାଭିରକ୍ଷଃ କଥଂ । ବି: ମା: ଅ୨:୩୧ ପୁ:

କି କହିବି ତୁମ୍ଭ ଠାରେ । କୃଷ୍ଣ ଅନର୍ଥେ ଯେପରି ମୋରେ ଗୋ ।
ପୁଣି ରାୟୀ କହେ ପ୍ରେମରକ୍ଷା ବହି । ମୋହନ ମୋହର ସକଳ ନାଶଇ ।
କି କୁହୁକବିଦ୍ୟା ଅଛି ତାରଠାଇଁ । ହୃଦେ ପଶି ମନ ଠାଣେ ସେ ।୧।
ଯହିଁ ଯହିଁ ମୋର ନୟନ ପଡ଼ଇ । ତହିଁଆଇଁ କୃଷ୍ଣ ମୋତେ ଆକର୍ଷଇ ।
ଶବ୍ଦକରି ଯେବେ କାହାକୁ ଡାକଇ । ପାଣି ଦଅଇ ବଦନେ ସେ । ୨ ।
ପଳାଇବା ପାଇଁ ହେଲେ ତରତର । ମିଳଇ ସେ ଅସି ମୋହର ଅଗର ।
ପଥ ରୋଧଇ ବାହୁ କରି ପ୍ରସାରି ନ ଛଡ଼ଇ କଦାଚନେ ସେ । ୩ ।
ରୁଷ୍ଟ ହୋଇ ଓଷ୍ଠ ଦଂଶିଣ ଦଶନେ, ଉଠେ ଯେବେ ତାକୁ ମୁଷ୍ଟି ପ୍ରହାରଣେ ।
ତେବେ ସ୍ମିତମୁଖେ ଲୋଟେ ମୋ ଚରଣେ, ସ୍ଥକିତ ହୁଏ ଲୋକନେ ସେ । ୪ ।
ଶୁଣ ଗୋ ଜନନୀ, ଦେବୀ ! ଭଗବତି, ଶିଖଣ୍ଡମୁକୁଟେ ରହିବ ମୋର ମତି ।
କିପରି ରକ୍ଷାପାଇବି ଦେବୀ ଗତି କହ, ଶ୍ୟାମ ଗୀତେ ଭଣେ । ୫ ।

ଯଥା ରାଗ :—

ଏତେ ଶୁଣି ପୌର୍ଣ୍ଣମାସୀ ହସି ମନେ ଗୋପନେ ବିଚାର କରେ ହେ ।
କିଷ୍ଟେଁ ରାଧାହୃଦ-କେଦାରର ମଧ୍ୟ ସତ୍-ପ୍ରେମବୀଜ ଅଙ୍କୁରେ ସେ ।
ମୂଳ ଆପାତଳଗାମୀ । ଭାବ କହେ ଶୁଣ ରାଧା ପ୍ରେମୀ ଗୋ । ୧ ।
କୃଷ୍ଣ ଦୂରେ ନାହିଁ ନିକଟେ ଅଛନ୍ତି, ଶୁଣି ଗାବ ରାବ କରେ ଗୋ ।
ତୁମ୍ଭେ କ୍ଷଣମାତ୍ର ଧୈର୍ଯ୍ୟ ପୂର୍ଣ୍ଣଚିତ୍ତ ହୋଇଣ ପୁଷ୍ପପଥରେ ସେ ।
ମନୋହରମ ବର୍ଣ୍ଣାବଳୀ । ଲେଖ ଦେଇ ପେଷ ପ୍ରିୟ ଆଳି ଗୋ । ୨ ।

ତୁମ୍ଭଠାରୁ ମୁହିଁ, ଅନୁଜ୍ଞାକୁ ନେଇ ଯାଉଛୁ ପତିସଦନେ ଗୋ ।
ଏତେ ମାତ୍ର କହି ଆଶୀର୍ବାଦ ଦେଇ ଗଲେ ନାନ୍ଦୀମୁଖୀସନେ ଗୋ ।
ଶ୍ୟାମବନ୍ଧୁ ଗୀତେ ଭଣେ, ଏହା ରାଧୀ କହେ ସଖୀଗଣେ ।୩।

ଶ୍ଳୋକ:— ଯା କଲ୍ୟାଣୀ କୁଳଯୁବତିଭିଃ ଶୀଲତା ଧର୍ମଶୈଳୀ,
ତ୍ୟାଗସ୍ତାଭିଃ କଥମବନସ୍ୟୋଽପ୍ୟୁଲ୍ଲଙ୍ଘନୀୟା ।
ହା ଦୃଗ୍‌ଭଙ୍ଗୀ ପରିମଳକଳା କର୍ମଠୋଽୟଂ କଥଂ ବା,
ହାତୁଂ ଶକ୍ୟଃ ପଶୁପନଗରୀନାଗରୀନାଗରେନ୍ଦ୍ରଃ । ବି: ମା: ଅ ୨।୨୫ ପର

କୁଳଯୁବତୀ ପାଳିତ ଯେ ସ୍ୱାର୍ଥୀ ଧର୍ମପର୍ବତ କଲ୍ୟାଣୀ ସକଳ ଶ୍ରେୟଦାୟୀ ।
ତାହାରେ ହୋଇ ଅବନୀୟ ଉଲ୍ଲଂଘି କିମ୍ପା ହୃଦୟ ଲଙ୍ଘନ୍ତେ କାହାର ହେବ କ୍ଷମୀ ।
ସଖି ରେ ! କାହିଁ ପ୍ରାଣ ଯାଉନାହିଁ ଉଡ଼ି । ରହିଛି ଏ ସନ୍ଦେହରେ ପଡ଼ି ରେ । ପଦ
ଆହା ଦୃଗ୍‌ଭଙ୍ଗିମା ରମ୍ୟ, ପରିମଳ କଳାକ୍ଷମ ସୁରସ୍ମର ଶର ଅନୁପମ ।
ଆଭୀର ନାଗରୀବୃନ୍ଦବନ୍ଦ୍ୟ ମହାନାଗରେନ୍ଦ୍ର କିରୂପେ ତ୍ୟଜିବି ତାଙ୍କ ପ୍ରେମରେ ।୨।
ଜନନୀ ପ୍ରିୟବାନ୍ଧବ ଗୁରୁ ଗୁରୁଜନ ସର୍ବ ତେଜନ୍ତୁ ମୁହିଁନ୍ତୁ ଗୋପଜନେ ।
ଦୁର୍ବାଦ ଘୋଷଣାଧ୍ୱନି ଦିଗେ ଦିଗେ ହେଉ ପୂର୍ଣ୍ଣ କୁଳତରୁମୂଳ ହେଉ ଛିନ୍ନ ରେ ।୩।
"ରତିଭୋଗୋତ୍ସୁକୀ ହୋଇ, ଏପରି 'ହେଉଛି ମୁହିଁ" ଏହା ଚିତ୍ତେ ଲଭେ ନ ବିଚାର ।
ସେ ସୁନ୍ଦରପାରାବାରନାମର ଏ ଚମତ୍କାର ଦେହ-ଗୃହ ମୋହ କଲା ଦୂର ରେ ।୪।
ହୁଏ ଏ ବିବେକ ଜାତ, ହେବି ମୁଁ ଜୀବନ ମୁକ୍ତ କିଙ୍କରୀସୁସେବକା ହୋଇଲେ ।
ଆତ୍ମସୁଖ ବିପଲକ୍ଷ୍ୟ ସେ କୃଷ୍ଣସୁଖେ ମୋ ସୁଖ ଜାତ ହେବ ଏହା ମନେ ଭାଳେ ଗୋ ।୫

ଶ୍ଳୋକ:— ଅଲୋକନେ ବ୍ୟଥୟତି ପ୍ରଥମଂ ଦିଦୃକ୍ଷା—
ଦୃଷ୍ଟେ ପୁନର୍ଭବତି ସଂଗମନାଭିଳାଷଃ ।
ହେ ରାଧେ ସଂଗମସୁଖେଽପି ବିୟୋଗଶଙ୍କା,
ଦୁଃଖାୟ କେବଳମହୋ ରସିକାନୁରାଗଃ ।

ରାଗ ଲଳିତ କାମୋଦୀ:—

ଗୋ ପ୍ରିୟ-ସହି । ପ୍ରୀତିକଲ୍ପ ଲୋକର କି ସୁଖଥାଇ ୮ପଦ ।
ନାମ ଗୁଣ ଶୁଣି ଭେଟପାଇଁ, ପଥ ଅନୁସରି ଜଗିଥାଇ ।
ହେଲେ ଭେଟ ସଙ୍ଗ ଆଶାରେ ଉଚ୍ଚାଟ, ବେଳୁଁ ବେଳେ ହୃଦେ ବଢୁଥାଇ ଗୋ ।୧
ପଡ଼ିଲେ ଶ୍ରୁତିରେ ନା ବଚନ, ପାଶୋରଇ କୁଳକ୍ରିୟାମାନ ।
ପରିଜନ ଅପବାଦପରମାଦ ଡରେ ହେଉଥାଇ ଛନ୍ନ ଛନ୍ନ ଗୋ । ୨ ।

ମିଳନ ହୋଇଲେ ସେହିକ୍ଷଣ, ବିଚ୍ଛେଦଭୟ ଜନ୍ମଇ ମନ ।
ଦୁଃଖ ସୁଖ ବେନି ନ ପାରଇ ଜାଣି, କ୍ଷୋଭ ଉଠୁଥାଇ ଘନ ଘନ ଗୋ । ୩ ।
ରସିକାନୁରାଗ ଏହିମତ, ଦୁଃଖ ସୁଖ ତାର ଏକମତ ।
ଶ୍ୟାମ କହେ ସହି ଦୁଃଖଥିଲେ ତହିଁ ଶୁଣ ଅଛି ସୁଖ ହୁଏ ପ୍ରାପ୍ତି ଗୋ । ୪ ।

ଚୂହା:—

ଏତେ କହି ବିଶାଖା ଲଳିତା । ପୁଣି ଧନୀଙ୍କୁ କହନ୍ତି କଥା । ୧ ।
କିଲାଗି ମନରେ କ୍ଷୋଭ ଧର । ଶ୍ରୀସମ ଶ୍ରେଷ୍ଠ ଅଛି ତୁମ୍ଭର । ୨ ।
ଲେଖ କନ୍ଦର୍ପଲେଖ ଗୋ ରାଇ ! ଆମ୍ଭେ ସମର୍ପିବୁଁ କୃଷ୍ଣେ ନେଇ । ୩ ।
ହୃଦଭାବ ଇଙ୍ଗିତେ ବୁଝିବେ । ଶ୍ୟାମ କହନ୍ତେ ଯିବ ଦୁଃଖ ସବୁ । ୪ ।

ଖଣ୍ଡ:—

ଏତେ ଶୁଣି ଧନୀ ମନେ ବହୁ ହୃଷ୍ଟ ହେଲେ । ଅଲକ୍ତ-ଜଳସଂଯୋଗେ ଦ୍ରବ ଜାତ କଲେ ॥
ପୁଷ୍ପସଂପୁଟରୁ ନେଇ କେତକୀ ସୁମନ । ଦୁଇ ଯେବ ଗଲେ ରାଧା ନିର୍ଜନ ଭବନ । ୨ ।
ବସିଲେ ଶ୍ରୀକୃଷ୍ଣପଦଯୁଗଳ ସୁମରି । କେତକୀ କୁସୁମଦଳ ବାମକରେ ଧରି । ୩ ।
ଦକ୍ଷିଣ କର ତର୍ଜନୀ ଅଙ୍ଗୁଳି କରଜେ । ରଙ୍ଗ ନେଇ ଲେଖେ ରାଧା କୁସୁମେ ସଲଜ୍ଜେ ।୪।
ଲେଖାଶେଷେ ପେଟିକାରୁ କାଢି ଗୁଞ୍ଜାମାଳୀ । ଦୁଇ ନେଇ ପ୍ରବେଶିଲେ ଯହିଁ ସବ ଆଳୀ ଗୋ
ପୌର୍ଣ୍ଣମାସୀ ଭଗବତୀ ପାଦପଦ୍ମ ସ୍ମରି । ଲଳିତାର କଣ୍ଠେ ଦେଲେ ପୁଷ୍ପଲେଖା ଧରି ।୬। ॥
ବିଶାଖାଙ୍କୁ ଗୋପନରେ ଗୁଞ୍ଜମାଳା ଦେଲେ । ଦୁହିଁହେଁ ଦୁଇପାଇ ହୃଷ୍ଟ ହୋଇଣ ଚଳିଲେ ॥
ଅଦୂରେ ଦେଖନ୍ତି ଥାଇଁ କୃଷ୍ଣ ବନ୍ଧୁମେଳେ । ହାସରସ କଉତୁକେ ଖେଳେ ବୃକ୍ଷତଳେ ।୮।
ଏହା ଦେଖି ଦୁଇସଖୀ ଅନନ୍ଦ ହୋଇଲେ । ଶ୍ୟାମ କହେ ଶବ ଜୀବପ୍ରାପ୍ତି ପରକାରେ ।୯।

ଶ୍ଳୋକଃ— ଫୁଲ୍ଲପ୍ରସୂନପଟଳୈସ୍ତ୍ରପଣୀୟବର୍ଣ୍ଣା—
ମାଲ୍ୟେକ୍ୟ ଚମ୍ପକଲତାଂ କିଲ କମ୍ପତେଽସୌ ।
ଶଙ୍କେ ନିରଙ୍କନବକୁଙ୍କୁମପଙ୍କ ଗୌରୀ
ରାଧାସ୍ୟ ଚିତ୍ରଫଲକେ ପରଭଲକ୍ଷାବଭୂବ । ବି:ମା:ଅ୨:୩୩

ବଂଶୀବିନୋଦର୍କି ଚେଷ୍ଟି ବିନୋଦବିହାରୀ । ହାରି ବିବେକ ଚମ୍ପକ ସୁମନବିହାରି ।୧।
ମାଲ୍ୟହସ୍ତନ୍ୟସ୍ତ ବଟୁ ଉପସ୍ଥିତ ଅସି । ବିଚାର ପ୍ରକାର ହୃଦେ କରେ ମନେ ହସି ।୨।
କାଞ୍ଚନପ୍ରଭଭା ଶୋଭା ଚମ୍ପକ ସୁମନ । ଲୋକନେ କମ୍ପଗ୍ର ହୋଇ କମ୍ପେ ଅପଘନ ।୩।
ରାଧାନିରଙ୍କନବକୁଙ୍କୁମହଙ୍କଗୌରୀ । କୃଷ୍ଣଚିତ୍ର ଶଦପଟେ ତଳକ ମାଧୁରୀ । ୪ ।
ଏତେ ଚିନ୍ତ ସମ୍ମୁଖରେ ଅହ୍ୱାନ କଲେ । ନ ଶୁଣିବାରୁ ଶ୍ରୀକୃଷ୍ଣ କଣ୍ଠେ ମାଳାଦେଲେ ।୫।

ଶ୍ଳୋକ—ନ ଜାନୀଷେ ମୂର୍ଦ୍ଧ୍ନଶ୍ଚ୍ୟୁତମପି ଶିଖଣ୍ଡଂ ଯଦଖିଳଂ

ନ କଣ୍ଠେ ଯନ୍ମାଲ୍ୟଂ କଲୟସି ପୁରସ୍ତାତ୍କୃତମପି ।

ତଦୁନ୍ନୀତଂ ବୃନ୍ଦାବନକୁହରଲୀଲାକଲଭ ହେ

ସ୍ଫୁଟଂ ରାଧାନେତ୍ରଭ୍ରମରବରବୀର୍ଯ୍ୟୋନ୍ନତିରିୟଂ । ବି: ମା: ଅ୨:୩୭ ପର

ସଚେତ କରାଇ କହେ ଅହେ ପ୍ରାଣପ୍ରିୟ । ନ ଜାଣିଲ ମାଳାଦେଲ ହୋଇଣ ସଦୟ ।୧।
ଶିରାରୁ ଶିଖଣ୍ଡ ଚ୍ୟୁତହୋଇ ବନମୟ । କ ଲାଗି ହୋଇଲା ଶୂନ୍ୟ ତୁମ୍ଭର ହୃଦୟ ।୨।
ହେ ବୃନ୍ଦାବନକୁହରସଲିଲକଲଭ । ଏ ରାଧାନେତ୍ରଭ୍ରମରବରର ପ୍ରଭାବ ।୩।
କୃଷ୍ଣ କହେ ମାଳାଯୋଗ ନୋହିବାରୁ କଣ । ହୃଦ ମଧ ଶୂନ୍ୟହୋଇ ଅଛିତ ମୋହର ।୪।
ମଧୁ କହେ କାହିଁ କର ବଂଚନା ରଚନ । ମାଳାଯୋଗ ନ ହେବାରୁ ହୃଦ ହୁଏ ଶୂନ୍ୟ ॥
କୃଷ୍ଣ କହେ ପ୍ରସ୍ଫୁଟିତ ଚମ୍ପକ ସୁମନ । ଆଲୋକନେ ତାର ଶୋଭା ହରିଲା ମୋ ମନ ॥
ବଟୁ କହେ ଗତାଗତ ହୋଇବା ଚମ୍ପକ । ଲତିକାହୃଦରେ ଦକା ଦେଇ ଅଛି ଏକ ।୭।
କୃଷ୍ଣ କହେ ହେ ସଖେ ପ୍ରଣୟକର୍ମଦକ୍ଷ । ସତ୍ୟ, ଚଞ୍ଚୁ ହୃତ କଲା ରାଧା ନାମ୍ନୀମୁଖ୍ୟ ॥
ବଟୁ କହେ କେଉଁ ଦିନ କଲ ବିଲୋକନ । ପ୍ରତିଭକ୍ତି ଏକଦିନ ପାଇଲ ଦର୍ଶନ ।୯।

ଶ୍ଳୋକ—ତସ୍ୟାଃ ସଖେ ମୁଖଭୁଜାରମସୁଖଦ୍ବୟେ

ଦୂରାନ୍ମାକ୍ଷିପଦବୀଙ୍ଗ୍ୟବୃଢ଼ମାନେ ।

ନକ୍ତଂଦିତଃ ଶପଥକୋଟିଭିରଜ୍ଜ୍ୟତ୍ୟାହଂ

ମାତଃ ଜଣାଦହଦ୍ଧ ସଦ୍ମ ଭୋଜନାୟ । ବି: ମା: ୨।୪୧

ସେ ନବକଶୋଣ୍ଣ ଶୋଭିଛିଶ୍ରୀ ସମ୍ପୂର୍ଣ୍ଣ । ଶୀତମୟୂଖବଦନ ପଡ଼ୁ ମୋ ନୟନ ।୧୦।
ଭୋଜନନିମନ୍ତେ କୋଟିଶପଥରେ ମାତ । ନେଲେ ଗୃହେ ମମ ପ୍ରାଣ ହୁଏ ବହିର୍ଭୂତ ॥
ସେ ଦିନୁଁ କୁସୁମଧନୁ ଅନୁଭବମନୁ । ନ ଗଲା କି ଗତି କହୁ ତାର ଏ କଦନୁ ।୧୧।
ମଧୁ କହେ ବଧୂମଧୁରୋକ୍ତି ଶୁଣିଅଛୁ । ବଧୂ କି ଅଦୂରେ ତବ ପ୍ରେୟସୂ ରଖିଅଛୁ ।୧୨।
ଏହି ବାଣୀ ବାଣିଜ୍ୟକୁ ତେ କୃତକୃତ୍ୟ ହୋଇ । ଶ୍ୟାମ କହେ ପ୍ରେମଧନ ଲଭେ ମନ ଦେଇ ॥

ଦୁହା—ଲଳିତା ବିଶାଖା ଦୁଇସଖୀ । କଥା ପରସ୍ପରେ ହୋଇ ସୁଖୀ । ୧ ।
କୃଷ୍ଣ ବଜେ ତେଜେ ବୃନ୍ଦାବନ । ମାଧୁର୍ଯ୍ୟଧୂର୍ଯ୍ୟ ହୋଇଛି ପୂର୍ଣ୍ଣ । ୨ ।
ମଙ୍ଗଳସୂଚକ ଦିବ୍ୟ ଭୂଷ । ଦୃଶ୍ୟ ଅଦୃଶ୍ୟ ଭାବକୁ ଲଭି । ୩ ।
ଏହାଦେଖି ହୋଇ ସହରଷ । କୃଷ୍ଣପାଶେ ହୋଇଲେ ପ୍ରବେଶ ।୪।

ଯଥାରାଗ—କେମିଣ ମୋହନ ହୋଇ କୃଷ୍ଣମନ ଚଞ୍ଚଳ ହୋଇ ବସିଲେ ।

ବସ୍ତ୍ରରଲେ ମନେ ଲଳିତା ବିଶାଖା ଏ ସ୍ଥାନେ କିପାଁ ଅସିଲେ ।
କେଉଁ ବସ୍ତ୍ରରକୁ କର । ମୁଚ୍ଛେ କିପାଁ ଅଇଲ ସୁନ୍ଦର ଗେ । ୧ ।
ନ କହ ପଛକେ ଅମ୍ଭେ ଜାଣିଲୁଣି ଏ ବୃନ୍ଦାବନର ପଥ ।
ପୁଷ୍ପ ସହିତ ପୁଣି ରସପୂରିତ ଫଳ କରିବାକୁ ନୃତ ।
ହୋଇଅଛ ଉପଗତ । ସଖୀ ବୋଲିଅ ଏ କି ଚରିତ ଗୋ ।୨।
ଶୋଭିସମ୍ପଲତା ଭୂରଗୀ ଲଳିତା ଲଳିତା କହନ୍ତି ତହିଁ ଯେ ।
କୁସୁମ ପଥ ହୃତକୁ ଅସିନାହୁଁ ଦତ୍ତକୁ ଅସିବୁ ଧାଇଁ ।
ବସ୍ତୁବିଧିରୁ ଏସର । ସିଦ୍ଧି ବୃଦ୍ଧି ହେଉଛି ସବୁର । ୩ ।
କୋହ୍ନ ଗୋପାଳକା ଚଉର୍ଯ୍ୟପାଳକା ଅନମାନଙ୍କର ପର ।
ଗୋପୀଗୃହେ ପଣି କାମ ଅଭିଳାଷୀ ହୋଇ ଚଉ୍ର ନେବୁଁ ହର ।
କ୍ଷୀର ସର ଗୈରକର । ବୋଲାଇବୁ ଗୋପ ରଖାକାରୀ । ୪ ।
ଶର କାଳକୁ ଉନ୍ନୁଅଛ ପୁଣର ଚୀରହରଣ ଲୀଳା । ରହେ ।
କୂଳର ବାଳାକୁ କିର ଏତେଷ୍ଠର କାନନରେ ଲୁଣବାର ହେ ।
ଏହିପରି କାର୍ଯ୍ୟମାନ । କରିବାକୁ ଅନ୍ୟ କେ ଭାଜନ ହେ । ୫ ।
ଏତେ କହି ପୁଷ୍ପପତର ସତ୍ୱର କୃଷ୍ଣ କରେ ସମର୍ପିଲେ ।
ପାଇ ବଧୂଚନ୍ଦ୍ରଗୈରମଧୁକର ଧରି ସ୍ତବ ପାଠ କଲେ ହେ ।
ଅର୍ଥ ନୋହିବା ଗୋଚର । ତର୍କ ବିତର୍କ ନ୍ୟାୟ ପ୍ରକାର ହେ ।୬।
ମଧୁ କହେ ଏଥି କି କାର୍ଯ୍ୟ ସେ ଅଛି ରସଙ୍କମୋଦକ ନୁହେ ।
କୃଷ୍ଣ କହେ ଶୁଣି ମିତ ହେଲେ ପୁଣି ରସାୟନ ଗୁଣ ବହେ ହେ ।
କହ କି କାଇଁସି ଭାବ । ଲେଖା ପରୀକ୍ଷା କଲେ ଅରମ୍ଭ । ୭ ।

ଶ୍ଳୋକ—ଧୃତ୍ୱା ପ୍ରଚ୍ଛନ୍ନଗୁଣଂ ସୁନ୍ଦରଂ ମମ ମନ୍ଦିରେତ୍ୱଂ ବସସି ।
ତନ ଭବ ଭୁଣସି ବଳତଂ ବଳାତ୍ ପଦ ଯଜ୍ଞ ଚକ୍ରାନ୍ତଂ ପଳାଯ୍ୟେ ଛ:ମା:୨।୪।

ଧରୁଣ ଧୂମକୁଲେଖା କହେ ଗିରିଧାରୀ । ମନ୍ଦେ ହସି ପାଠକଲେ ପରକାଶ କରି ହେ ॥
ଗୁଣସୁନ୍ଦରବର ହେ ମୋହର ମନ୍ଦରେ । ସତତ ଜାଗିଛ ତୁମ୍ଭେ ଚନ୍ଦପଟାକାରେ ହେ ॥
ମୁକୁର ପ୍ରତିମାପ୍ରାୟ୍ ତୁମ୍ଭର ମୂରତ । ଯହିଁ ଯହିଁ ନେତ୍ର ପଡ଼େ ତହିଁ ହୁଏ ସ୍ଥିତ ହେ ॥
ଭାତ ଉପୁଜାଇ ଯଦ ଯାଏ ମୁଁ ଧଳାଇ । ବାହୁ ପ୍ରସାରଣ ପଥରୋଧ ତୁମ୍ଭେ ତହିଁ ହେ ॥
ଏହିପରି ଲେଖା ପଢ଼େ ଶ୍ୟାମଳସୁନ୍ଦର । ଶ୍ୟାମ ଶରଣ ମାଗଇ ସ୍ନେହ ପଦ୍ମପତ୍ରର ହେ ॥
ପଦ ପଢ଼ି ବନ୍ଧୁ ସୁଖୀ ହେଲେ । ହୃଦମଧ୍ୟେ ଦବୃର କହିଲେ । ୧ ।

କୁଳବତୀ ନାରୀ ମାନଙ୍କର । ଧରମ ସ୍ୱରୂପ ବଳତ୍ସାର । ୨ ।
ଗୁରୁ ଗୁରୁଜନମାନଙ୍କରେ । ଶଙ୍କା ନଥା ଥାଏ ସଦାକାଳେ । ୩ ।
ଏ ସବୁ କଥାକୁ ଯେତ୍କ ଲଙ୍ଘେ । ସେତ୍କ ପ୍ରୀତିକରେ ପରସଙ୍ଗେ । ୪ ।
ଅତଏବ କି କାରଣ୍ୟ ଭାବ । କତ୍ୟାକତ୍ୟ ପଣ୍ଡିତ ହେବ । ୫ ।
ଏତେ ଭାବ ଦମ୍ଭେ ଅଭିଶଯ୍ୟେ । "ଶ୍ୟାମକହେ" ଲଳିତାରେ କହେ । ୬ ।

ଶ୍ଳୋକ— ସ୍ନିଗ୍ଧୈରେଭିଃ ସଖିଭିରଖିଳୈର୍ଧେନୁବୃନ୍ଦାନୁସାରୀ
ନାରୀବାର୍ତ୍ତାବିମୁଖହୃଦୟଃ କାନନାନ୍ତେ ଚରାମି ।
ମାଂ ସ୍ୱୈରିଣ୍ୟସ୍ତଦପି ଯଦମା ଦୂଷୟନ୍ତି ପ୍ରକାମଂ
ତତ୍କିଙ୍କୃତ୍ୟଂ ଦ୍ରୁତମିହ ଜଲଦ୍ଧ୍ୱୋପଗୋଷ୍ଠ୍ୟାଂ କରିଷ୍ୟେ । ବି: ମା: ୨।୪୯ପୂର୍ବ

ସ୍ନିଗ୍ଧ ସଖାସଙ୍ଗେ ନେଇ ଧେନୁରଙ୍ଗେ ସର୍ବଦା ଗୃରଣ କରଇ ।
ନାରୀଗଣ ଉକ୍ତି ନ ଶୁଣିବ ଶ୍ରୁତି ବଗ୍ଭବ କାନନେ ଭ୍ରମଇ ।
ବଧୂ କୁଙ୍କୁମ ଚନ୍ଦନ । ଯୋଗୀବତ ନ କରେ ଲେପନ ଗୋ । ୧ ।
ତୁମ୍ଭେ ଯେ ଫାଗୁଲା ଏଥିକର ଖେଳା ଅମ୍ଭର ସ୍ୱଧର୍ମ ନାଶ ।
ଏ କି ଅନୁଚିତ କଥା ଗୋ ତୁମ୍ଭର ଅଦୋଷୀରେ ଦିଅ ଦୋଷ ଗୋ ।
ଯେତ୍କ ଅକଳ୍ପ ତପସ୍ୱୀ । ତାକୁ ଲୋକ କରିବାକୁ ବେଶ୍ମୀ ତଗୋ । ୨ ।
ଏ ସବୁ ପ୍ରସଙ୍ଗ, ବୃନ୍ଦଗଣ ଅଙ୍ଗ, କହୁବ କରକେଂ ଯାଇଁ ଗୋ ।
କହ ଏ ବଚନ ନାରୀକେଲ ସମ କାହ୍ୟେ ବହୁରସା ବହୁ ଗୋ ।
ଶ୍ୟାମବନ୍ଧୁ କହେ ପଦେ । ମୋର ଅଣା ସେ ନାଗର ପଦେ ଗୋ ।୩।
ଶୁଣି ମଧୁକହେ କ୍ରୋଧ ଦୟିତା । ଭୋ ବ୍ରହ୍ମଗୃହକୁଳଶିଖାମଣି । ୧ ।
ଏ ମୂର୍ଖା ଗୋପିକା ଦୁର୍ନୀତି ବାଣୀ । ଶୁଣି ତବ ଭଲ ଯତୀନ୍ଦ୍ର ମୁନି । ୨ ।
ମାନେ ମାନସେ ହୋଇବାର କ୍ରୋଧ । ଶ୍ରୁତି ଶାସ୍ତ୍ରମତେ ଏ ବଡ଼ ବାଧ ।୩।
ନିବର୍ତ୍ତ ପ୍ରବୃତ୍ତ ନୋହେ ରାଗରେ । ଅକ୍ରୋଧ ବୈରାଗ୍ୟ ବଡ଼ ଧର୍ମରେ । ୪ ।
ଧରୁଛୁ କର ନ ଧରଏ କ୍ରୋଧ । ଜାଣତ ସ୍ତ୍ରୀସ୍ୱଭାବ ବଡ଼ ମନ୍ଦ । ୫ ।
କୃଷ୍ଣ କହେ ସଖୀଙ୍କୁ କେବେ ଅମ୍ଭେ ରାଧିକାଙ୍କୁ ନ ଦେଖିଛୁଁ କରୁଛୁଁ ପ୍ରମାଣ ।
ବର୍ଣ୍ଣ କପର ତାଙ୍କର, ଶ୍ୟାମଳ କି ବା ଗୌର ଜିତ କି ବା ଅଟନ୍ତି ବାମନ ଗୋ ।
ସଖି ଗୋ କେବେ ତାର ମୋର ଦୃଷ୍ଟିଅଣି । ମିଳନ ନୋହୁଛି ଗୃହମୁଣି ଗୋ । ୧ ।
ରାଧାବୋଲି ଦ୍ୱିଅକ୍ଷର ମାତ୍ର ଶୁଣିଛୁ କର୍ଣ୍ଣର କଥାଛଳେ ଜନନୀ ମୁଖରୁ ।
ନ ଜାଣେ ସେ କେଉଁ ଜନ, କାହିଁ ବା ତାର ସଦନ, ଏ ବଡ଼ ସନ୍ଦେହ ଲାଗେ ମରୁ ଗୋ ॥

ଯାର ଯାର ସ୍ୱପ୍ନାଗମେ, ଦେଖାଦେଖି ନାହିଁ ଦିନେ, କାହୁଁ ପ୍ରୀତ ହେଲା ତା ସଙ୍ଗରେ ।
ଏ ବଡ଼ ଲାଗେ କୌତୁକ ପଢ଼ିକର ତୁମ୍ଭ ଲେଖ, କପରି ମୁଁ ପ୍ରଥରୋଧ କରେ ଗୋ ।୩।
କରେ ମୁହିଁ ଅନୁମାନ, ହୋଇପାରେ ବା ଏସନ, ଥିବ କେହି ନାଗରେନ୍ଦ୍ର ତାର ।
ତରଳିତ କରେ ଚିତ୍ତ ତାଙ୍କୁ ଏ ପତ୍ର ଲିଖିତ ଭ୍ରମେ ତୁମ୍ଭେ ଦିଅ ମୋ ପାଶର ଗୋ ।୪।

ଶ୍ଳୋକ— କସ୍ତାବତ ଦ୍ୱ୍ରଜମଣ୍ଡଳେଽଦ୍ୟବଲିତେ ଶକ୍ୟୋ ଶଶାସ୍ୟାନସୌ
ଯେନୋଚ୍ଚାଲୟିତୁଂ ବଲାତ୍ କୁଲବତୀଚେତୋଗିରିଗ୍ରାମଣୀଃ ।
ଇତ୍ୟସ୍ମାଭିରବନ୍ଧବନ୍ଧମବଲାଦୁତ୍ସିପ୍ତଗୋବର୍ଦ୍ଧନୋ
ହେତୁସ୍ତ୍ୱଂ କିଲ ପଙ୍କଜାକ୍ଷ ପଠୁଭସ୍ତ୍ରନାସି କଷ୍ଟଙ୍କିତଃ । ବାଃମଃ ୨୧୫ ୦ ପଦ

ରାଗ ଚନ୍ଦ୍ରାଦେଶାକ୍ଷ

ବିଶାଖା କହନ୍ତି ଅହେ ଶୁଣ ଶ୍ୟାମନାଗର । ଯା କହିବା ହେଲା ହେଲ ଅତୁଳ କଣ୍ଟଶୂଳ ।
କୃଷ୍ଣ ହେ । ଏ ଅନୁଗ୍ରହଶୂନ୍ୟ ଜନ ଜଡ଼ର । ବିମୃରଲୁ କର କାନା ଉଚିତ ମୃଚିତ୍ତର ॥
ଏପରି ପ୍ରବଳ ଶକ୍ତି ବ୍ରଜେ ଅଛି କାହାର । ଗୃଲବାକୁ କୁଳବତୀ ଚିତ୍ତକୁଳମନ୍ଦର । ୨ ।
ଅର୍ବାଚ୍ଛେ ରହିଣ ଲବ ପରିକ୍ରମେ ହେ ବୀର । କାଳିପରି ଉପାଟିଛ ଗୋବର୍ଦ୍ଧନଭୂଧର ॥
ଏଥିପାଇଁ କଷ୍ଟେଁ ମତି ଜାଣିଲୁଣି ତୁମ୍ଭର । ଲେଖାଦେବା କି ବା ଦୋଷ ହେଲ କହ ଆମ୍ଭର ॥
ଯେତେ ଗୋପାଙ୍ଗନା ଛନ୍ତି ଏ ଗୋକୁଳ ନଗର । ତାଙ୍କ ହୃଦକୁମୁଦର ମୋଦକାନ୍ତିନାଗର ॥
ଏକା ରାଧାପ୍ରତି ହିମକାଳ ସୋମ ହୋଇଲ । ଯେତ ସଁହଜେ ପଦ୍ମିନୀ ଦୁଃଖେ ତାକୁ ନାଶିଲ ॥
କାହାକୁ କି ହେବ କହ ଲେଖାନ କପାଳରୀ । ଶ୍ୟାମକହେ ପୂର୍ବରାଗ ଭକ୍ତ କଲେ ପ୍ରହର ॥
ହେ ମୋହନ ତବ ଲାଗି, ରାମ୍ପୀ ଏବେ ହେଲା ଦୁଃଖ ଭାଗୀ ହେ : ପଦ ।
ପ୍ରଥମେ ତୁମ୍ଭର ନାମ ଦ୍ୱିଅକ୍ଷରି, ଏ ଲଳିତା ଶୁଣାଇଲା କର୍ଣ୍ଣେ ତାର,
ସେ ଦିନୁ କାତର ହୃଦୟ ଭିତର ମରମେ ରହିଲା ଜାଗି ହେ । ୧ ।
ସଖୀଙ୍କ ଗହଣେ, ଯମୁନାପୁଳିନେ, ବଂଶୀନାଦ ପ୍ରବେଶିଲା ପୁଣି କର୍ଣ୍ଣେ,
ଭେଦିଲା ମରମେ, ସେ ଦିନୁ ଭରମେ ଲଜ୍ଜାକୁଳ ହେଲା ତ୍ୟାଗି ହେ । ୨ ।
ତବ ରୂପ ଚିତ୍ରପଟ ଆଣି ସଖୀ, ଦେଖାଇଲେ ତାଙ୍କୁ ଦେଖି ଚନ୍ଦ୍ରମୁଖୀ
କାମେ ହୋଇ ଦୁଃଖୀ ଥିଜ ଥିନ ଆସି ତହିଁ ହେଲେ ଅନୁରାଗୀ ।୩।
ଏବେ କି କରିବୁଁ ଧନୀ ପ୍ରାଣ ଯିବ, ନ ରହିବ ତୁମ୍ଭ ବିହୀନେ ମାଧବ ।
ଏତେ ଦୁଃଖ ଦେଲ ଦାରୁଣ ଦଇବ କଣ୍ଠେ ଅଛି ପ୍ରାଣ ଲାଗି ହେ ।୪।
କମଳିନୀ ଦଳ ଶଯ୍ୟାରେ ଶୟନ, ଲୋତକ ଜଳ ଭରେ ବେନି ନୟନ
କମ୍ପେ ଘନ ଘନ, ସର୍ବ ଅପଘନ ଶ୍ୟାମ କହେ ଅଛୁଁ ଜଗି । ୫ ।

ଶ୍ଳୋକଃ—ସଙ୍ଗୀମେ ମଧୁମଙ୍ଗଲୋ ନ ସହତେ ଧର୍ମ୍ମାଧ୍ୱନୋ ବର୍ତ୍ତ୍ୟତଂ
ଶ୍ରୀଦାମା ପରମାର୍ଯ୍ୟପୁତ୍ରମ ନହୁ ଛଦ୍ମାଣି ନନ୍ଦ୍ରାୟତେ ।
କଂସଃ ଶାସ୍ତି ଖଳଃ ସ୍ଥିତଂ କଥମିତୋ ମୁକ୍ତ୍ୱା ବଧେୟଂ ମୟା
କଃଶଙ୍କ କୁଳସୁନ୍ଦରୀପରଦ୍ରବକ୍ତ୍ୱାଲାମହାସାହସଂ ॥ ବିଃ ମାଃ ୨।୫୨ ମୁକ୍ତ

ଦୁହା— ଏହା ଶୁଣି କହେ ବେନୁପାଣି । ବିଶାଖେ ମୁଞ୍ଚ ମୁଞ୍ଚ ଏ ବାଣୀ ।୧
ଏ ସବୁ ପ୍ରସଙ୍ଗ ପୁନର୍ବାର । ନ ଶୁଣାଅ ମୋହର କର୍ଣ୍ଣର ।୨
ଧର୍ମ୍ମଧ୍ୱଜଦ୍ୱିଜକୁଳାଗ୍ରଜ୍ୟ । ମଧୁନାମେ ଯେହୁ ସଖା ଆର୍ଯ୍ୟ ।୩
ଧର୍ମ୍ମପଥ ଚ୍ୟୁତ ହୁଡ କର । ନ ସହେ ମନେ ଯେପର ବେର ।୪
ଶ୍ରୀଦାମା ମୋ ଛଦ୍ମ କର୍ମ୍ମ ଲୋକ । ଭନି ନ୍ଦ୍ରେ ରହୁଛ ହରଘଡ଼ ।୫
ଉଗ୍ରଦଣ୍ଡୀ କଂସ ସ୍ଥିତପତି । କପଟ କରିବ ଏ ଅଗାତ ।୬
ଏତେ କହୁ ହୋଇଲେ ମଉନ । ଶ୍ୟାମବନ୍ଧୁ ତାଙ୍କୁ କରେ ମାନ୍ୟ ।୭

ଶ୍ଳୋକଃ—ଅନ୍ତଃକ୍ଳେଶକଳଙ୍କିତାଃ କିଲ ବୟଂ ଯାମୋଦ୍ୟ ଯାମ୍ୟାଂ ପୁରଂ
ନାୟଂ ବଞ୍ଚନସଞ୍ଚୟପ୍ରଣୟିନଂ ହାସଂ ତଥାପ୍ୟୁଜ୍ଝତି ।
ଅସ୍ମିନ୍ ସମ୍ପୁଟିତେ ଗଭୀରକପଟୈରାଭୀରପଲ୍ଲୀବିଟେ ।
ହାମେଧାବିକ ! ରାଧିକେ ! ତବ କଥଂ ପ୍ରେମା ଗରୀୟାନଭୂତ୍ । ବିଃ ମାଃ ୨।୫୩

ଯଥା ରାଗ— କୃଷ୍ଣ ବାଣୀ ଶୁଣି ଲଳିତା ସତ୍ୱରେ ବହୁ କୋଧ ହୃଦେ ଧରି ହେ
କହେ ହୋଇ କଷ୍ଟୀ ମୋ ଅନ୍ତର କ୍ଳେଶକଳଙ୍କେ ଗଲଣି ପୂରି ହେ
ଯାମକରେ ଯମପୁରୀ । ଯିବ ଜୀବନ ପିଣ୍ଡୁ ବାହାରି ହେ ।୧।
ଏ ସବୁ ଲୋକନ କଲେ ଏ ଦାରୁଣ କୃଷ୍ଣ ଶରେ ନ ବହେ
ନ ଛାଡଇ ହାସ୍ୟ ପରିହାସ ହାସ ପ୍ରଣୟିନୀ ଜନେ କହେହେ
ବିଟ କପଟସଂପୁଟ । ପୁଣି ଆଭୀରପଲ୍ଲୀଲମ୍ପଟ ହେ ।୨।
ଏ ସବୁ ବଚନ ଶୁଣି କୃଷ୍ଣଙ୍କର ହାସ ରୋମ ହୁଏ ଜାତ ହେ
ଯେ ଅଟଇ ଗୋପୀଶତ୍ରୁବତ୍ସରେ ସେ କରେ ତପସ୍ୱୀ ବ୍ରତ ହେ
ଏତ ବଡ ଚମତ୍କାର ଦେଖାଗଲା ଏ ଫଳ ପ୍ରାକ୍ତନତ ହେ
ଏତେକ କହଣ ରୋଦନ କରନ୍ତେ ଅୟେ ପ୍ରାଣସହ ବୋଲି ହେ
ଏ ନିଷ୍ଠୁର କୃଷ୍ଣେ କି ବୁଝି ସତ୍ୱଷ୍ଟେ ଚିତ୍ତ ସମର୍ପିଲୁ ବାଳ ରେ
ଏତ କପଟ ଦାରୁଣ । ତହୁଁ ପୁଣି ବଢାଇଲୁ ପ୍ରେମ ରେ ୪।
ଚାଲ ଗୋ ବିଶାଖା ଯିବା ନିଜ ଗୃହେ ଏଥି କିବା ପ୍ରୟୋଜନ ।

କୋଟି କୋଟି ବ୍ରଜାଙ୍ଗନା-ଅଙ୍ଗଶ୍ରେଣୀ ହେଲ ବୃନ୍ଦ ବୃଷ୍ଟି ପୁଣ ଗୋ ।
ସଖି ! ଆଶ୍ଚର୍ଯ୍ୟ ହୋଇଲ । ଶ୍ୟାମ ଛନ୍ଦେ ଶୁଣା ତ ନଥିଲ ଗୋ । ୬ ।

ଶ୍ଲୋକ—ଉଦ୍‌ଘୂର୍ଣ୍ଣ ବେଗେଣ କରମ୍ବିତାନ୍ତସ୍ଫୁରଦ୍‌ରକ୍ତ ସ୍ତମୁଖୀ ଗୁଣାଞ୍ଚିତା ।
ଗୁଞ୍ଜାବଳୀ ମଞ୍ଜୁତରାବଲମ୍ବିତାଂ ସା ସ୍ୱଧ୍ୱେକସ୍ମିଂ ତବ କଣ୍ଠସଙ୍ଗମଂ ॥
ଉ : ମା : ୬।୫୪ ପୂର୍ବ

ଏ ସମୟେ ଚଣାକ୍ଷିକା ମନେ ବିଚାରିଲେ । ଯେଉଁ ଗୁଞ୍ଜାମାଳା ରାଧା କୃଷ୍ଣକଣ୍ଠେ ଦେଲେ ।
ତାହା ଦେଇ କୃଷ୍ଣଭାବ ବୁଝିବା ଏକ୍ଷଣ । ଏତେକ ହୃଦୟେ ଭାବ କହନ୍ତି ବଚନ ସେ ।
ମୁକୁଳ କୃଷ୍ଣବର୍ଣ୍ଣ ଗୁଞ୍ଜା ରାଗ ସର୍ବ ଅଙ୍ଗ । ହୃଦେ କୃଷ୍ଣ ଗୁଣାବଳି ହୋଇଅଛି ସଙ୍ଗ ।୩
ମଞ୍ଜୁତର ଏହୁ ରାଧା ଭ୍ରମର କଣ୍ଠରେ । ଅବଲମ୍ବି ରହିଥାଉ କାଣ ଉତ୍ସବରେ ।୪।
ଏତେ ଭାବି ହସି କୃଷ୍ଣ କଣ୍ଠଦେଶପରେ । ଗୁଞ୍ଜାମାଳା ସମର୍ପିଲେ ଧରି ଦୁଇକରେ ୫।

ଶ୍ଲୋକ—ସଗୈଣମପି ସୁକଠୋରଂ ସୁବୃତ୍ତମପି ମୁକ୍ତରୁଦ୍ଧାର୍ଣ୍ଣମାଳନ୍ୟଂ ।
ଯୁବତୀନାମେବ ଶ୍ରବଂ ନହି ଗୁଞ୍ଜାହାରମିଚ୍ଛାମି ॥ ଉ : ମା : ୬।୫୪ ପର

ମାଳା ପାଇ ହୃଷ୍ଟ ହୋଇ କହେ ଶ୍ୟାମଘନ । କପଟ ଇର୍ଷାଫଳରୁ ଅପ୍ରିୟ ବଚନ ।୧।
ଅରକ୍ତ ସୌରଭମୁଖେ ଉଦ୍ଭୁତ ମଳିନ । ଯୁବତୀର ପ୍ରତିମୂର୍ତ୍ତି ଏହୁ ଗୁଞ୍ଜାଦାମ ।୨।
ଆମ୍ଭର କି ହେବ କଥା ତୁମ୍ଭ ଗୁଞ୍ଜାହାର । ଏତେ କହି ଛନ୍ଦେ ନ ଜାଣିଲ ପରକାର
କଣ୍ଠୁଁ କାଢ଼ି ମଧୁବ୍ରତ ରଙ୍ଗିଣୀମାଳାକୁ । ମନ୍ଦେ ହସି ନାଗରେନ୍ଦ୍ର ଦେଲେ ଚଣାଖାକୁ
ମାଳାପାଇଁ ଚଣାକ୍ଷିକା ଆନନ୍ଦ ହୋଇଲେ । ଯୁଞ୍ଜିନି ଶାଢ଼ୀଅଞ୍ଚଳେ ବାନ୍ଧିଣ ରଖିଲେ ।
ମନେ ଭାବେ କୃଷ୍ଣ ଏହା ଦେଲେ କରିଭ୍ରମ । ଜାଣୋଲେ ହଣି କର୍ମଫଳର ଏ କ୍ରମ ।
ଲଳିତା କହନ୍ତି ସଖି କି କାର୍ଯ୍ୟ ଏ ସ୍ଥାନେ । ଚଳନ୍ତିବା ସେ ଅନ୍ଧାନରାଗିଣୀ ଅସ୍ଥାନେ ଗୋ ॥
ପ୍ରବୋଧନା କରି ତାକୁ କହିବା ସକଳ । ଏତେ ଭାବି ଗଲେ ପଥେ ସଙ୍ଗୀ ସୁଗଳ ।
ତହୁଁ ବଟୁ କହେ ଆହେ ଶୁଣ ଗିରିଧର । ଲଜ୍ୟ ବସ୍ତୁରେ କାହିଁକି କଲ ଅନାଦର ॥
ଲେଉଟିଲେ ସେ ପୁଣି ନର୍ମାଳୀର ଅନ୍ତରେ ଲେ । ଶ୍ୟାମବନ୍ଧୁ କହେ ଶ୍ୟାମ ଶୁଣି ଯୋଉକଲେ ।

ଶ୍ଲୋକ—ଶ୍ରୁତ୍ୱା କସ୍ତୁରିତାଂ ମମେନ୍ଦୁବଦନା ପ୍ରେମାଙ୍କୁରଂ ଭିନ୍ଦତୀ
ସ୍ୱାନ୍ତେ ଭ୍ରାନ୍ତିଧୁରଂ ବଧାନ୍ତୁ ବଧୂଟରେ ପ୍ର ଯୁଃ ପରୀକ୍ଷ୍ୟତ ।
କିମ୍ବା ପାମରକାମକାର୍ମୁକପରିତ୍ରସ୍ତା ବତୋଯ୍ୟତ୍ୟସୂନ୍
ହା ମୌଗ୍ଧ୍ୟାତ୍ ଫଳିତା ମନୋରଥଲତା ମୁଦ୍ରୀ ମୟୋନ୍ମୂଳିତା । ଉ: ମା: ୬।୫୯

ରାଗ କେଦାର—ଜାଣି ନ ଜାଣିଲ କି କରମ କଲୁ କି ବୁଦ୍ଧି କରିବ ଅତ୍ୟପରେ । ପଦ .
କହେ ଶ୍ୟାମଘନ ଆହେ ସଖେ ଶୁଣ ଏହା କଲ କେଉଁ ଦୁର୍ବିଗ୍ରହରେ ।
ଶୁଣିଣ କସ୍ତୁରୀ ବଚନ ମୋହର ଚନ୍ଦ୍ରାନନା ନ ରହିବ ସ୍ଥିରେ । ୧।

ମୋ ସ୍ୱଭାବ କ୍ରୂର ଜାଣି ପ୍ରେମାଙ୍କୁର ଛଳ ଭିନ୍ନ କରି ଦେବ ଖରେ ।
ଲଘୁତାକୁ ଚାହିଁ ଶ୍ରାନ୍ତମତି ହୋଇ ସୁମୁଖୀ ବିମୁଖୀ ହେବ ମୋରେ । ୨ ।
କି ଅବା ଦାରୁଣ କାମ ପଞ୍ଚବାଣ ଯୋଖି ପ୍ରହାରିବ ମରମରେ ।
ଅତି ସୁକୁମାରୀ ନିରେଖି ଗଉଣୀ କି ସନ୍ଦେହ ପ୍ରାଣ ତେଜିବାରେ । ୩ ।
ହା ହା ରସନିଧି ଶୌର୍ଯ୍ୟବାରିନିଧି ଅଶ୍ଲିଷ୍ଟ ପଲଙ୍ଗ ଲୀଳା ମୋର ।
କରି ମୂଢ଼ପଣ ମୂଳ ଉତ୍ପାଟନ କରିଦେଲ କି ବାଇବୁଦ୍ଧିର । ୪ ।
ଅହା ଗୋ ନରେଶଦୁହିତା କଳ୍ପେଶ ସହିଲୁ ଏ ଛାର ପାଇଁ ତୁହିରେ ।
କହେ ଶ୍ୟାମବନ୍ଧୁ କହେ ଚୋପଦାଧି ଏ ଦୁଃଖ ଥିଲା ତୋ କପାଳରେ । ୫ ।

ଚୂର୍ଣ୍ଣା :—

ଏତେ ଶୁଣି ମଧୁ କହେ ସହାସରେ । ଭୁଲିଲେ କି ଅଙ୍ଗ ଅଛି ପଛରେ । ୧ ।
ଅତଏବ ଶୁଣ ମୋ କଥା ସାର । ଯେପରି ମିଳିବ ସେ ଚନ୍ଦ୍ରମୁଖୀ । ୨ ।
ଚାଲଯିବା ଏ କୁସୁମ ବନକୁ । ହେଠରେ ଭେଟିବ କୁଳଦନ୍ତୀକୁ । ୩ ।
ଧୀରେ ଧୀରେ ତହୁଁ ଗଲେ ସନ୍ଧ୍ୟାରେ । ଶ୍ୟାମ କହେ ମିଳେ ଇଚ୍ଛା ବନରେ । ୪ ।

ସ୍ୱଗ ଖଣ୍ଡ —

ଏଣେ ଦୁଇସଖୀ ଆସି କୁଞ୍ଜ ଦୁବାରରେ । ବିଚାର କରନ୍ତି ପଥେ ବନ୍ଧୁ ଶଙ୍କାଭରେ ଗୋ
ଲଳିତା କହନ୍ତି ଅଗୋ ଶୁଣ ବିଶାଖିକା । ରଙ୍ଗିଣୀ ମାଳିକା ଦେଇ ଶ୍ରୀରାଧିକା ସାଧିକା ॥
ପୌର୍ଣ୍ଣମାସୀ ଆଳୟେ ମୁଁ ନେଇଗଲି ଯାଇ । ଏ ସବୁ ପ୍ରସଙ୍ଗ ତାଙ୍କୁ କହିବି ବୁଝାଇ ॥
ଏତେକ ବିଚାରି ଦୁହେଁ ଗଲେ ଦୂରଦେଶେ । ଯଣାନ୍ତରେ ବିଶାଖା ମିଳିଲେ ସଖୀ ଆସେ ॥
ତାଙ୍କୁ ଦେଖି ଧନୀ ମନେ ଆନନ୍ଦ ହୋଇଲେ । ଶ୍ୟାମବନ୍ଧୁ କହେ ତହୁଁ କଛୁ ତାଙ୍କୁ ପଚାରିଲେ ॥

ପାର୍ଶ୍ୱ — ଅଗୋ ସଜନି ବିଳମ୍ବ ନ କର ବେଗେ କହ ।

ପାପ ଦଶା କସ ଏ ସନ୍ଦେହ ଗୋ । ପଦ ।

ମୋହର ବନଯୋଗର, ଭ୍ରମିବା ବେଳେ ନାଗର, କେଉଁ ଅବକାଶେ ଥିଲେ ବସି ।
ଶୁଣି ତବ ନଟବଦନ, ହୋଇଲେ ଟିକି କରୁଣ ତରୁଣୀଜନକଳ୍ପଶଶୀରେ । ୧ ।
ମୋର ହସ୍ତାକ୍ଷର ପତ୍ର, ଦେଖାଇଲେ କେଉଁ ମିତ୍ର, କି ଭଙ୍ଗିବଚନ ପ୍ରକାଶିଲେ ।
ନିବୃତ୍ତି ପ୍ରବୃତ୍ତି ଦୁଇ, କଥାରୁ କି ପ୍ରବର୍ତ୍ତିଲ, ସୁନ୍ଦର ଛାମୁରେ ଜଣାଇଲେ ରେ । ୨ ।
"ପାମର କାମ ଦାରୁଣସକାଶୁଁ ରୂପତେ ବଦନ ସନ୍ତତ ହେଉଛି ବରଧନ ।
ସେଥିଲାଗି ଜୀବ ଯିବ" ଏହା ନିବେଦିଲେ କବ, ତେବେ କି ଭାଷିଲେ ପ୍ରାଣଧନରେ । ୩ ।
"କୁଞ୍ଜବନ କଳାନିଧି ଗଳେ ଦେବୁ" ଏହି ବୁଦ୍ଧି, କରି ଦେଇଥିଲି ଯେଉଁ ମାଳା ।

ଗଳେ ଦେଇଥିବେଳେ ମାଳା, ଶ୍ୟାମାଙ୍ଗ କ୍ଷ ଶୋଭା ହେଲା, ଭ୍ରଷ୍ଟ, ଶ୍ୟାମ ପଦରେ ଗାଉଛ୍ଛି ।

ରାଗ ଶୋକ କାମୋଦୀ:—ଆଗୋ ଜୀବେଶ୍ୱର ! ପାପୀ ବିଧି ହେଲା ଡକ୍ରବୈଷ୍ମ ! ପଦ ।

ଅରୁଣାଧର ! କରୁଣାବୃଷ୍ଟି କର ଯାହାକୁ ମାନସେ ଥିଲୁ ଧର ।
ସେ ଏବେ ସରସହୃଦପ୍ୟେ ନିରସ ପକରେ ତ ହେଲା ଅଙ୍ଗୀକାର ।୧।
ଆରେ ରସବିଧି ଆଶା ବୃକ୍ଷ କୃପାବାରିଧି ବୋଲି ଯା ଥିଲୁ ଧର ।
କର ମନେ ଏବେ, ଚରମ ଅଭାବେ ସେ ପୁଣି ହେଲା ଲବଣକ୍ଷାର । ୨ ।
ରସଦାନି ! ଚେତ କପଟକମୂର୍ତ୍ତି ରସିଥିଲୁ ଯାହା ଶୁଣିବାର !
ହେତୁ ସବାଙ୍ଗର ଅରେ ସେ ରାଗରେ ନ ଶୁଣିଲା କାରେ ତୋ ଗୁହାର । ୩ ।
ସୁଧାଂଶୁ ମୁଖି ! ସୁଧାଂଶୁ ଭାବ ସୁଖୀ ହୋଇଥିଲୁ ଅନୁମାନ କର ।
ଭାଗ୍ୟ ଅବଳରୁ ବୃଥା ହେଲ ଭାବୁ ! ଜଳ ପ୍ରତିବିମ୍ବ ଶଶୀ ଉଛ । ୪ ।
କହେ ଶ୍ୟାମବନ୍ଧୁ ଶ୍ୟାମବନ୍ଧୁ ବନ୍ଧୁଭାବ ଯା ଇଚ୍ଛିଲୁ କୃଶୋଦର ।
ପରଜନ ଅପବାଦ ପରମାଦକ୍ଲେଶ ବିଷ ଯୋଗେ ହେଲୁ ଘାର । ୫ ।

ରାଗ ଶୋକ କାମୋଦୀ :—

ଅଗୋ ପ୍ରିୟସଖି ! ନାହିଁ କେହୁ କାହିଁ ମୋହପରି ଦୁଃଖୀ । ପଦ ।
ବାପୁଲି କହେ ପ୍ରୀତି ସାଗରେ ମୁଁ ମତ ପୋତ ମେଳି ଥିଲି ହୋଇ ସୁଖୀ ।
ସେ ଶ୍ୟାମସୁନ୍ଦର ଖଳ-ସମୀର ଭାଙ୍ଗି କଲା ଏବେ ନିରମାଖୀ । ୧ ।
ଅତ୍ୟନ୍ତ ଉଲ୍ଲାସେ ପ୍ରୀତି ବହ୍ନାସ୍ତୁହେ ପୋଷିଥିଲି ଆଶା ଚକ୍ରବାକୀ ।
ସେ କୃଷ୍ଣ ନିରସ କାରଣରେ ଭସ୍ମ ହୋଇଗଲା ଦୁଇଡ଼େଣା ପକ୍ଷୀ । ୨ ।
ମଣି ଚନ୍ଦ୍ରମଣି ବଢ଼ାଇଲି ପାଣି ଆଣି ରଖିବି ହେବ ବୋଲି ସୁଖୀ ।
ଆଭଣି ତମ୍ଭଣ ସେ ମଣିକି ହରିନେଲେଣି ମୁଁ ହେଲି ଦେଖି ଦୁଃଖୀ । ୩ ।
କୃଷ୍ଣ ଅନୁଗ୍ରହୁଁ ଗୋପିକ୍ରର କେଉଁ ଦାସୀ ହୋଇ ମୁଁ ରହନ୍ତି ସଖି ।
କୃଷ୍ଣ ଉପହାର ପାଇଁ ପୁଷ୍ପହାର ଗୁନ୍ଥନ୍ତି ପ୍ରଶଂସା ଉପଲକ୍ଷି । ୪ ।
ଶ୍ଳୋକ—ଯସ୍ୟୋତ୍ସଙ୍ଗସୁଖାଶୟା ଶିଥିଲତା ଗୁର୍ବୀ ଗୁରୁଭ୍ୟସ୍ତ୍ରପା
ପ୍ରାଣେଭ୍ୟୋଽପି ସୁହୃତ୍ତମା ସଖୀ ତଥା ଯୂୟଂ ପରିକ୍ଲେଶିତାଃ ।
ଧର୍ମ୍ମଃ ସୋଽପି ମହାନ୍ମୟା ନ ଗଣିତଃ ସାଧ୍ୱୀଭିରଧ୍ୟାସିତୋ
ଧିକ୍‌ଧୈର୍ଯ୍ୟଂ ତଦୁପେକ୍ଷିତାପି ଯଦହଂ ଜୀବାମି ପାପୀୟସୀ । ବି: ମା: ୨୧୨

ରାଗ ଶଙ୍କରା ଭରଣ :—

ସଖି ଧିକ୍ ଜୀବନ ମୋର । ପିଣ୍ଡେ ପୁଣି ଅଛୁ ଶୁଣି ତା ନିଷ୍ଠୁର ଗିର । ପଦ ।
ଯାର ଚିବୁକ ଅଣେ ଗୁରୁ ଚୁରୁ କର । ଲଜ୍ଜା ତେଜି ଦୂଷଣକୁ କଲି ଅଳଙ୍କାର ।୧।

ପ୍ରାଣପ୍ରିୟ ଅତି ସୁହୃଦରେ ଗୁହ୍ୟ କର । ତୋତେ କ୍ଲେଶ ଅପମାନ ଦେଲେ ସେ କିଷ୍ଟର ।
ସାଧ୍ୱୀଗଣ ସୁପାଳତ ମହାଧର୍ମ୍ମବର । ନ ଗଣିଲି ଶୁଣିଯାର ନାମ ସୁଧାଧାର । ୩ ।
ଯାର ବଂଶୀଧ୍ୱନ ଶୁଣି ସଖୀ ପ୍ରିୟଗିର । କର୍ଣ୍ଣକୁ ଲଗିଲା ଯଥା ତପ୍ତରଙ୍ଗ ଧାର । ୪ ।
ଯାର ଚନ୍ଦ୍ରରୂପ ଦେଖି ଦୁଇକୂଳ ଗଲା । "ଶ୍ୟାମଚନ୍ଦ୍ର" ସ୍ମୃତି କହେ ସେ ମୋତେ ଛାଡ଼ିଲା

ଚୂଡ଼ା—ଏତେ କହି ଧନୀ ହେଲେ ମୂର୍ଚ୍ଛିତା । ସେ ସ୍ଥାନେ ପଡ଼ିଲେ ଶବଚେଷ୍ଟିତା ।୧।
ଦେଖି ବିଶାଖିକା ଏ ଦଶା ଖରେ । କୋଳ କଲେ ଯାଇ ରସନଦୀରେ । ୨ ।
ହା ହା ପ୍ରାଣସହି ବୋଲି ମୁଖରେ । ରୋଦନ କରନ୍ତି ଉଚ୍ଚସ୍ୱରରେ । ୩ ।
ହା ହା ରେ ଶିରୀଷଅଙ୍ଗୀ ଏସନେ । ଲେଖା ଥିଲା ପୁଣି ତୋର କରମେ । ୪ ।
ଏହିପରି ବହୁ ବିଳାପ କରେ । ଜଳ ସିଞ୍ଚି ବସ୍ତ୍ର ସାନ୍ତ୍ୱନା କରେ । ୫ ।
ତେବେ ଲବେ ଚେତା ନ ହେଲା ଧନୀ । ମହାଦୁଃଖେ ଶ୍ୟାମ ଗୀତରେ ଭଣି ।୬।

ଚୂଡ଼ା—ମନେ ବିଚାରିଣ ବିଶାଖିକା । କରେ ନେଲେ ରଙ୍ଗଣୀ ମାଳିକା । ୧ ।
ସ୍ୱସ୍ତୀ ନାସା ପାଶେ ସମର୍ପିଲେ । ତାର ସ୍ପର୍ଶେ ଧନୀ ଚେତା ହେଲେ । ୨ ।
ଉଠିକରି ବସିଲେ ତତ୍କ୍ଷଣେ । ସଞ୍ଜୀବନୀ ସ୍ପର୍ଶେ ଶବ ଯେସନେ । ୩ ।
ବିଶାଖାରେ ପୁଚ୍ଛନ୍ତି ସ୍ନେହରେ । କି ଗନ୍ଧ ଏ ସଖି ! କହ ମୋରେ । ୪ ।
ଯାହାର ସ୍ମରଣ ମାତ୍ର କରେ । ମୂରୁଚ୍ଛିତ ଜନେ ଚେତା କରେ । ୫ ।
ତହୁଁ ବିଶାଖିକା ଦୁଇ କରେ । ମାଳା ସମର୍ପିଲେ ସ୍ୱସ୍ତୀ ଗଳେ । ୬ ।
କୋଟିସୁଧା ଅଙ୍ଗ ଚମୁଦାନ । ଲଭିଲା ପରାସୁ ହେଲା ମନ । ୭ ।
କୃଷ୍ଣ ପ୍ରାପ୍ତି ସମ ହେଲେ ତୃପ୍ତି । ତାହା ଦେଖି ସଖୀ ନିବେଦନ୍ତି । ୮ ।
ଯେବେ ଦେଲ ଗୁଞ୍ଜାମାଳା ମୁହିଁ । କୃଷ୍ଣ ଦେଲେ ତାହାକୁ ଫେରାଇ । ୯ ।
ଗୁଞ୍ଜାମାଳୀ ଭ୍ରମେ ବନମାଳୀ । ଦେଲେ କଣ୍ଠୁଁ ଏ ରଙ୍ଗଣୀ ମାଳୀ । ୧୦ ।
କୃଷ୍ଣ ଅଙ୍ଗୋଦ୍ୱର୍ତ୍ତ ନାମ ପ୍ରେମ । ଏଥିର ମହିମା ସଖୀ ! ଶୁଣ । ୧୧ ।

ଶ୍ଳୋକ—ଅଙ୍ଗୋଦ୍ୱର୍ତ୍ତିବିଲେପନଂ ସଖି ! ସମାକୃଷ୍ଟିଃ କିମସ୍ୟାଂ ମଣି—
ର୍ମନ୍ଦାର ହନ୍ତ ମୁହୁର୍ବଂଶୀକୁହରଧ୍ୱନୋ ନାମାସ୍ୟ ବଂଶୀପତେଃ ।
ନିର୍ମାଲ୍ୟ ସ୍ୱପ୍ତିମ୍ ମହୌଷଧିରହ ସ୍ୱାନ୍ତସ୍ୟ ସନ୍ତୋଷନେ ।
ନାସାଂ କସ୍ତୁରିଣାଂ ଗୁଣାଦ ପରମାତନ୍ୟାଂ ପ୍ରଭାବାବଲୀଂ ।

ବ: ମାଃ ଖଣ୍ଡ ୬୮ ପଦ

ଯଥା ରାଗ । ସଖି ! ଶିଖିପୁଚ୍ଛ ମଣ୍ଡଳ ମଣ୍ଡଳଶ୍ରୀକା ଅଙ୍ଗ ବିଲେପନ ।
ସ୍ଖଳତ ବଳତ ମୋହ ସନ୍ତବତ ଯେହିଁ ଭଜମୁଞ୍ଜମାନ ଗୋ ।
ଆକର୍ଷକ ମହାମଣି । ଜାଣ ବରାଙ୍ଗେ ସ୍ୱଜା ଶିରୋମଣି ଗୋ । ୧ ।

ପ୍ରେମ ଉଦ୍ଦୀପକ କାମ ଉପଶମ କାମନା କଳ୍ପଦ୍ରୁମ ଗୋ ।
କର୍ଣ୍ଣ ରସନାଦି ଇନ୍ଦ୍ରିୟମାନଙ୍କ ବନ୍ଧସୁନାଶକ ଯମ ଗୋ ।
ବଂଶୀପାଣିଙ୍କର ନାମ । ବଶୀକରଣ ମନ୍ତ୍ର ଉପମ ଗୋ । ୨ ।
ଅଧରଜ ମୃଗମଦ ମଳୟଜ ସଦ୍ୟ କୁଙ୍କୁମ ଜର୍ଜର ଗୋ ।
ଏ ଯେଉଁ ନିର୍ମାଲ୍ୟ ମାଳିକା ବାଳିକା ସମ୍ମୋହନ ହୃଦୟର ଗୋ ।
ଅଟେ ସେହି ମହୌଷଧି । କେ ପାଇବ କାହିଁ ଏତେ ସେହି ଗୋ । ୩ ।
ସୁଚତୁରେ ଯେଉଁ ଅତୁଲ୍ୟ ପ୍ରଭୁବାବଳ ଏହୁ ଉଦକର ।
କରଣରେ ଦନା କର ବିବେଚନା କେ ଗୁଣି ପାଇବ ପାର ଗୋ ।
ତଥା ଅନନ୍ତ ଅନନ୍ତ । ଶ୍ୟାମ କହେ ତଥା ଏ ଚରିତ ଗୋ । ୪ ।

ତାର୍ଯ— ମତ ପୃଥୀଗ୍ ଶ୍ରୀମତୀ, ଶ୍ରୁତରେ ବଶୀଖା ଭକ୍ତି, ପ୍ରାପ୍ତିମାନେ ଚମତ୍କୃତ ଭଜ ।
ଗୁଣୀଗୁଣମୟମୂର୍ତ୍ତି ନାଗରେନ୍ଦ୍ର ଚକ୍ରବର୍ତ୍ତୀ ତମାଳ ଶ୍ୟାମଳ ସ୍ନିଗ୍ଧ ଦ୍ୟୁତିରେ ।
ସଖିରେ । ମୁଁ ଅଙ୍ଗ ଉତ୍ତୀର୍ଣ୍ଣ ଅଚେତନ । ଦ୍ରବ୍ୟମାନଙ୍କର ଏତେ ଗୁଣ ରେ ।୧

ଶ୍ଳୋକ— ମାଂ ପରିହରତ ମୁକୁନ୍ଦଃ ତଦପି ଦୁର୍ବଣା ଭବେଦ୍ଧନି ଦହତି ।
ମମ ସଖି । ଗଭୀରନୀରା ଶରଣଂ ଭଗିନୀ କୃତାନ୍ତସ୍ୟ ॥ ବି: ମା: ଅ ୨।୬୩ ପଦ

କେତେ ମନ୍ଦ ମୋ କପାଳ, ଏଣିକୁ କେତେ ବିଫଳ କାହିଁକି ରହୁଛୁ 'ଛିଛି' ଶୁଣି
ଗଲେ ହୃଅନ୍ତା ସୁଖୀ ତ, କୃଷ୍ଣଲୀଳା ପାପମୂର୍ତ୍ତି ଶ୍ରୀମତୀ ଲଭିଲା ଭଲ ଗତି ରେ ।
ସଖି ରେ । ପୁଣି କୁହେ ହୋଇଣ ବାଞ୍ଛିତ । ବନ୍ଧୁବାର କେତେ ଅନୁଚିତ ରେ ।୨।
ଯାହା ଏ ମୋର ଦୂଷଣ, ବିରୋଧୀ ହେଉଛି ଅଣ, ତମାଳ ଅଷାଢ ମେଘବନ୍ତ ।
ତଗୃର ଦକ୍ଷିଣାନିଳ, ସ୍ତବକେ ନୋହେ ଦୁର୍ବଳ ମୋ ପ୍ରାଣ ମହଲ କରେ ବ୍ୟସ୍ତରେ
ସଖିରେ । ଶଙ୍କା ପଙ୍କାବଳ ବୋଲ ହୋଇ । ଦଶମ ଦଶାକୁ ଅଛି ବହୁ ରେ ।୩।
ଭାବୁଛି ମୁଁ ସଞ୍ଜୀବନୀପଥର ଯେଉଁଠୁ ଭଗିନୀତାର ସୁଗଭୀର ଯେଉଁ ଜଳ ।
ସେ ଏକା ହେବ ମୋ ରକ୍ଷା ବିପତ୍ତେ ପରମ ସଖା ଲୁହୁତ ବିଶାଖା କାହିଁ ବଳରେ
ସଖିରେ । କୃଷ୍ଣ ଅଙ୍ଗବର୍ଣ୍ଣ ସମ ତାର । ବେଗେ ତାକୁ ଦେଇ ଦୋଟେ ତାର ଗୋ

ଉକ୍ତି—

ପୁଣି କହେ ବିଶାଖିକେ ଜଟିଳା ସମ୍ମୁଖରେ । ସ୍ୱଭୂରେ ଜଣାଅ ଯିବା ସୂର୍ଯ୍ୟ ପୂଜା ଦ୍ୱାରେ । ।
ବିଶାଖା କହେ ଜଟିଳା କହୁଛନ୍ତି ମୋତେ । ଚାଲ ଚାଲ ଯିବା ଆଗେ ବୃଷଭାନୁସୁତେ ।୨
କହୁ ଶୁଣି ଦୁହେଁ ଚିତ୍ତେ ଆନନ୍ଦ ହୋଇଲେ । ସକଳ ସଜନୀ ରାଇ ସଙ୍ଗୀ ଆଜ୍ଞା ଦେଲେ ।୩।
ସୂର୍ଯ୍ୟପୂଜା ସାମଗ୍ରୀର ସଜାଡ଼ ବହନ । ଅଦ୍ଭୁତ୍ୟ ତୀର୍ଥକୁ ସଙ୍ଗେ କରିବା ଗମନ ।୪।

ତାମ୍ବୁଳି ସଖୀଗଣ ରଚନ କରନ୍ତ । ଚାଙ୍ଗୁଡ଼ାରେ ପୂଜା ଦ୍ରବ୍ୟମାନ କଲେ ସ୍ଥିତ ।୫।
ପରିଚକେ ଦେଇ ପେଟିଦେଲେ ପୂଜାସ୍ଥଳେ । ସ୍ୱୟୀ ସଖୀଗଣ ମେଳେ ଧୀରେ ଧୀରେ ଚଳେ
ଧୂପଦୀପ ରକ୍ତ ଗନ୍ଧ ଏ ଫଳ ଖଣ୍ଡଣ । ଆଉ ସବୁ ନେଇଚଳେ ଭାବ ଲୁଣ୍ଠନ ॥
ବଶାଖା ଛତ୍ରରେ ନିଳ ପଟ୍ଟଣ୍ଡ ମଣ୍ଡାଏ । ଚମ୍ପକ ଲତା ଚାମର ଧରି ଦୋହଲାଏ ।
ପରିଜନେ ଛତ୍ର ହାସ ଧରି ଚାଲୁଛନ୍ତି । କେଉଁ କେଉଁ ବାଳୀ ଶଙ୍ଖ କାହାଳୀ ବଜାନ୍ତି ॥
କିଛି ଶଦ ଗୁଲଜରେ ଚନ୍ଦ୍ରିକା ଅଛନ୍ତି । ସୁଦେବୀ ଧରିଣ ହେଉ ଜଳ ନିଯୋଗାନ୍ତି ॥
ବୀଣା ମର୍ଦ୍ଦଳ ବଜାନ୍ତି ତୁଙ୍ଗ ସଖୀ ଧୀରେ । ଇନ୍ଦୁରେଖା ମିଳି ମଧ୍ୟେ ନରତନ କରେ ॥
ରଙ୍ଗଦେବୀ ରାଗବରେ ମଙ୍ଗଳ ରାଗରେ । ଶ୍ୟାମ ବିନା ଏ ଐଶ୍ୱର୍ଯ୍ୟ କରୁଛେ ରାଧିରେ ॥

ରାଗ ମଙ୍ଗଳ.—

ଜୟ ଜୟ ଜୟ ରାଧେ ଜୟ ବ୍ରଜୋଦନୀ । ଜୟ ଜୟ ଗାନ୍ଧର୍ବିକେ ଶ୍ରୀ କେଶୋଷ୍ଣ ମଣି ହେ ବର୍ଣ୍ଣ ଚମ୍ପକ କାନ୍ତି କମନୀୟ ନୀଳ ଅମ୍ବର ଧାରଣୀ । ବାଣୀ କୋକିଳ ନାଦରୁଚିର ଚନ୍ଦ୍ରମଣ୍ଡଳ ଆନନୀ । ୧ ।

ଭାଲେ ସିନ୍ଦୂର ବିନ୍ଦୁମଣ୍ଡିତ ଅଳକ ଅଳିକୁଳ ଗଞ୍ଜନୀ ।
ହାଟକ ଘଟଙ୍କ କଣ୍ଠେ ରଞ୍ଜିତ କେଳଲୋଳ ବିହାରିଣୀ । ୨ ।
ତିଳ ସୁମନସ ନାଶେ ରଞ୍ଜିତ ହେମ କମଳାୟ ଗଞ୍ଜନୀ ।
ରମଣୀଗଣ ବର ରସିକ ସୁନ୍ଦର ବଦନ ଲୁବ୍ଧକ ଲୋଚନୀ । ୩ ।
ଗୋକୁଳ କାମିନୀ ଅଗ୍ର ଅଗ୍ରଣୀ କୁଞ୍ଜାରଣ୍ୟ ବିହାରିଣୀ ।
ଜୟ ତୁ ଜୟ ବୃଷଭାନୁ ନନ୍ଦନୀ ସକଳ ଭୁବନ ମୋହିନୀ । ୪ ।
ଶ୍ରୀ ଅଙ୍ଗ ସୌରଭ କାନ୍ତି ବୈଭବ ହୃଦୟ ଦଗନ୍ତ ବ୍ୟାପିନୀ ।
ଶ୍ୟାମ ହେ ସମୟ ଧ୍ୟାୟି କରେ ଲୟ ଦାସୀ କର ଗୋ ଆହ୍ଲାଦନ ।୫।

ଶ୍ଳୋକ—ବୃନ୍ଦାଦିକାଷ୍ଟାଦ୍ୟ ଦଦର୍ଶସା ପୁରଃ ସୁମଙ୍ଗଳାଂ ଶ୍ରୀଂ ଦଧିପାତ୍ର ଧାରିଣୀଂ ।
ଗୃଷ୍ଟଂ ଦ୍ୱିଜାତିଂ ନକୁଳଂ ମୃଗାବଳିଂ ଧେନୁଂ ସବତ୍ସାଂ ବୃଷଭଞ୍ଚ ଦକ୍ଷିଣେ ।
ଗୋ: ଲୀ: ୮ ସର୍ଗ ୪୨

ଖବ—ଭାଗ୍ୟବତୀ ରାଧା ଭେଟ ହେବେ ଶ୍ୟାମ ସାଥେ । ନାନା ଶୁଭ ଚିହ୍ନ ଦେଖେ ଗମନର ପଥେ ।

ଗଗନେ ଧବଳ ପାରାବତ ଉଡ଼ିଯାଏ । ଧବଳ ନକୁଳ ଚଳେ ବାମେ ଶିବା ଧାଏ ।୨।
ମୃଗ ପ୍ରଦକ୍ଷିଣ କରି ଲକ୍ଷଣ ତରଙ୍ଗ । ରଙ୍ଗକୁ ବଢ଼ାଏ ପାଦ ନ ବଢ଼ାଇ ଅଗ ହେ ।୩।
ବାମଚକ୍ଷୁ ଅଟଣ୍ଟରେ ଅଙ୍ଗ ପୁଲକିତ । ସପୀତବସ୍ତ୍ରା ସଦ୍ବିଜ ଧେନୁ ଅଗ୍ରେ ସ୍ଥିତ ।୪।

ଦଧିପାନ. କୃଷ୍ଣନ୍ୟସ୍ତ ଏବଂ ଚୈତନ୍ୟମୂର୍ତ୍ତି । ଅଗ୍ରଭାଗେ ଚଳେ ବୃକ୍ଷ ଦକ୍ଷିଣରେ ଭ୍ରମି ॥
ଏତେ ଦେଖି ସର୍ବ ସଖୀ କରିଲେ ଗମନ । ଶ୍ୟାମବନ୍ଧୁ କହେ ପ୍ରବେଶିଲେ ବୃନ୍ଦାବନ
ଛନ୍ଦ:—ଏହିପରେ ବୃନ୍ଦାବନେ ଯାଇ । ପ୍ରବେଶ ହୋଇଲେ ସୁନ୍ଦରମୁହିଁ । ୧ ।
ଚମ୍ପକ ଲତାଙ୍କୁ ରାଧୀ ଦେଖି । କହେ ଆଗୋ ଶୁଣ ପ୍ରାଣସଖି । ୨ ।
ପଦ୍ମା ସାମନ୍ତ ର ଅଛୁ ତହିଁ । ଯାଅ ଅର୍କତୀର୍ଥେ ସର୍ବ ସଖୀ । ୩ ।
ବିଶାଖିକା ରହୁ ମୋର ସାଥେ । ଶୁଣି ସର୍ବେ ଗଲେ ଅର୍କତୀର୍ଥେ । ୪ ।
ବିଶାଖାଙ୍କୁ ରାଧୀ ନେଇ ସଙ୍ଗେ । ଜବା ପୁଷ୍ପବନେ ମିଳେ ରଙ୍ଗେ । ୫ ।
ତହିଁ ନାଗରେନ୍ଦ୍ର ବନ୍ଧୁସଙ୍ଗେ । ସେହି ବନେ ରାଧୀ ଗଲେ ରଙ୍ଗେ । ୬ ।
ଦେଖି କୃଷ୍ଣ ଆଶ୍ଚର୍ଯ୍ୟ ହୋଇଲେ । ଶ୍ୟାମ କହେ ବନ୍ଧୁଙ୍କୁ ପୁଚ୍ଛିଲେ । ୭ ।

ଶ୍ଳୋକ— ଏଷା କାନ୍ତିକଚନ୍ଦ୍ରିକା ସୁରଖିରେବୈଲାବୃତା ହନ୍ତ ଭୂ—
ରଗ୍ରେ କିଂ କଳୟାମି କାଞ୍ଚନରୁଗ୍ମନ୍ଦ୍ରାକ୍ଷୀ ଗୌରାଙ୍ଗିକଃ ।
ଆଂ ଜ୍ଞାତଂ ମଣିନୂପୁରଧ୍ୱନିଭରଦାଳୀଜନାଳଙ୍କୃତା ।
ଗୋକାଳୀନାଂ କୁଳଦେବତା ବିଳସିତୁଂ ବୃନ୍ଦାଟବୀଂ ଭଜତ ।
ଉ୍ୟ ମା: ଅ ୨୧୭

ରାଗ ଦେଶାକ୍ଷ— କି ଅଦ୍ଭୁତ ମିତ ଏହୁ ଚିତ୍ତକୁ ମୋହୁଛି ହେ । ପଦ ।
ନୂତନ ନକ୍ଷତ୍ରବର୍ତ୍ତୀ, ସୁରଭିର ଶୈଳବୃତା ଧିତ ଏ କି ଚମତ୍କୃତ ଅଦ୍ଭୁତ ବହୁଛି ହେ ।
ଶତଧଉତ ସୁବର୍ଣ୍ଣ ବର୍ଣ୍ଣେ ପୁରେ ସୁରବନ ପ୍ରଉଦଣ ଗୌରବର୍ଣ୍ଣ ଉଦ୍ଗାର କରୁଛି ହେ ।୨
ତର୍କେ କାନ୍ତକୁଳ ଦେବୀ, ସଖିସଙ୍ଗେ ମଣ୍ଡେ ଭୂଷ କିଙ୍କିଣି ନୂପୁର ଧ୍ୱନି ଏ ବନ ପୂରିଲା ।
ଭବା ବାରବାମା ପୁନା, ରନ୍ଧଜଡ଼ିତ ପ୍ରଥମା ଗୋବର୍ଦ୍ଧନମନ୍ଦେ ଘ୍ୟନା ଚହକ ବଢ଼ିଲା ରେ ॥
ଦେଖିଲେ ଦୁଇନୟନ, ମନ୍ଦିରହେ ଏକସ୍ଥାନ " ଶ୍ୟାମବନ୍ଧେ " କହେ ଶ୍ୟାମ ଭବେକ ସାରନ୍ତ । ୫ ।

ଛନ୍ଦ—ଏତେଶୁଣି ବନ୍ଧୁ କହେ ତହିଁ । ଏଡ଼େ କେଶୀ ତୁମ୍ଭେ ଯାହାପାଇଁ ।
ଯା ଲାଗି ମୟୁର ପୁଚ୍ଛ ଚୂଳ । ପିନ୍ଧି ଲୋଟନ୍ତି ନରମପର । ୨ ।
ଯାହାଲାଗି ଶୃଙ୍ଗବେଣ ଭୂଷଣ । ଅଶନ ମଣ ବିଷ ସମାନ । ୩ ।
ଯା ଲାଗି ସଦା ଉତ୍କଣ୍ଠଚନ୍ଦ୍ର । ସେ ଅସି ମିଳିଲା ଅକସ୍ମାତ । ୪ ।
ଏବେ ଏହି ଲତା ମଧ୍ୟେ ମଧ୍ୟେ । ଲୁଚିକିର ରହିଲ ତା ସନ୍ନିଧେ । ୫ ।
ଗୁପ୍ତେ ରହି କି କହେ ଶୁଣିବା । ତଦୁପରେ ଉପାୟ ସୃଜିବା । ୬ ।
ଏ ରୀତିରେ ଦୁହେଁ ତହିଁଗଲେ । ରାଧୀ ଶୋଭା ଦେଖି ଲୋଭହେଲେ ।୭

ମହାଭାବେ ସଖୀ ଶୋଭସଣି । କହେ ବନ୍ଧୁ ଅଗେ ଶ୍ୟାମଭଣି ।୮।

ଶ୍ଳୋକ—କଣ୍ଠାଳିଙ୍ଗିତକମଳା କୁନ୍ତଳବେଣୀଶିଖଣ୍ଡକଳିତକମଳା ।
କରକମଳାଶ୍ରିତକମଳା ତତ୍ତୁଣ୍ଡପୁଟଗଳମସୌ କମଳାଂ ॥ ବି: ମା: ଅ ୭।୨୬
ରାଗ ଚକ୍ରକେଳି—

ବୃଷଭାନୁସୁତା ସଖୀ ଶୋଭା ନାୟିକା ।
ଶୁଣନ୍ତି ଦେଲେ ହୃଦମୋଦ ହୋଇଯାଏ ଅଧିକ । ପଦ ।

କରପଦ୍ମେ ଲୀଳାପଦ୍ମ ଧରିବାର ବାଧିକ । ଦେଖି ଅଛି ଚରଦୁଃଖୀ ଲଭେ ଅଶ୍ରୁଅଧିକ ।୧।
ଦୃଢ଼କଣ୍ଠେ ପୁଣି ସ୍ୱର୍ଣ୍ଣବନ୍ତ ପଦ୍ମ ଚିହ୍ନିକି । ସ୍ୱାତୀ ବିନ୍ଦୁ ମଧ୍ୟେ ଉଦ୍ଭବ କଳାନାୟିକା ।୨।
ବେଣୀ ଅଗ୍ରେ ପଦ୍ମଗୁମ୍ଫା ତନୁକମ୍ପା ଚିହ୍ନିକା । ଧରିଛି ଧରଣୀଶୋଭା ଚକ୍ରବର୍ତ୍ତୀ ରୂଢ଼ିକା
ପଦ୍ମିନୀ ପଦ୍ମସୁବାସ ସୁଚେଳ ପଦ୍ମିକା । ଖୋଜିଲେ ଉପମା କ୍ଷୁର୍ତ୍ତି ନୋହିବଟି ବାଧିକା ।୩।
ବକ୍ଷସ୍ଥଳେ ବକ୍ଷେପଦ୍ମ ଉତ୍ଫୁଲ୍ଲବା ବାଧିକା । ଯାହା ଦେଖି ଏ ମୋ ଅଛି ତେଜେ ତାପ ବ୍ୟାଧିକା ।
କରୁଛନ୍ତି ଏ କମଳା ରୂପଗୁଣଲୁବ୍ଧିକା । ଯା କୃପାରୁ ଏଥା ଶ୍ୟାମ ଗାଏ ନମି ବାଧିକା ।୨।
ଯଥାରାଗ— ମାଧବ ପରଶି ମାଧବୀ ପ୍ରଫୁଲ୍ଲ ମାଧବୀ ଅନାଇ ଛନ୍ଦେ ହେ ।
ବିଶେଷ ଉଲ୍ଲାସେ ବହନ୍ତି ସୁଘୋଷା ଚଳପଡ଼ନ୍ତି ଗମନେ ହେ ।
ଥର ଥର ହୁଏ ତନୁ । ନୀର ଝରଇ ବେନି ନୟନୁ ହେ । ୧ ।
ଗିରଗିର ବିନ୍ଦୁ ଝରଝର ସ୍ୱେଦ ଝରଝର ହୋଇ ଝରେ ।
କଣ୍ଠ କୁଣ୍ଠିତରେ ବାଣୀ ବାରେବାରେ ଧରଧର ଡାକ କରେ ସେ ।
ପୁଣି କହେ ହରହର । ଏ ଦୁଃସହ ମୋତେ ପାରକର ହେ । ୨ ।
ଶୋଭା ଦେଖିଣ ବନ୍ଧୁ ଦୁଃଖୀ ହୋଇ ବେନି ନେତ୍ରୁ ବହେ ଜଳ ।
ଧରଣ ସଖୀଙ୍କୁ ନେଇ ବୃକ୍ଷତଳେ ବସାଇଲେ ତତକାଳ ସେ ।
ଆପେ ବସିଲେ ସେ ସ୍ଥାନେ । ପ୍ରବୋଧନ୍ତି କୋମଳ ବଚନେ ସେ ।୩।
ଏ ତନ ଭୁବନେ ଧୀରତ୍ୱାଦଗୁଣେ ପ୍ରବୀଣା ଅଛନ୍ତି ଯେତେ ଗୋ ।
ତହିଁ ମଧ୍ୟେ ମେଧାବତୀ ତୁମ୍ଭେ ମୂର୍ଦ୍ଧାଭିଷିକ୍ତା ଅଟ ଯୁବତେ ।
ଏତେ ଅଧୀରତା ପଣ । ସବୁ ପକ୍ଷେ ଲଗେ ଦୋଷ ଜାଣ । ୪ ।

ଶ୍ଳୋକ—ଯସ୍ୟୋରସ୍ଥଳମଣ୍ଡଳଂ ଧୃତଜଗଦ୍‌ଭୋଗିସ୍ଥାପଣ୍ଡିତଂ
ବକ୍ତ୍ରେନ୍ଦୁଃ କୁଳଧର୍ମପଙ୍କଜବନୀସଙ୍କୋଚଦୀକ୍ଷାବ୍ରତୀ ।
ଦୋର୍ଦ୍ଦଣ୍ଡୌ ଶତଗମୁଦଗ୍ରତଟରକ୍ଷାଭୁଜଙ୍ଗୌ ବୃଷଧ୍ୱଜୌ
ହା କଷ୍ଟଂ ଦୟିତାଙ୍ଗିକା ଯଦି ଦୃଶୋର୍ଭଙ୍ଗୀ ଭୁଜଙ୍ଗୀ ତୁ ସା ।

ବିଃ ମାଃ ୭।୨୮

ରାଗ ଶୋକକାମୋଦା ।

ସଖି ! କହ କି କରିବି ପୁଣି । ରୂପ,ନାମ, ତାନମାନ, ବଂଶୀଗାନ ଦେଖି ଶୁଣି ହେବ ନ
ହେବ ବାତୁଳନୀ । ପଦ ।

କୃଷ୍ଣର ମାଧୁର୍ଯ୍ୟ ବକ୍ଷସ୍ଥଳ, କୁଳନାରୀ ମନ ବନ୍ଦୀଘର ।
ଆପାତାଳଭେଦୀ ସ୍ରୋତ ଧୃତନଦୀ, ବିରୋଧୀ ନୀଳଗିରୀନ୍ଦ୍ରମଣି । ୧ ।
ସେ ହରିର ଯେଉଁ ବେନି ବାହୁ, ଯାଗ ନୀଳମଣି ଯୂପ ସେହୁ ।
ସତୀ ଯୁଗ ବଳୀ ଲଜ୍ଜା ପଶୁବଳ, ବଳ ନ ପାରେ ଗୃହିଁବା ଯଣି । ୨ ।
ସୁବାସ ଶୀତଳ, ମନୋହର, ମୁଖ ଅକଳଙ୍କ କଳାକର,
କୁଳାଙ୍ଗନା ଧୈର୍ଯ୍ୟ ପ୍ରଫୁଲ୍ଲ ନଳିନ ବନ ସଙ୍କୁଚିତ କରେ ପୁଣି । ୩ ।
ହା କଷ୍ଟ ନୟନ ଭଙ୍ଗି କେମ, ଅଟେ ଅନ୍ତଃଲାହ ଭୁଜଙ୍ଗମ ।
ସକଳ କବଳ କରିବାକୁ ବଳ ପ୍ରବଳ ବଳୀ କାଳୀୟ ଫଣୀ । ୪ ।
ଯୁବା ଚକ୍ରବର୍ତ୍ତୀ ଗତାଗତ, ଲୋଚନ ପାପ ମୋଚନ ଷନ୍ଦ ।
ରାଜୀବ ଚରଣ ଯେ କରନ୍ତି ଧ୍ୟାନ, ସେହୁ ଜୀବନ୍ମୁକ୍ତ ଏ ଅବନୀ । ୫ ।

ଶ୍ଳୋକ— ଗୃହାନ୍ତଃ ଖେଲନ୍ତ୍ୟୋ ନିଜ ସହଜବାଲ୍ୟସ୍ୟ ବଲନା—
ଦଭଦ୍ରଂ ଭଦ୍ରଂବା ନହି କିମପି ଜାନୀମହି ମନାକ୍ ।
ବୟଂ ନେତୁଂ ଯୁକ୍ତାଃ କଥମଶରଣାଂ କାମପି ଦଶାଂ
କଥଂ ବା ନ୍ୟାଯ୍ୟାତେ ପ୍ରଥୟିତୁ ମୁଦାସୀନ ପଦବୀ ॥ ବି: ମା: ଅ ୨।୭୮ ପର

ରାଗ ଦୀର୍ଘ ବଙ୍ଗଳା ଶ୍ରୀ—

ହରିକି ବୋଲିବୁଁ ତୋତେ ଏତେ ଦଶା କାହିଁ ଦେଲ ମୋତେ ହେ । ପଦ ।
ପୁଣି ରମ୍ଭୀ କହେ ଉଦ୍ଦେଶି କୃଷ୍ଣରେ, ଗୃହର ଭିତରେ ଆନନ୍ଦ ଅନ୍ତରେ ।
ଖେଳଇ ବିବିଧ ଖେଳା ନିରନ୍ତରେ, ଏ ସୁଖ ଭାଙ୍ଗିଲ ଖରେ । ୧ ।
ସହଜରେ ବୟସରେ ମୁଁ ନୂତନ, ଗୁରୁ କୁଳ ଶୀଳ ଲଜ୍ଜା ଗୁରୁଜନ ।
ଏପରି ଜନକୁ କି ବୋଲି ମୋହନ, ପେଲିଲ ଦୁଃଖସାଗରେ । ୨ ।
ଗୃହ ଛଡ଼ାଇଣ କୁପଥେ ପକାଇ, ରହିଅଛ ତୁଚ୍ଛ ଉଦାସୀନ ହୋଇ ।
ଜୀବନେ କଦର୍ଥ୍ୟ କର ନମାରଣ, ନ୍ୟାଯ୍ୟ କି ହେଲା ବାଟୁରେ ହେ । ୩ ।
ଭଲ ମନ୍ଦ ଦୁଇ ତୁମ୍ଭର ନ ଜାଣି, ବଳେ ବିକି ହେଲି ତୁମ୍ଭ ନାମ ଶୁଣି ।
ନାରଜିଲ ବ୍ରଜବନ୍ଧୁ କେଉଁ ଦୋଷେ, ଶରଣାପନ୍ନ ଜନରେ । ୪ ।
ତୁମ୍ଭେ ହୁଅ ଅବା ନିର୍ଦ୍ଦୟ କରୁଣ, ମୋର ଗତି ତୁମ୍ଭ ବିନା ନାହିଁ ଆନ ।
ଚକୋରକୁ ଚନ୍ଦ୍ର କଲେ ବରଜନ, ସେ କା ପାଖକୁ ଯାଇପାରେ । ୫ ।

ଶ୍ଳୋକ— ଅକାରୁଣ୍ୟଃ କୃଷ୍ଣୋ ଯଦି ମୟି ତବାଗଃ କଥମିଦଂ
ମୁଧା ମା ରୋଦୀର୍ମେ କୁରୁ ପରମିମା ମୁତ୍ତରକୃତଂ ।
ତମାଲସ୍ୟ ସ୍କନ୍ଧେ ପ୍ରଣିହିତ ଦୋର୍ବଲ୍ଲରିରିୟଂ
ଯଥା ବୃନ୍ଦାରଣ୍ୟେ ଚିରମବଚଳା ତିଷ୍ଠତି ତନୁଃ ॥ ଉ: ମା: ଅ ୨।୨୦

ରାଗ କାମୋଦୀ :—

ଅଗୋ ପ୍ରାଣସହି । ତୁମ୍ଭ ଗୁଣ କି ସୁଝି ପାରିବି ମୁହିଁ ।
କୃଷ୍ଣରୂପଚନ୍ଦ୍ର ଦେଖାଇ ପବିତ୍ର କଲ ପାପିନୀଙ୍କ ଦାସୀ ବହି । ପଦ ।
କହେ ସଖି ଶୁଣ ମୋପ୍ରତି ମୋହନ, ଯଦ୍ୟପି ହୋଇଲେ ନିଷ୍କରୁଣ ।
ଏଥି ତବ ଦୋଷ କିଛି ନାହିଁ ଲେଶେ, ବୃଥା କେନ୍ଦନ୍ତ ତେଜି ଅନୁ ବନ । ୧ ।
ଅତି ହତଭାଗୀ ଯା ନାମ ଲଳିତା, କୃଷ୍ଣ ନାମ ବର୍ଣ୍ଣି ହେଲି ଦାନୁ ।
ରାଗ କଳ୍ପଦ୍ରୁମ ପ୍ରେମଫଳପାନ, କଲି ଦେହ ମୋହ ଗଲା ମନୁ । ୨ ।
ଗୋପୀଙ୍କ ମାନସ କୃଷ୍ଣ ହେଲେ ତୋଷ, ମୋଠାରେ ନିଷ୍ଠୁର ହେଲେ ସେହି ।
କର୍ମ ହେଲେ ବାମ ପିନ୍ଧାଇ ବସନ, ଫଣି ଥାଇ ଠାଇ ଜାଣିଲଇଁ । ୩ ।
ତୁମ୍ଭ ସ୍ନିଗ୍ଧମତି, କୃପା ଅକୂପାର, ଏତେକ ମାତର ମାଗୁଅଛି ।
ମୋ ଉତ୍ତର କାର୍ଯ୍ୟ, କରିବ ସଧୈର୍ଯ୍ୟ, ହୋଇ ଆଉ ନ ବିଗୃହି କିଛି ।୪।
ତମାଳର କନ୍ଧେ, ମୋ ଭୁଜବନ୍ଧେ, ଚିର ଅନୁବନ୍ଧେ ରଖାଇବ ।
କୃଷ୍ଣରୂପ ଚନ୍ଦ୍ରପଦ୍ମ ମୋର ନେତ୍ର ସଲଖରେ ଲଖ କରି ଦେବ । ୫ ।
କୃଷ୍ଣ ସେବା ଦାସୀମାନଙ୍କୁ ଆଣ୍ଡାସି କହୁ ନିର୍ମାଲ୍ୟ ବସନ ଅଣି ।
କୃଷ୍ଣଭୋଗ୍ୟ ଯୋଗ୍ୟ, ନୋହେ ମୁଁ ମୋ ଅଙ୍ଗ ଆଚ୍ଛାଦିବ ଶ୍ୟାମ ଶୀତେଭଣି ।୬।

ଛନ୍ଦ— ପୁଣି ସଖୀର ଉତ୍କଣ୍ଠା ବଢ଼େ ଘନ ଘନ ।
ଭଣେ "ହା କୃଷ୍ଣରେ ମୁହିଁ ହୋଇଲି କଷଣ । ୧ ।

ହେ ବନହନ୍ତ୍ରୀ ସେବକୀ ହତ କାହିଁ କର । ତୁମ୍ଭର ଏ ଗୁଣ କୋହେ ଏ ପାପିନୀଫଳ ।୨।
ବହି କି କାର୍ଯ୍ୟ ଯମୁନା କରିବ ପ୍ରବେଶ । ଏତେ ଭଣି ସଖୀକୁ କହନ୍ତି ମୃଦୁଭାଷ । ୩ ।
ମୋର ଅତିପ୍ରିୟ ଏହି ଏକାବଳୀମାଳା । ମୋହର ସ୍ମରଣ ଲାଗି ରଖ ତୁମ୍ଭଗଳା ।୪।
ଏତେ କହି କଣ୍ଠୁଁ କାଢ଼ି କହୁଁଗତ ପ୍ରାଣ । ହେବ ଭାବ ବଶା ଶିକା ନପେଧିଲେ ପୁଣ ।୫।
ତହୁଁ କହେ ସଖି ମୁହିଁ ଅନକୃତ୍ୟ ସାର । ଆସିବା ଯାଏ ଏ ସ୍ଥାନେ ଥାଅ ଗୋ ସୁନ୍ଦରୀ ॥
ଏତେ କହି ଯମୁନା ଗମନେ ଦୁଇ ଧନି ସଦାବିନାଯାଯ କରନ୍ତେ ମନେଭାବେ ଧନୀ । ୬ ।
ହା ହା ତ୍ରୈଲୋକ୍ୟ ମୋହନ ମୁଖ ଚନ୍ଦ ମୁହିଁ । ଆଉ ନ ଦେଖିବି ଯମୁନାରେ ଝାସ ଦେଇ

ଏତେ ଭାବ ନବନ୍ତି କହନ୍ତି ବିଶାଖାଙ୍କୁ । କୃଷ୍ଣରୂପ ଚିତ୍ରପଟ ଦେଖନ୍ତି ! ଆମ୍ଭଙ୍କୁ । ୧ ।
ସେ କହିଲେ ଗୃହେ ଅଛି ଶୁଣି ପୁଣି ରାଧା । ଭାଳେ ଏକାଗ୍ରଚିତ୍ତରେ ଧ୍ୟାନ କରବଇଁ ॥
ଧ୍ୟାନବଳେ କୃଷ୍ଣରୂପ କରବ ଦର୍ଶନ । ଧାବି ବସି ଚମ୍ପୁ ହେଲେ ରକ୍ଷିକରେ ଧାନ ।୧୧।
ବିଶାଖାର ଦୁଃଖଲେଖା ବର୍ଣ୍ଣିବା ଅଭକମ । ଶ୍ୟାମ କହେ ଦେଖିବେ ବାଣି ଉଚେତନ ॥

ଗଦ୍ୟ—

ଏଣେ ନାଗରେନ୍ଦ୍ର ଥାଇ ବୃନ୍ଦାବନ ଅନ୍ତରେ । ସୁବ୍ଧଁ ର ଏ ବାଣୀ ଶୁଣି ନେନ୍ଦ୍ର କରନ୍ତରେ ॥
ବନ୍ଧୁଙ୍କୁ କହନ୍ତି ଆହେ ଶୁଣ ପ୍ରିୟସଖେ । ଯା ନିପାଏ ହୃଦେ ମୋର ରାଧିକାର ଦୁଃଖେ ।୨।
ଏତେକ କହି ମୋହନ ହୋଇଲେ ଅସ୍ଥିର । କଣ୍ଠ ରୁନ୍ଧେ ହୋଇଣ ନେତ୍ରୁ ଝରେ ନୀର ।୩।
ଶୁଦ୍ଧଭାବ ଅନୁରାଗ ଜାଣି ଲେ ମୋହନ । ସମ୍ଭାଳି ନ ପାରି ତହିଁ ହୋଇଲେ ଉନ୍ମନ ।୪।
ବନ୍ଧୁ ସଙ୍ଗେ ନେଇ ତହିଁ ଗଲେ ଲତାନ୍ତରେ । କହୁଦୂରେ ନାଗରେନ୍ଦ୍ର ଲତାରୁ ବାହାରେ ॥
ରାଧାନିକଟେ ଆସିଲେ ପଦାକ୍ରମ କରି । କେତେ ପ୍ରାଣପ୍ରାପ୍ତେ ହେଲା ବିଶାଖା ସୁନ୍ଦରୀ ।୫।
ଆନନ୍ଦ ସାଗରେ ମଜ୍ଜି ଗଦଗଦ ସ୍ୱରେ । ବଚନ କହିଲେ ତହିଁ ଶ୍ରୀମତୀ ଛାମୁରେ ।୬।

ଶ୍ଳୋକ— ଯଦର୍ଥଂ ସଂକ୍ଲାନ୍ତ୍ୟୈ ତପସି ହତ କନ୍ଦର୍ପ କଦନେ
ମୃଦୁଂ ବା ଭୁଞ୍ଜାରେ କ୍ଷ୍ମଲସୃସି ତନୁଂ ପ୍ରେମଦହନେ
ଅଖଣ୍ଡେନାପିତ୍ୱଂ ସଖି ! ନବଶିଖଣ୍ଡେନ କଲସନ୍
ବିଲାସୀ ଯୋସ୍ୟନ୍ତ୍ୱେ ସ୍ଫୁରତି ପୁରତୋ । ଜୀବତପତିଃ ॥ ଉ: ମ: ୬୧୩

ରାଗ ମୁଖାରୀ :—

ନବରଙ୍ଗିଣି ଗୋ, ବନ୍ଧୁଜନ ଚିନ୍ତିକ ! ଗୃହ୍ନିଁ ନେନ ଚାଲ ଆଗେ ଛଭ ବେଦ୍ଗାଣୀ'ପଦ
ଯାହାଲାଗି ତବଗଣ୍ଡୁଁ ନ ଗୁଡ଼ଇ ପାଣି । ଯାଲାଗି ହୃଦେ ଲଗିଛି ଦର୍ପକଦାବାଗ୍ନି ।୧।
ଅଙ୍ଗମୃଦୁ ଅଙ୍ଗ ତବ କଣିଛି ଲବଣୀ । ତରଳେ ଯାହାର ବଂଶୀଧ୍ୱନି ଚେତନଦେନ ।୨।
ନୀପଫୁଲଗୁଳ ଫୁଲ ଯାହା ନାମ ଶୁଣି । ଯା ଚିତ୍ରରୂପ ଦର୍ଶନେ ହୋଇଅଛ ଧ୍ୟାନ ।୩।
ସେହି ଜୀବପତି ଏ ଶିଖଣ୍ଡଚୂଡ଼ାମଣି । ଦେଖିଅଛେ ସ୍ଥିତ ଗୋପୀଗଣ ଚିନ୍ତାମଣି ।୪।
ଯାହା ଲାଗି କଣ୍ଠହାର ଭ୍ରମେ ମଣ ଫଣି । ଶ୍ୟାମ କହେ ଏବେ ଦେଖ ତାର ରୂପଠାଣି ।୫।

ଶୁଣି ଏ ବଚନ ଚେତନ ବଦନ ରାଧା ଶ୍ୟାମଙ୍କ ମୁଖେ ଦ୍ୱେ ।
ଦେଖିଣ ପଲକ ନ ଲାଇ ନ ପାରେ ଚମତ୍କୃତ କରନ୍ତି ମନେ ସେ ।
ସାଧୁ ସାଧୁ ରାଧା ତୁ ରେ ! କେତେ ତପ କଲୁ କେଉଁଠାରେ । ୧ ।
ଧନ୍ୟ ତୁହି ପ୍ରାଣ ରହିବାର ଧନ୍ୟ ଆଜ ସୁଫଳ ହୋଇଲାରେ ।
ଧନ୍ୟରେ ନୟନ ଶ୍ରୀକୃଷ୍ଣ ଚରଣ କମଳ ଦର୍ଶନ କଲୁ ।
ଧନ୍ୟ ଧନ୍ୟ ନାସା ହେଲୁ । କୃଷ୍ଣ ଅଙ୍ଗବାସ ଆଘ୍ରାଣିଲୁ । ୨ ।

ଏଭାବ ମନରେ ବିଚାର କରିଣ ସଖୀସଙ୍ଗେ ଉଭାହେଲେ ।
ଏଣେ କ୍ରମେ କ୍ରମେ ଆସିଣ ମୋହନ ସନ୍ନିକଟେ ପ୍ରବେଶିଲେ ।
ଶ୍ୟାମଚନ୍ଦ୍ର କହେ ଭେଟିଲେ । ବିଶାଖାରେ କହ ମୁଛାଇଲେ । ୩ ।

ଜୃହା—କୃଷ୍ଣ କହନ୍ତି ଅଗୋ ବିଶାଖିକା । କେତେ ତୁମ୍ଭଙ୍କୁ ଖୋଜୁଛୁଁ ଏକା ।୧।
ଭ୍ରମି ଭ୍ରମି ସବୁ କାନନରେ । ଭାଗ୍ୟେ ଦେଖା ହେଲ ଏ ସ୍ଥାନରେ ।୨।
ଅତିସୁବାସିତ ମନୋହର । ରଙ୍ଗଣୀ ମାଳା ନେଇ ଆମ୍ଭର ।୩।
ଅପକ୍ୱ ଗୁଞ୍ଜାଫଳର ମାଳ । ପ୍ରତାରଣା କରି ମୋତେ ଦେଲ ।୪।
ମଧୁକହେ କରିଣ ପ୍ରତିଜ୍ଞା । ସଖେ କିପାଁ କରୁଛ ଯାଚଜ୍ଞା ।୫।
ତୁମ୍ଭର ରଙ୍ଗଣୀମାଳା ହେର । ସଖୀକଣ୍ଠେ ହୋଇଅଛି ହାର ।୬।
ଆଣ ବଳାତ୍କାରେ କଣ୍ଠୁଁ କାଢ଼ି । ଦେବଦ୍ରବ୍ୟ ବଢ଼ିଅଛି ପ୍ରୀତି ।୭।
ଅବଳାବଳକୁ କିପାଁ ଡର । କରାଗ୍ରେ ଟେକିଛ ଗିରିବର ।୮।
ଶୁଣି କୃଷ୍ଣ କହନ୍ତେ ହେଲେ କର । କି କହୁଛ ଧର୍ମଧ୍ୱଜ ବର ।୯।
ଏହିରୂପ ଧର୍ମଭ୍ରଂଶ କର୍ମ । ତୁମ୍ଭଠାରୁ ଶୁଣି ହେଲି ଭ୍ରମ ।୧୦।
ନହେ ଜାଣତ ହେଲେ ସ୍ୱପନେ । ନାରୀସ୍ପର୍ଶ କରନାହୁଁ ଦିନେ ।୧୧।
ବ୍ରହ୍ମଚର୍ଯ୍ୟ ଧର୍ମେ ବନବାସୀ । ତାଙ୍କ କି ଏ ଉପଦେଶ ସ୍ୱାମି ।୧୨।
ଶୁଣି ଏ ନର୍ମ ବଚନମାନ । ସଖୀ ଭାବେ ମୋହ ହେଲ କଣ୍ଠ ।୧୩।
ଏକା କଣ୍ଠ କିପାଁ ? ଜୀବ, ହଂସ । ସହିତେ ମୋ ଜ୍ଞାନେନ୍ଦ୍ରିୟ ବଶ ।୧୪।
କୃଷ୍ଣପ୍ରାପ୍ତିର ଏମନ୍ତ ମୂର୍ତ୍ତି । ସାଧିବ ଏ କଲେ ଜୀବ ଗତି ।୧୫।
ଶ୍ୟାମ କହେ ସେ କାଳ ଉତ୍ସବ । କାହା ଭାଗ୍ୟଥିବ ଦେଖା ହେବ ।୧୬।

ଶ୍ଳୋକ— ଆକୃଷ୍ଟାନ କଟାକ୍ଷଭଙ୍ଗିଭିରଲଂ ଗୋପାଙ୍ଗନାନାଂ ଦୃଶ୍ୟା
ରକ୍ଷାନ୍ୟନ ମନାଂସି ଯାନି ନମିଷୋନ୍ମୁକ୍ତାନି ନେତ୍ରାଣ୍ୟପି ।
ତାନେଏତାନ ଭବାନ୍ ନବାଞ୍ଜନ ଘନୋ ଗୁଞ୍ଜାବଳୀନାଂ ଛଳାତ୍
ପିଞ୍ଛାନାଞ୍ଚ ସଦା ପ୍ରସାଧନଧିୟା ସନ୍ଧାରୟନ୍ନନ୍ଦତୁ । ବି: ମା: ୨।୭୭

ବ୍ରଜମୋହନ, ଅତି ଭାଗ୍ୟହୀନ ଆମ୍ଭ ଜୀବନ । ବିଶାଖା କହେ ସୁନ୍ଦର,
ତବ ଅନୁରାଗ ନୀର ପିପାସୀ ଗୋପୀଙ୍କି କଲ ରଞ୍ଜନ ।୧।
ବାହା କାମନା ସମ୍ପୂର୍ଣ୍ଣ, କରନାହିଁ ତୁମ୍ଭ ପ୍ରେମ, ଏକା ଆମ୍ଭେମାନେ ହେଲୁଁ ବଞ୍ଚନ ।୨।
ଅନୁରକ୍ତ ଗୋପାଙ୍ଗନା କର ବିରହ ବେଦନା
ପ୍ରତି ଧନ୍ୱନ୍ତରି ଅଟ ଆପଣ ।୩।

ଅନୁରକ୍ତ ଗୋପୀମନ   ଅନିମେଷମୁକ୍ତ ନୟନ
ଯେଉଁଭଙ୍ଗିରେ କରିଛ ହରଣ ।୩।
ସେହି ଏହି ଗୁଞ୍ଜାମାଳୀ   ଚନ୍ଦ୍ରକ କର ଅଂଶାଳ
ଅନନ୍ତର କରିଅଛ ଭୂଷଣ । ୪ ।
ନଖ ମୁଖ ଇନ୍ଦୁ ଖଣ୍ଡ,   ହାସ ସୁଧାଂଶୁ ପିଣ୍ଡ
ଚନ୍ଦ୍ରାବଳୀରେ ହୋଇଛି ମଣ୍ଡନ । ୫ ।
ଶ୍ୟାମବନ୍ଧୁ କହେ ଗୀତେ,   ବିଶାଖା କହନ୍ତି ଏତେ
ଯମୁନା କେବଳ ଆମ୍ଭ ଶରଣ । ୬ ।

ଦୀର୍ଘ ଛନ୍ଦ—

ସୁରଙ୍ଗ ନୟନା ବିଶାଖା ସଖୀ । କୁରଙ୍ଗୀ ଦେଖି ହୋଇ ଅତି ସୁଖୀ । ୧ ।
କହେ ଶ୍ଳେଷଭଙ୍ଗି ବଚନମାନ । ନିଜ ସଖୀ ପ୍ରେମକର ଅଡ଼ନ । ୨ ।

ଶ୍ଳୋକ—ଅକରୁଣ ତ୍ୟକ୍ତ୍ୱା ତଙ୍ଗାଂ କୁରଙ୍ଗଂ ପ୍ରେମ୍ଣା ସଙ୍ଗତାଂ ହରିଣୀଂ ।
ବିଫଳଂ କୁର୍ଦ୍ଦନଚଞ୍ଚଳତ୍ୱଂ ବନାତ୍ ବନଂ ଭ୍ରମସି । ବିଃ ମାଃ ୨।୮୩।

ରାଗ ଶଙ୍କର ଭରଣ—

ଆରେ ତରୁଣ ହରିଣ । ତରୁଣୀ ହରିଣୀଠାରେ କୃପା ଅକରୁଣରେ । ପଦ ।
ଗୃହ ମୋହ ଛାଡ଼ି ଅଙ୍ଗେ ବହି ପୁଷ୍ପବାଣ ।
ଅଶ୍ରୁଯୁକ୍ତ ମୁଖୁଁ ଦୁଃଖ ନ ଯାଏ ଲଖନ । ୧ ।
ତବ ଅନୁରାଗ ଯୋଗ ବେଗରେ ତନ୍ମନା
ମନ୍ମଥ କଦନୁ ଅନୁତାପ ପ୍ରତପଣ । ୨ ।
ଏବେ ତ ନବୀନା ରସ ଅନଭିଜ୍ଞା ପୁନ ।
ଥାଉ କ୍ଳେଶ ସହିବାର ଭ୍ରମତା ଗମନ । ୩ ।
ଏବେ ଦୁଃଖେ ପାଖେ ସ୍ଥିର ହୋଇଅଛି ଛନ୍ନ
ବିଫଳ ହେବାରୁ ଭ୍ରମୁଅଛ ବନେ ବନ । ୪ ।
ଅନୁରାଗ ସାରଗ୍ରାହୀ ନୁହ କି ଦାରୁଣ ।
ଶଶା ଅଶାଭୂଷା ଦଶା ନଷ୍ଟେ ହେବ ଜାଣ । ୫ ।

ଦୀର୍ଘ ଛନ୍ଦ—ଶୁଣି ପୁଣି ଗୁଣୀଗଣ ଭୂଷଣ । ବଂଶୀପାଣି ଗୃହେଁ କରକଦ୍ରୁମ । ୧ ।
ଆପଣା ଆତ୍ମୀୟ ଭାବ ଲକ୍ଷି । ସାଧୁ ବୁଦ୍ଧି ମଧୁକୁ କର ସାକ୍ଷୀ । ୨ ।

ଶ୍ଳୋକ—ହୃଦ ତାଡ଼ିତୋଽପି ଦାଡ଼ିମୀ ସୂନବେ ସ୍ୱଗୋଣ ତେରୁଚା ବହିତା ।
ପକ୍ଷିମଣ୍ଡଳୀ କ୍ୱାପି ନୈଷ୍ଠ ଶୁକଃ ସଙ୍ଗତ୍ୟ ମାତ୍ୟ ॥ ବିଃ ମାଃ ୨।୮୪ ପର

ରାଗ କଲ୍ୟାଣ —

କନକ କର ଏତେ ତ୍ୱରେକ । ତବ ବଦନେ ସଦା ଏ ଶୁକ । ପଦ ।
ରୁଚି ରୁଚିର ସୁମଦନସଗରେ । ଶ୍ରୀ ଛାଡ଼ିତ ହୁଏ ହନ୍ତତରେ । ୧ ।
ତୃଷାର୍ତ୍ତେ ତୁମେ କେମେ ଭଜେ ବନ । ଆଜ ରୁଧମାନ ନ କର ପନ । ୨ ।
ନିମିଷ ବିଷ ମଣି ତବ ଶୋଷ । ପ୍ରଭୁରେ ହୋଇଅଛ ଅତି ଲୋଷ । ୩ ।
ପରପାକ ଦଶା ଶଙ୍କାରୁ ବହି । ଶୁକ ଯୁବା ଅଛି ସନ୍ଦେହେ ରହି । ୪ ।
ଆତୁର ହେଲେ ଚତୁର ବଶରୁ । ଉଦାରତ୍ୱେ ହୋଇଅଛି ଗୁରୁ । ୫ ।
ଶ୍ୟାମ କହେ ହେଲେ ତାର୍ଯ୍ୟକ ଜୀବ । କି ହେବ ଅଛି ବିଷନ୍ନତା ଭାବ । ୬ ।

ଛନ୍ଦ—

ଏହି ବାଣୀ ଶୁଣି ସଖୀମାନେ ବିଚାରଇ । ଏହି ଉପଦେଶ ମୋର ମଙ୍ଗଳ ଅଟଇ । ୧ ।
ଲବମାତ୍ର ରହିବାରେ ଏ ପାପ ଜୀବନ । ଯେ ଦୈନ୍ୟ ଅର୍ଜିଲୁ ନାହିଁ ଅଧ ଉର୍ଦ୍ଧ୍ୱ ସମ ।୨।
ଏହି ସମୟରେ ଚନ୍ଦ୍ର ଜଟିଳା ମିଳିଲେ । ତାଙ୍କୁ ଦେଖି ମଧୁ ମଧୁବୈରି ଦୂରେ ଗଲେ ।
ଚନ୍ଦ୍ରମୁଖୀ ସଖୀ ଦେଖି ବିସ୍ମିତ ହୋଇଲେ । ଶିରେ ବଜ୍ରପାତ ବତ ଚିତ୍ତେ ସେ ମଣିଲେ ।।
ବୃନ୍ଦା କହେ ବିଶାଖିକେ ଗଢ ଆଦ ଚେକି । ଅଇଲ କି ଲାଗି ତୁମ୍ଭେମାନେ ହସ ବସି ।
ପୁଣି ଦେଖ ମଧ୍ୟାହ୍ନ ସମୟ ଅତିକ୍ରମ । ଏତେ କହି ସଙ୍ଗେ ନେଇ ଚଲେ କହେ ଶ୍ୟାମ ।।

ଶ୍ଳୋକ— ଚନ୍ଦ୍ରକାଂ ଚନ୍ଦ୍ରଲେଖାମ୍ବୁଷ୍ଟକୋଡ଼େ ସାତୁମୁଦଂଚେ ।
ପିଧାନଂ ବଦଧେ ହନ୍ତ ଶରଦମ୍ଭୋଧରାବଳୀ । ବିଃ ମାଃ ୨୭୯।

ଯଥାରାଗ ଃ—

ଏଥୁଅନ୍ତେ ହରି, ଦୁଃଖେ ହୋଇ ଧାଇ ଚଳିଲେ ବନ୍ଦୀର ସାଥେ ହେ ।
ଅତି କ୍ଷୁଣ୍ଣମିତ ଦେହେ ଯେ ଗୋବିନ୍ଦ ଭାବିଲେ ଦୁଃଖ ସହିତେ ସେ
କୋଟିଯୁଗର କୃପଣ । ରତ୍ନ ହରାଇ ହୁଏ ଯେସନ ସେ । ୧ ।
ଚନ୍ଦ୍ରଙ୍କୁ କହନ୍ତି ଶୁଣ ମୋ ଭାରତୀ ଦାରୁଣ ଦଇବ ଲକ୍ଷଣ ।
ପୀପାସୀ ଚାତକେ ଘନରସ ଦେଇ କୁଳିଶ କଲା ବର୍ଷଣ ସେ ।
ଜନ୍ମଅନ୍ଧେ ଚକ୍ଷୁଦାନ । କରି ପୁଣି କଲା ହରଣ ସେ । ୨ ।
କହିଲାରୁ ଛଳେ, ବଧୂ ବାମଦଳେ, ସଖୀ ସଙ୍ଗ ଭଙ୍ଗ କଲା ।
ଯଥା ପୂର୍ଣ୍ଣଚନ୍ଦ୍ର ଦେଖିଣ ଚକୋର ହରଷିତ ଅତି ହେଲା ହେ ।
ଲୋଭ ହୋଇ ସୁଧାପାନେ । ରହେ ତାହାର ଅନୁସରଣେ ହେ । ୩ ।

ଶରଦ ଶୁକ୍ଳ — ମେଘ ଅସି ଯେସନେ ଢାଙ୍କଇ ଚନ୍ଦ୍ରମଣ୍ଡଳ ।
ତଥା ରାଧାଙ୍କ ବଦନେ ଦେଖିଲ କୁଟିଳା ହୋଇଲା କାଳ ସେ
ଶୁଣି ମଧୁ କହେ ଗୀତ । ସତେ ଏ କି ଦଣ୍ଡ ବିହାର ସେ । ୪ ।
ଏତେ କହି କହି ହୋଇ ଦୂର ମିତ୍ର ନିଜ ଗୋଷ୍ଠକୁ ଚଳିଲେ ।
ଶ୍ୟାମଚନ୍ଦ୍ର ପଞ୍ଚନାସ୍ଥିକ କହଇ ଏଣୀଟିରେ ଯାଇଁ ମିଳିଲେ ହେ ।
ସେ ଦୁହିଙ୍କ ଶ୍ରୀଚରଣ । ଧ୍ୟାନ କରି ମୋର ଯାଉ ଦିନ ହେ । ୫ ।

ସାର୍ଦ୍ଧ:—

ତେଣେ ଜଟିଳାଙ୍କୁ ଯେନି, ବିଶାଖା କାଶୋଦ୍ଭୂମଣି ବ୍ରଜତୀର୍ଥେ ଯାଇଁ ପ୍ରବେଶିଲେ ।
ସର୍ବ ଧାମ ଶିରୋମଣି ଜଟିଳା ଦେଖି ବନ୍ଦନ, ବିଶାଖାଙ୍କୁ ତହିଁ ଆଜ୍ଞା ଦେଲେ ସେ ।
ଜଟିଳା । ବୋଲେ ବିଶାଖିକେ ତୁମ୍ଭେ ଚଳ । ଘେନିଆଣ ଏକ ଦ୍ୱିଜବର ଗୋ । ୨ ।
ଶୁଣିଣ ଚଳିଲେ ସଖୀ ତୀର୍ଥବାସୀ ବିପ୍ର ଦେଖି, ପ୍ରଣାମ କହିଲେ ଶୁଦ୍ଧମୁଖୀ ।
ଦିବାକରଙ୍କ ପୂଜନେ ଆଣିଲେ ତାହାଙ୍କୁ ତୁଷ୍ଟେ ଜଟିଳା ଆନନ୍ଦ ହେଲେ ଦେଖି ସେ
ସତ୍ବରେ । ପ୍ରଣମିଲେ ବିପ୍ରଙ୍କ ପୂର୍ବରେ । ବଧୂଆଦି ନେଇଣ ସଙ୍ଗରେ ସେ । ୬ ।
ଜଟିଳା ବିପ୍ରଙ୍କ ପାଦ, ଧୋଇଲେ ହୋଇ ଆନନ୍ଦ, ପାଦୋଦକ ମସ୍ତକେ ଧରିଲେ ।
ତଦନ୍ତେ ପୂଜାମଣ୍ଡଳ, ରଚିତେ କଲେ ସଂସ୍କାର ବୃଷଭାନୁସୁତା ସଖୀମେଳେ ସେ
ତତ୍ପୂରେ । ଚଞ୍ଚଳ ହୋଇଣ ସର୍ବେ ପୁଣି । ବାଢିଲେ ପୂଜା ସାମଗ୍ରୀ ଆଣି ସେ । ୩ ।

ଯଥା ରାଗ:—

ମୋହନଭୋଗ ଖୁରୁମା ଗଜା ତାଳମ୍ବ ବଡ଼ିଇ କେହିଁ ଆଳ ହେ ।
କେହୁ ବାଢ଼େ ମୋତିଚୂର ସେ ମାଣ୍ଡୁଅ ମାଠପୁଲି ସରପୁଲି ସେ ।
ବାଢ଼େ କେ ଖଇରଚୁଳ । ଝିଲ୍ଲୀ ବୁନ୍ଦିଆ ରଖେ ସତ୍ୱର ସେ । ୧ ।
କେ ବାଢ଼େ ପାପୁଡ଼ି ଅମାଲୁ ଆରିସା ଛତୁଆ ଜହ୍ନିମଣ୍ଡୁର ହେ ।
କାନ୍ତି ଜଗନ୍ନାଥବଲ୍ଲଭ କାଂବରମଣ୍ଡୀ କେ ରଖେ ଧରି ସେ ।
ସୁଧା କେଳି ରସାବଳି । ରଖେ ଆଣି କେହୁ ନବବାଳି ସେ । ୨ ।
ଦଧି ଦୁଗ୍ଧ ଛେନା ଗୋଟିକା ଲବଣୀ ସର ଘୃତ ଚିନି ମଧୁ ହେ ।
ନବାତ ଶାକର ଫେଣା ମିଶ୍ରୀ କନ୍ଦ ଖଣ୍ଡ ବଟେ କେଉଁ ବଧୂ ସେ ।
ରସ ସାନ୍ତି-କୋରି ଖଇ । ପେଡ଼ା ସନ୍ଦେଶ କେହୁ ବାଢ଼ଇ । ୩ ।
ନାରିକେଳ ତଳଲଡୁ ରଖେ ପୁଣି ଅମୃତପାଣି କଦଳୀ ସେ ।
କେ ବାଢ଼େ ମଧ୍ୟାମ ନାରିକେଳ ରମ୍ୟ ମଣ୍ଡାସ ଦ୍ରାକ୍ଷା ସପୁରି ସେ ।
ପକ୍ୱଚୂତ ସୀତା-ଫଳ । ଜାମୁ ତାଳମ୍ବ କେ ଜାଳ ଠୁଳ ସେ ୪ ।

କେ ଆଣେ ବସ୍ତ୍ର ଚନ୍ଦନ ଧୂପ ଦୀପ ବିଧୂ ଆଳତୀ ଅତର ହେ ।
ନାଗବଲ୍ଲୀବାସ ପୂଗ ଦେବ ପୁଷ୍ପ କେଉଁ ରଙ୍ଗାଧରୀ କର ସେ ।
କେହୁ ଛତ୍ର ହାସ ଧରେ । କେହୁ ଚାମର ବିଞ୍ଚଇ ଧୀରେ ସେ । ୫ ।
ଦେଖି ବିପ୍ରବର ଗମିଲେ ସତ୍ୱର କୃଷ୍ଣ ଆସନେ ବସିଲେ ହେ ।
ସ୍ୱସ୍ତୀକରେ କୁଶମୁଦ୍ରିକା ଦେଇଣ ସଙ୍କଳ୍ପ ବିଧାନେ କଲେ ସେ ।
ଏହା ଦେଖି ସର୍ବ ଅଳି । ଆନନ୍ଦରେ ଦେଲେ ହୁଳହୁଳି ସେ । ୬ ।

ଶ୍ଳୋକ— ପ୍ରଣମ୍ୟ ତାଂ ଭକ୍ତିଭରେଣ ତନ୍ୱୀ ବଦ୍ଧାଞ୍ଜଳିଙ୍କଳ୍ପ ବରଂ ଯୟାଚେ ।
ନିର୍ବିଘ୍ନ ଗୋବିନ୍ଦ ପଦାରବିନ୍ଦ—ସଙ୍ଗୋଽସ୍ତୁ ମେ ଦେବ ! ଭବତ୍ପ୍ରସାଦାତ୍ ।
ଗୋଃ ଲୀଃ ସ° ୮।୬୮ । ଶ୍ଳୋକଃ ।

ଯଥା ରାଗଃ—
ସେକାଳେ ସଦ୍‌ଭକ୍ତି ଚିତ୍ତରେ ଶ୍ରୀମତୀ କରପଦ୍ମ ଯୋଡ଼ି ସ୍ତବ ହେ ।
ହେ ଦେବ ତବ ପ୍ରସାଦରୁ ନିର୍ବିଘ୍ନେ କୃଷ୍ଣପଦେ ଦାସୀ ହେବି ସେ ।
ଏହି ବର ମାଗେ ଦେବ । ତୁମ୍ଭେ ଅଟ ଦେବାଧି ଦେବ ହେ । ୭ ।

ଶ୍ଳୋକ—ଆସନଂ ସ୍ୱାଗତଂ ପାଦ୍ୟମର୍ଘ୍ୟମାଚମନୀୟକଂ ।
ମଧୁପର୍କାଚମନଂ ସ୍ନାନଂ ବସନାଭରଣାନି ଚ ।
ସୁଗନ୍ଧ ସୁମନୋଧୂପ ଦୀପଂ ନୈବେଦ୍ୟମେବ ଚ ।
ନୀରାଜନ ମୁଖବାସମୁପଚାରାଣି ଷୋଡ଼ଶ ।

ଯଥାରାଗଃ—ବିପ୍ର ଦଇବତ ଆସନ ସ୍ୱାଗତ ପାଦ୍ୟ ଅର୍ଘ୍ୟ ସମର୍ପିଲେ
ଆଚମନ ମଧୁପର୍କ ସ୍ନାନାନ୍ତେ ବସନ ଭୂଷଣ ଦେଲେ ଯେ
ସୁଗନ୍ଧ ସୁମନ ଧୂପ । ନଇବେଦ୍ୟ ଆଦ୍ୟ ହେଲେ ଦୀପ ହେ । ୮ ।
ତଦନ୍ତେ ଯଥାର୍ଥ ବିଧାନରେ ମୁଖବାସ କ୍ରମୁକାଦି ଦେଲେ ।
ବିବିଧ ପ୍ରକାର ଆଳତି କଲେ ସଖୀ ହୁଳହୁଳି ଦେଲେ ସେ ।
ତାର ଶେଷେ ତା ଲଭିଲ । ସମସ୍ତଙ୍କୁ ଦେଲେ ଧୂପ ନେଇ ସେ । ୯ ।
ବନ୍ଧାପନାପାଇଁ ଅଷ୍ଟସଖୀ ରାଇ ରତ୍ନ ସୁର୍ପମାନ ନେଇ ଯେ ।
ରଖିଲେ ମଣ୍ଡଳ-ମଧ୍ୟରେ ତଣ୍ଡୁଳ କଣେ ଶ୍ରୀ ଦୁର୍ବାଦି ନେଇ ଯେ
ବନ୍ଦାପନା ଆରମ୍ଭିଲେ । ଦେଖି ସଖୀ ହୁଳହୁଳି ଦେଲେ ସେ । ୧୦ ।
କୃଷ୍ଣ ପାଦପଦ୍ମ ସେବାରେ ଏ ଜନ୍ମ ଜନ୍ମାନ୍ତରମାନ ଯାଉ ହେ ।
ଏମନ୍ତ ମାନସେ ସଙ୍କଳ୍ପ କରି ସେ ବନ୍ଦାଇଲେ ଠେକି ବାହୁ ସେ ।
ତଦନ୍ତରେ ଅଷ୍ଟ ସଖୀ । ବନ୍ଦାଇଲେ ସେହୁ ବାଞ୍ଛା ବାନ୍ଧି ସେ । ୧୧ ।

ନନ୍ଦାପନା ସାରି ଜଟିଳା ଅଦ୍ଭୁତ ପ୍ରଣାମ କଲେ ସକଳେ ।
ବିପ୍ରେ ସେହୁ ବେଧି କରୁ ସନ୍ତୋଷେ ହୋଇ ଆଶୀର୍ବାଦ ଦେଲେ ସେ ।
ଏହୁପରି ସନ୍ଧ୍ୟରେ । ସୂର୍ଯ୍ୟପୂଜା ସର୍ବେ କରାଇଲେ ସେ ।୧୨।
ସୁରଦେବ ପୂଜା ସାରିଣ ଭୂସୁର-ପୂଜାବିଧାନ ବହିଲେ ସେ ।
ଷଡ଼ରସଯୁକ୍ତ ଚତୁର୍ବିଧ ଭକ୍ଷ୍ୟ ଦାନେ ତୃପ୍ତ କରାଇଲେ ସେ ।
ଯଥା ଉଚିତ ଦକ୍ଷିଣା । ପାଇଁ ବ୍ରାହ୍ମଣ ହେଲେ ତୁଷ୍ଟ ସେ । ୧୩ ।
ସମ୍ଭାରସକଳ ନେଇଣ ସଯତ୍ନେ ଚଳିଲେ ନିଜମନ୍ଦିରେ ।
ପେଟ୍ଟା ସେବା ଆବୋରଣ ଅଷ୍ଟ ସଖୀ ସ୍ୱୟଂ ବଳେ କରାଇଲେ ସେ ।
ଅଲୁର୍ଣ୍ଣ କରଗତ । ଗୃହେ ପ୍ରବେଶିଲେ ବୃନ୍ଦାବନ୍ତୀ ସେ । ୧୪ ।
ପ୍ରସାଦାଦି ସର୍ବ ଯତନେ ରଖିଲେ ନେଇଣ ଏକ ମନ୍ଦିରେ ସେ ।
ତାରଶେଷେ ପରିଜନେ ଘେରି ଧରି ସ୍ୱାମୀପଦ ପୂଜାଇଲେ ସେ ।
ତହୁଁ ସର୍ବେ ହୋଇ ସ୍ୱସ୍ଥ । ବସିଲେ ସେ ଶ୍ୟାମ କହେ ଗୀତ ସେ ।୧୫।

ରାଗ ଖମ୍ବ—

ତହୁଁ ସେ ଜଟିଳା କୁଟିଳାକୁ କହେ ଗୀର । ବାଃ ଆଦି ଯାଇ ପରସାଦ ସେବା କର ଗୋ ॥
ଶୁଣିଣ ଜଟିଳା ରହିଥାଇଲେ ମାନ ଥୋଇ । ବସାଇଲେ ସ୍ୱାମୀ ବଣାଖାଅଙ୍କୁ ନେଇ ଗୋ ॥
ପୃଥକ ପୃଥକ ସର୍ବେ ପ୍ରସାଦ ରଖିଲେ । ସର୍ବେ ଏକମେଳ ହୋଇ ପ୍ରସନ୍ନେ ପାଇଲେ ॥
ତାର ଶେଷେ ଆଚମନ ସାରଣ ସକଳେ । ତାମ୍ବୁଲ ଚର୍ବଣ କଲେ ନାନା କୁତୂହଳେ ।୪।
ତଦୁତ୍ତାରୁ ରାଧା ନିଜ ସଖୀପୁଞ୍ଜ ନେଇ । ନିଜ ମନ୍ଦିରମଧ୍ୟରେ ପ୍ରବେଶିଲେ ଯାଇ ।୫।
ବଡ଼ଦୁଃଖୀ ହୋଇ ବଣାଖାରି ଧରି ପାଣି । ବନ୍ଧୁ କଥ କହେ ଶ୍ୟାମବନ୍ଧୁ ଗୀତେ ଭଣି ॥
ଶ୍ଳୋକ—ପୀତଂ ନବାଗନ୍ତୁତମସ ହରେରଶଙ୍କଂ ନ୍ୟସ୍ତଂ ମୁଖାସ୍ୟ ବଦନେ ନ ତୁ ଗଅଞ୍ଚଲିଃ ।
ରମ୍ୟେ ଶରଦବସରେ ସଖୀଲକ୍ଷ୍ମାନେ ହା ଦୁର୍ଦ୍ଦୈବକୃତବୁଦ୍ଧେ ଜଗଚ୍ଛଲେନ ॥

ଗୋ: ମ.ଃ ୨।–୫ ପର

ପ୍ରେମ୍ବାଳି - କେତେ ତପେ ପାଇଥିଲି ବନମାଳୀ ଗୋ । ପଦ ।
ଅହୁଁ ଅଧିକ ମୃଦୁଗୀର, ଶ୍ରୁତି ମୁକ୍ତି କରାଇଲ ମୋର ।
"ହା ହା ଏହା ହୋଇ" ଅଶେଷ ବଚନ ଏ ପାପ-ଶ୍ରବଣେ କି ଶୁଣିଲି ।୧।
ମୁଖ ନିରମଳ ସୁଶୀତଳ ଜିଣିଛି କମଳ କଳାକର,
ଏ ପାପନୟନ ସେ ସ୍ମରିଲେ ପଡନ୍ତି ଯତନ ଉଭାବେ ନ କରିଲି ।୨।
ଅଙ୍ଗ ସୁଶୀତଳ ପରିମଳ, ନାସାରନ୍ଧ୍ରେ ନ ହୋଇଣ ମେଳ
ନାଥ ହେ ଛାମୁରେ ରଖ ଅନାଥରେ ବୋଲି ମୁଖେ ଏତେ ନ ବୋଇଲି ॥

ଦରପଣ ମରକତ ମଣିବର୍ଣ୍ଣ ଗଣ୍ଡ ଝଳ ପାରେ ଜଣି ।
ତହିଁରେ ସ୍ଥଚଳ ମକର କୁଣ୍ଡଳ କାମିନୀ ମାନସ ଦଏ ଦଳ । ୪ ।
ଶ୍ୟାମ କହେ ସଖୀ କହେ ତାଙ୍କୁ ଦେଖା ହୋଇଥିଲା କ ଯୋଗରୁ ।
ଦାରୁଣ ଜରତୀ ଛଳେ ଏ ବିପତ୍ତି ବାନ୍ଧିଲା ଦୁର୍ବିଧି ବାଧ୍ୟ ଶୃଙ୍ଖଳ ।୫।

ଉକ୍ତି --- ଏତେ ଶୁଣି ବିଶାଖିକା କହେ । ଧୈର୍ଯ୍ୟ ଧର ସଖି । ହୁଅ ଥିରେ ।୧।
କେବଳ ଲଳିତା ପ୍ରତ୍ୟାଗମ । ଗୃହୁଁ ମୁଁ ହୋଇଛି ନିରୁଦ୍ୟମ ।୨।
ପୌର୍ଣ୍ଣମାସୀଙ୍କ କି ଆଜ୍ଞା ହୁଏ । ଶୁଣି କରିବ ଅନ ଉପାୟେ ।୩।
ଶ୍ୟାମବନ୍ଧୁ କହେ ଏହିମତ । ପ୍ରବୋଧ ବଚନ ସଖୀପ୍ରତ ।୪।

ଦ୍ୱିତୀୟ ଅଙ୍କର ବ୍ୟାଖ୍ୟା ହେଲା ସମାପତ । ଶ୍ରୀରାଧା ମୋହନ ପଦେ ପ୍ରଣତ ସତତ ଯେ ॥
ଏହି ଉଜ୍ଜ୍ୱଳ ରସର ମହାଭାବମୟୀ । ଅଦ୍ୱୈତ ପ୍ରେମମୟୀ ଚିନ୍ତାମଣି ଆଶ୍ରୟୀ ହେ । ୨ ।
ତାର ପଦଦାସୀ ପଦେ ସେବି ନିବେଦନ । ପ୍ରାକୃତ ରଚନା କରଲଇଁ ତାର ନାମ ଟେ ।୩।
କବି ନୁହେ ନୁହେ ମୁହିଁ ପୁଣି ଯେ ପଣ୍ଡିତ । କୃଷ୍ଣଚୈତନ୍ୟ ନ ଜାଣଇ ପାଷଣ୍ଡରବତ ଯେ ॥
ରସ ଆସ୍ୱାଦନେ ଯେହୁ ହେଲେ ନନ୍ଦସୁତ । କନ୍ଦର୍ପଦର୍ପହା କୃଷ୍ଣ ସୁରର୍ଷର ପାଣି ଯେ ।୫।
ପରକୀୟ ରସ ଆସ୍ୱାଦନେ ଏହୁ ଭୁଇ । ବ୍ରଜେ ପ୍ରକଟିଲେ ମାଧୁର୍ଯ୍ୟରେ ବାନ୍ଧି ହୋଇ ଯେ ॥
ମଧୁରରସେ ମଜ୍ଜିଣ ମଧୁର ମୂରତ ଉଜ୍ଜ୍ୱଳ ବଢ଼ିଲା ରାଧାଭାବ ହୃଦେ ଚିନ୍ତ ଯେ ।୬।
ପ୍ରେମଭକ୍ତି ପ୍ରଦାନ କରିଲେ ଭକ୍ତଗଣେ । ରାଗାନୁଗା ଭକ୍ତି ଶିଖାଇଲେ ସେହୁ ଜନେ ।୮।
ଶ୍ରୀଚରଣାମୃତ ପ୍ରାପ୍ତ ହେଲେ ସେ ସରବ । ଶ୍ୟାମ କହେ ମୋର ଦେଖ ଯମ ହେ ମାଧବ ॥

ଇତି ଶ୍ରୀ ବିଦଗ୍ଧମାଧବ ନାଟକ ସୂତ୍ରାନୁରୂପ ଶ୍ରୀ ନବାନୁରାଗ ରସୋତ୍ସବେ
ଦ୍ୱିତୀୟୋଽଙ୍କଃ ।

ତୃତୀୟ ଅଙ୍କ ।

ଖଣ୍ଡ :—

ଅତଃପର କ୍ଷଣାନ୍ତରେ ଲଳିତାସୁନ୍ଦରୀ । ପ୍ରବେଶ ହୋଇଲେ ଯାହିଁ ପୌର୍ଣ୍ଣମାସୀପୁରୀ ।୧।
ଆଗେ ଦେଖେ ମହାସୁଖେ ଦେବୀ ଭଗବତୀ । ନନ୍ଦନାନ୍ଦକାରଣେ ବସି ଅଛନ୍ତି କି ସାଧନ୍ତି ॥
କେଶ କାଶପୁଷ୍ପ ବାସ ଦେହ ବଂଶପତ୍ର । କଷାୟବସନ ଭୂଷଣ ସ୍ୱର୍ଣ୍ଣବର୍ଣ୍ଣ ଘର । ୩ ।
ଏତେ ଦେଖିଣ ଲଳିତା ଆନନ୍ଦ ହୋଇଲେ । ଦେବୀ ପଦ୍ମପାଦେ ମୋଦେ ପ୍ରଣାମ କରିଲେ ।
